
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୪ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 APRIL 2024
Vol.No. 35 ■ No.101 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମଧ୍ୟପ୍ରାଚ୍ୟରେ ଘନଉଛି ଆଉ ଏକ ଯୁଦ୍ଧ ଆଶଙ୍କା

## ରକ୍ତମୁଖା ଇରାନ, ଇସ୍ରାଏଲ ଉପରେ ଆକ୍ରମଣ ଆଶଙ୍କା



ନୂଆଦିଲ୍ଲୀ, ୧୩/୪ : ଇସ୍ରାଏଲ ଉପରେ ପ୍ରତିଶୋଧ ନେବାକୁ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରେ ଇରାନ । ଏପ୍ରିଲ ୧ରେ ସିରିଆର ଡାମସକସରେ ଥିବା ଇରାନ ଦୂତାବାସ ଉପରେ ଇସ୍ରାଏଲ ଏୟାରଷ୍ଟ୍ରାଇକ କରିଥିବା ଅଭିଯୋଗ କରିଥିଲା । ଘଟଣାରେ ୨ଜଣ ସେନାଧିକାରୀଙ୍କ ସହ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା । ଏହାର ପ୍ରତିଶୋଧ ନେବାକୁ ଇରାନ ଆକ୍ରମଣ କରିବା ଆଶଙ୍କା ପ୍ରକାଶ ପାଇଛି । ଇରାନର ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନି ଘୋଷଣା କରିଛନ୍ତି ଯେ, ଏପ୍ରିଲ ୧ ଦୂତାବାସ ଆକ୍ରମଣ ପଛରେ ଇସ୍ରାଏଲର ହାତ ରହିଛି । ଏଥିପାଇଁ ଇସ୍ରାଏଲକୁ ମିଳିବ ନିଶ୍ଚିତ ଦଣ୍ଡ । ସେପଟେ ଇସ୍ରାଏଲ କହିଛି ସବୁ ପ୍ରକାର ଆକ୍ରମଣର କଡ଼ା ଜବାବ ଦିଆଯିବ । ପ୍ରସ୍ତୁତ ଅଛି ଇସ୍ରାଏଲ । ଶୁକ୍ରବାର ଦ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲରେ ଏକ ଖବର ପ୍ରକାଶିତ ହୋଇଥିଲା । ଇରାନ ସରକାରଙ୍କ ସହ ଜଡିତ ଜଣେ ଅଧିକାରୀଙ୍କ ବୟାନକୁ ଆଧାର କରି ଆକ୍ରମଣ ଆଶଙ୍କା ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି । ୪୮ ଘଣ୍ଟା ଭିତରେ ଇସ୍ରାଏଲ ଉପରେ ଇରାନ ଆକ୍ରମଣ କରିପାରେ ବୋଲି ରିପୋର୍ଟରେ କୁହାଯାଇଛି । ସେପଟେ ଆମେରିକା ଗୁଇନ୍ଦା ସଂସ୍ଥା ମଧ୍ୟ ସମାନ ଆକଳନ କରିଛି । ଏଥିସହ ଯୁଦ୍ଧ ଆଶଙ୍କା ଭିତରେ ସାଉଦି ଆରବ, ଚୀନ, ତୁର୍କୀ, ଅନେକ ୟୁରୋପୀୟ ଦେଶ ସହ ଆଲୋଚନା କରିଛି ଆମେରିକା । ଯୁଦ୍ଧ ଆଶଙ୍କାକୁ ଦୃଷ୍ଟିରେ ରଖି ମଧ୍ୟପ୍ରାଚ୍ୟ ଦେଶଗୁଡିକରେ ହାଇଆଲର୍ଟ ଜାରି କରାଯାଇଛି । ଆମେରିକା, ବ୍ରିଟେନ, ଜର୍ମାନୀ, ରୁଷ, ଭାରତ ନିଜ ଦେଶର ନାଗରିକଙ୍କୁ ମଧ୍ୟପ୍ରାଚ୍ୟ ଗସ୍ତ ନକରିବାକୁ ଆଡଭାଇଜରୀ ଜାରି କରିଛି । ଉଭୟ ଦେଶରେ ରହୁଥିବା ନାଗରିକ ସେଠାକାର ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ଗୋଟେ ପଟେ ରୁଷ-ୟୁକ୍ରେନ, ଅନ୍ୟପଟେ ପାଲେଷ୍ଟାଇନ ଓ ଇସ୍ରାଏଲ ଯୁଦ୍ଧ ଚାଲିଛି । ଏହା ଭିତରେ ନୂଆ ଯୁଦ୍ଧ ଆଶଙ୍କା ବିଶ୍ୱକୁ ଚିନ୍ତାରେ ପକାଇଛି । ଆଗକୁ ମଧ୍ୟପ୍ରାଚ୍ୟରେ ସାଂଘାତିକ ସ୍ଥିତି ଉପଜିବା ନେଇ ଆଶଙ୍କା ପ୍ରତିକ୍ଷଣରେ ବଢ଼ିବାରେ ଲାଗିଛି । ସେପଟେ ଇରାନରେ ତେଜିଛି ଇସ୍ରାଏଲ ବିରୋଧୀ ଆନ୍ଦୋଳନ । ପ୍ରଧାନମନ୍ତ୍ରୀ ବେଞ୍ଜାମିନଙ୍କ କୁଶପୁତଳିକା ଦାହ କରାଯାଉଛି । ହମାସ-ଇସ୍ରାଏଲ ଯୁଦ୍ଧ ଭିତରେ ଇରାନ ହମାସକୁ ପ୍ରଥମରୁ ସମର୍ଥନ କରୁଛି । ଏଥିସହ ଅନେକ ମୁସଲିମ ବହୁଳ ଦେଶଙ୍କ ସମର୍ଥନ ମଧ୍ୟ ମିଳୁଛି । ଏହା ଭିତରେ ଯଦି ଇସ୍ରାଏଲ ଉପରେ ଇରାନ ଆକ୍ରମଣ କରେ ତେବେ ଏହାର ଭୟାବହତା ସହଜରେ ଅନୁମାନ କରି ହେଉଛି ।

# ସୋମବାର କେଜ୍ରିୱାଲଙ୍କ ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩/୪ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ । ଆସନ୍ତା ସୋମବାର ସର୍ବୋଚ୍ଚ ଅଦାଲତ ତାଙ୍କ ଆବେଦନର ଶୁଣାଣି କରିବେ ବୋଲି ଦିନ ଧାର୍ଯ୍ୟ କରିଛନ୍ତି । ମାର୍ଚ୍ଚ ୨୧ରେ ଇଡି କେଜ୍ରିୱାଲଙ୍କୁ ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ କରିଥିବା ବେଳେ ଏହା ବିରୋଧରେ ସେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ । କିନ୍ତୁ ଦିଲ୍ଲୀ ହାଇକୋର୍ଟ ତାଙ୍କ ଗିରଫଦାରୀକୁ ବୈଧ କହିଥିଲେ । ଏହାକୁ କେଜ୍ରିୱାଲ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । ଏବେ ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ସୋମବାର ଗିରଫଦାରୀ ବିରୋଧରେ କେଜ୍ରିୱାଲ କରିଥିବା ଆବେଦନର ଶୁଣାଣି କରିବେ । ଏନେଇ ଆଜି ସୁପ୍ରିମକୋର୍ଟଙ୍କ ୱେବସାଇଟ୍‌ରେ ସୂଚନା ଦିଆଯାଇଛି । ମାର୍ଚ୍ଚ ୨୨ରେ ଦିଲ୍ଲୀର ଟ୍ରାଏଲ କୋର୍ଟ କେଜ୍ରିୱାଲଙ୍କୁ ୬ ଦିନ ପାଇଁ ରିମାଣ୍ଡରେ ପଠାଇଥିଲେ । ଏହାପରେ ଏହାକୁ ଆଉ ୪ ଦିନ ବୃଦ୍ଧି କରାଯାଇଥିଲା । ଏପ୍ରିଲ ୧ରେ ରିମାଣ୍ଡ ଅବଧି ଶେଷ ହେବା ପରେ କୋର୍ଟ ତାଙ୍କୁ ଏପ୍ରିଲ ୧୫ ଯାଏ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । କେଜ୍ରିୱାଲ ଏବେ ତିହାର ଜେଲରେ ଅଛନ୍ତି । ତେବେ କେଜ୍ରିୱାଲ ତାଙ୍କ ଗିରଫଦାରୀ ସହ ଇଡି ରିମାଣ୍ଡର ବୈଧତାକୁ ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି । ଏପ୍ରିଲ ୯ରେ ହାଇକୋର୍ଟ କେଜ୍ରିୱାଲଙ୍କ ଆବେଦନର ଶୁଣାଣି କରିଥିଲେ ମଧ୍ୟ କୌଣସି ପ୍ରକାରର ଆଶ୍ୱସ୍ତି ଦେଇ ନଥିଲେ । ତାଙ୍କ ଗିରଫଦାରୀକୁ କୋର୍ଟ ବୈଧ ଦର୍ଶାଇଥିଲେ । ଇଡି ଦାଖଲ କରିଥିବା ପ୍ରମାଣକୁ ବିଚାରକୁ ନେଇ କୋର୍ଟ କେଜ୍ରିୱାଲଙ୍କୁ ଦିଲ୍ଲୀ ଅବକାରୀ ନୀତି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ କହିବାକୁ ମଧ୍ୟ ପଛାଇ ନଥିଲେ ।

# ୩ ଡକାୟତ ଗିରଫ: ୧ କେଜି ସୁନା ଗହଣା, ୩ ଲକ୍ଷ ଟଙ୍କା ଜବତ



ଭୁବନେଶ୍ୱର, ୧୩/୦୪ (ନି.ପ୍ର): ୫ ଜିଲ୍ଲା ପୁଲିସ ପାଇଁ ମୋଷ୍ଟ୍ ୱାଣ୍ଟେଡ ଥିବା ଏକ କୁଖ୍ୟାତ ଡକାୟତ ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ । ସେମାନଙ୍କଠାରୁ ୧ କେଜି ସୁନାଗହଣା, ୧ କେଜି ୩୦୦ ଗ୍ରାମ ରୁପା ଅଳଙ୍କାର ଓ ନଗଦ ୩ ଲକ୍ଷ ୨୫ ହାଜର ଟଙ୍କା ଜବତ କରାଯାଇଛି । ଗିରଫ ଡକାୟତମାନେ ହେଉଛନ୍ତି, ବେହେରା ଓରଫ କାଜଲ, ଜଗତସିଂହପୁର ଶୁଭ୍ରକାନ୍ତ ଯାଜପୁର ଜିଲ୍ଲା ▶▶ପୃଷ୍ଠା ୭

# ବିଜେପିରେ ମିଶିଲେ ବିଧାୟକ ବ୍ୟୋମକେଶ ରାୟଙ୍କ ମାମୁ



ଚାନ୍ଦବାଲି , ୧୩/୪ (ନି.ପ୍ର): ବିଜେପିରେ ମିଶିଲେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ମାମୁ ଅଜୟ ନାୟକ । ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ବିଜେଡ଼ି ରାଜ୍ୟ ସମ୍ପାଦକ ଥିଲେ ଅଜୟ ନାୟକ । ବ୍ୟୋମକେଶଙ୍କ ଟିକେଟକୁ ବିରୋଧ କରୁଥିବା ଅଜୟ ଆଜି ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ▶▶ପୃଷ୍ଠା ୭

# ସାଙ୍ଗଙ୍କ ସହ ଖେଳୁ ଖେଳୁ ୪୦ ଫୁଟ ତଳକୁ ଖସି ପଡ଼ିଲା ନାବାଳକ

ନୂଆଦିଲ୍ଲୀ, ୧୩/୪ : ଗହମ ଅମଳ ପରେ ସେହି ବିଲରେ ହସଖୁସିରେ ସାଙ୍ଗଙ୍କ ସହ ଖେଳୁଥିଲା ୬ ବର୍ଷର ନାବାଳକ । ମାତ୍ର ହଠାତ୍ କେହି କିଛି ବୁଝିବା ପୂର୍ବରୁ ନାବାଳକଜଣକ ୪୦ ଫୁଟ ତଳ ବୋରୱେଲକୁ ଖସି ପଡ଼ିଥିଲା । ଫଳରେ ହସଖୁସିର ମାହୋଲକୁ ଲାଗିଲା ଝଟକା । ପିଲାଟିକୁ ବଞ୍ଚାଇବାକୁ ଆଖପାଖ ଲୋକେ ଆପ୍ରାଣ ଉଦ୍ୟମ କରି ଅସଫଳ ହେବା ପରେ ପୁଲିସ୍ ଓ ପ୍ରଶାସନକୁ ସୂଚନା ଦେଇଥିଲେ । ଗତ ଶୁକ୍ରବାର ମଧ୍ୟପ୍ରଦେଶର ରିବା ଜିଲ୍ଲାର ମନିକା ଗାଁରେ ଏପରି ଏକ ଘଟଣା ଘଟିଥିବା ବେଳେ ପିଲାଟିକୁ ବଞ୍ଚାଇବା ନିମନ୍ତେ ପ୍ରଶାସନ ▶▶ପୃଷ୍ଠା ୭

# ୯ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ: ବାଲେଶ୍ୱରରୁ ଲଢ଼ିବେ ଶ୍ରୀକାନ୍ତ



ଭୁବନେଶ୍ୱର, ୧୩/୦୪ (ନି.ପ୍ର): ରାଜ୍ୟର ଆଉ ୯ ଲୋକସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ । ବାଲେଶ୍ୱରରୁ ଦଳ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ଟିକେଟ୍ ଦେଇଥିବା ବେଳେ ଭଦ୍ରକରୁ ଲଢ଼ିବେ ଅନନ୍ତ ପ୍ରସାଦ ସେଠୀ । ସେହିପରି ଯାଜପୁରରୁ ଅଞ୍ଚଳ ଦାସଙ୍କୁ ଟିକେଟ ଦିଆଯାଇଥିବା ବେଳେ ଢେଙ୍କାନାଳରୁ ସସ୍ମିତା ବେହେରା, କେନ୍ଦ୍ରାପଡ଼ାରୁ ସିଦ୍ଧାର୍ଥ ସ୍ୱରୂପ ଦାସ, ଜଗତସିଂହପୁରରୁ ରବୀନ୍ଦ୍ର ସେଠୀ, କେନ୍ଦୁଝରରୁ ମୋହନ ହେମ୍ବ୍ରମ, ପୁରୀରୁ ସୁଚରିତା ମହାନ୍ତି ଓ ଭୁବନେଶ୍ୱରରୁ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କୁ ଦଳ କରିଛି ପ୍ରାର୍ଥୀ । ଏହା ସହିତ ଏଯାବତ ମୋଟ ୧୭ଟି ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଛି । ଆଉ ୪ଟି ଆସନ- ସମ୍ବଲପୁର, ଆସିକା, କଟକ ଓ ମୟୂରଭଞ୍ଜରେ ଦଳ ପ୍ରାର୍ଥୀ ଘୋଷଣା କରିବ । ଗତ ୨ ତାରିଖରେ ୮ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା । ଦଳ ବରଗଡ଼ରୁ ସଂଜୟ ଭୋଇଙ୍କୁ ପ୍ରାର୍ଥୀ କରିଥିବା ବେଳେ ସୁନ୍ଦରଗଡ଼ରୁ ଜନାର୍ଦ୍ଦନ ଦେହୁରୀ, ବଲାଙ୍ଗିରରୁ ମନୋଜ ମିଶ୍ର, କଳାହାଣ୍ଡିରୁ ଦ୍ରୌପଦୀ ମାଝୀ, ନବରଙ୍ଗପୁରରୁ ଭୁଜବଳ ମାଝୀ, କନ୍ଧମାଳରୁ ଅମିର ଚାନ୍ଦ ନାୟକ, ବ୍ରହ୍ମପୁରରୁ ରଶ୍ମିରଂଜନ ପଟ୍ଟନାୟକ ଓ କୋରାପୁଟରୁ ସପ୍ତଗିରି ଉଲାକାଙ୍କ ନାଁ ଘୋଷଣା କରିଥିଲା । ବିଜେପି ଓ ବିଜେଡି ରାଜ୍ୟର ସମସ୍ତ ୨୧ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ବାଲେଶ୍ୱରରେ ଶ୍ରୀକାନ୍ତ ଜେନାଙ୍କ ଲଢ଼େଇ ବିଜେପି ନେତା ତଥା ବର୍ତ୍ତମାନର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ▶▶ପୃଷ୍ଠା ୭






# କୋର୍ଟଙ୍କୁ କହିଲା ସିବିଆଇ: ଆପ୍‌କୁ ୨୫ କୋଟି ଦେବା ପାଇଁ ଶରତ ରେଡ୍ଡୀଙ୍କୁ ଧମକାଇଥିଲେ କବିତା



ନୂଆଦିଲ୍ଲୀ, ୧୩/୪ : ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଆରଏସ୍ ନେତ୍ରୀ କେ କବିତାଙ୍କୁ ନେଇ ସାଂଘାତିକ ତଥ୍ୟ ଦେଇଛି ସିବିଆଇ । ମାମଲାର ଅନ୍ୟତମ ଅଭିଯୁକ୍ତ ଅରବିନ୍ଦ ଫାର୍ମାର ପ୍ରମୋଟର ଶରତ ଚନ୍ଦ୍ର ରେଡ୍ଡୀଙ୍କୁ ୨୫ କୋଟି ଟଙ୍କା ଆପ୍‌କୁ ଦେବା ପାଇଁ କବିତା ଧମକାଇ ଥିଲେ । ୨୫ କୋଟି ଟଙ୍କା ଦେଲେ ତାଙ୍କୁ ଦିଲ୍ଲୀ ଅବକାରୀ ନୀତି ଅଧୀନରେ ୫ଟି ରିଟେଲ ଜୋନ ମିଳିବ । ଯଦି ଶରତ ରେଡ୍ଡୀ ଟଙ୍କା ନ ଦେବେ, ତା'ହେଲେ ଆପ୍ ତେଲଙ୍ଗାନା ଓ ଦିଲ୍ଲୀରେ ତାଙ୍କ ବ୍ୟବସାୟୀକୁ କ୍ଷତି ପହଞ୍ଚାଇବ ବୋଲି କବିତା ଧମକ ଦେଇଥିବା ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କୁ ଜଣାଇଛି । ଶରଦ ରେଡ୍ଡୀ ପ୍ରଥମେ ଇଡି ଦ୍ୱାରା ସମାନ ମାମଲାରେ ଗିରଫ ହୋଇଥିଲେ । କିନ୍ତୁ ସେ ପରବର୍ତ୍ତୀ ଅବସ୍ଥାରେ ଏହି ମାମଲାର ରାଜସାକ୍ଷୀ ବନି ଯାଇଛନ୍ତି । ସେ ରାଜସାକ୍ଷୀ ବନି ଯିବାରୁ ତାଙ୍କ ଜାମିନ ଆବେଦନକୁ ଇଡି ବିରୋଧ କରି ନଥିଲେ । ତେଣୁ ତାଙ୍କୁ ଦିଲ୍ଲୀ କୋର୍ଟରେ ଜାମିନ ମିଳି ସାରିଛି । ସିବିଆଇ ମଧ୍ୟ ଶରତ ରେଡ୍ଡୀଙ୍କ ସମ୍ପର୍କରେ ଏଯାଏ କୌଣସି ପ୍ରକାରର ଚାର୍ଜଶିଟ ଦାଖଲ କରି ନାହିଁ । ଇଡି ଦ୍ୱାରା ଗିରଫ ହୋଇଥିବା କବିତାଙ୍କୁ ଗୁରୁବାର ସିବିଆଇ ବିଧିବଦ୍ଧ ଭାବେ ଗିରଫ କରିଥିଲା । ଶୁକ୍ରବାର ତାଙ୍କୁ ଇଡି ▶▶ପୃଷ୍ଠା ୭

# କଙ୍ଗନାଙ୍କୁ ଟକ୍କର ଦେବେ ବିକ୍ରମାଦିତ୍ୟ



ହିମାଚଳ ପ୍ରଦେଶ, ୧୩/୪ (ନି.ପ୍ର): ହିମାଚଳ ପ୍ରଦେଶରେ ଜୋରଦାର ହେବ ନିର୍ବାଚନ ଲଢ଼େଇ । ବିଜେପି ଟିକେଟ୍‌ରେ ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତଙ୍କୁ ଟକ୍କର ଦେବେ କଂଗ୍ରେସର ବିକ୍ରମାଦିତ୍ୟ ସିଂହ । ମଣ୍ଡି ଲୋକସଭା ଆସନରୁ ବିକ୍ରମାଦିତ୍ୟ ନିର୍ବାଚନ ଲଢ଼ିବେ । ଏନେଇ ତାଙ୍କ ମା' ତଥା ହିମାଚଳ ପ୍ରଦେଶ ମୁଖ୍ୟ ପ୍ରତିଭା ସିଂହ ଘୋଷଣା କରିଛନ୍ତି । ତେବେ ଦଳ ପକ୍ଷର ଅଫିସିଆଲ ଭାବେ ତାଙ୍କ ନାଁ ଘୋଷଣା ହେବା ବାକି ଅଛି । ସେପଟେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ମଧ୍ୟ ଏନେଇ ସଂକେତ ଦେଇଛନ୍ତି । ସେ କହିଛନ୍ତି, 'ଏହା ସୁନିଶ୍ଚିତ ଯେ, ମଣ୍ଡି ଆସନରୁ ଆମକୁ ଜଣେ ▶▶ପୃଷ୍ଠା ୭

# ତୁଣ୍ଡରାରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ



ତୁଣ୍ଡରା, ୧୩/୪ (ନି.ପ୍ର): ହନୁମାନ ଜୟନ୍ତୀ ଅବସରରେ ତୁଣ୍ଡରା ପଂଚାୟତ ଅଫିସ ନିକଟ ହନୁମାନ ଜୀଉଙ୍କର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଦିନରେ ପ୍ରସାଦ ସେବନ ସାଙ୍ଗକୁ ରାତ୍ରୀରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିନିଅର ଓ ଜୁନିୟର ବିଭାଗରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କମିଟିର ସଭାପତି ଶ୍ରୀ ରାମନାରାୟଣ ଶତପଥୀ, ମୁଖ୍ୟ ଅତିଥିଭାବେ ସରପଂଚ ଗଙ୍ଗାରାଣୀ ସାହୁ, ସମ୍ମାନିତ ଅତିଥିଭାବେ ମିନି ଷ୍ଟେଟବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ପରିଚାଳକ ଶ୍ରୀ ସନ୍ତୋଷ କୁମାର ବିଶ୍ୱାଳ ଓ ମୁଖ୍ୟବକ୍ତାଭାବେ ନାଏବ ସରପଂଚ ତଥା ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ପରିଚାଳକ ଶ୍ରୀ ବସନ୍ତ କୁମାର ପଢ଼ିଆରୀ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। କମିଟିର ସମ୍ପାଦକ ଶ୍ରୀ ରାଧାନାଥ ବିଶ୍ୱାଳ ମଂଚ ପରିଚାଳନା କରିଥିଲେ।

# ଆଦର୍ଶ ଶିକ୍ଷୟିତ୍ରୀ ଯମୁନା ସାମଲଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧୩/୪ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ତରାଣ୍ଡୋ ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ଯମୁନା ସାମଲଙ୍କ ଏପ୍ରିଲ ୨ତାରିଖରେ ଏକ ଆକସ୍ମିକ ଦୁର୍ଘଟଣାରେ ଦିବଂଗତ ହୋଇଥିଲେ। ଏଥିସହିତ ସମାଜର ମଙ୍ଗଳ ପାଇଁ ତାଙ୍କର ଚକ୍ଷୁକୁ ଦାନ କରାଯାଇଥିଲା। ଶ୍ରୀମତୀ ସାମଲଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ବାସଭବନରେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷକ ସଂଘ ସଭାପତି ଆଲୋକ ସତ୍ୟବ୍ରତ ଦେବବ୍ରତ ରାୟଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଅମରେନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ବାରିକ, ସୁଧାଂଶୁ ଶେଖର ଷଡ଼ଙ୍ଗୀ, ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ରାଉତ, ଶ୍ରୀଚନ୍ଦନ ଓଝା, ମନୋରଞ୍ଜନ ବେହେରା, ଚିତରଞ୍ଜନ ଲାହା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ନିଷ୍ଠାପର ଭାବେ ଶିକ୍ଷକତା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହିତ ଜିଲ୍ଲା ସଂଘ ତରଫରୁ କିଛି ଆର୍ଥିକ ସାହାଯ୍ୟ କରିଛନ୍ତି ଓ ସ୍ୱର୍ଗତ ଯମୁନା ଦିଦିଙ୍କର ମିଳିବାକୁ ଥିବା ସମସ୍ତ ସରକାରୀ ସୁବିଧା ଖୁବଶୀଘ୍ର ତାଙ୍କ ପରିବାରକୁ ଯୋଗାଇଦେବା ପାଇଁ ଜିଲ୍ଲା ସଂଘ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି ଜିଲ୍ଲା ସଂଘ ସଭାପତି ଓ କାର୍ଯ୍ୟକାରୀ ସଭାପତି ପ୍ରତିଶ୍ରୁତି ଦେଇଥିଲେ।

# ଶିକ୍ଷକ ଆସୁନଥିବାରୁ ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ପାଠ ପଢାଇବା ପାଇଁ ନିଯୁକ୍ତ କରିଛନ୍ତି ୨ ଯୁବକ

ମାଲକାନଗିରି, ୧୩/୪ (ନି.ପ୍ର): ବଣ୍ଡାଘାଟିର ଏକ ଦୁର୍ଗମ ଗ୍ରାମରେ ୮୦ ପରିବାର ବସବାସ କରନ୍ତି। ସମସ୍ତେ ଆଦିମ ଜନଜାତି ଡିଡ଼ାଇ ସମ୍ପ୍ରଦାୟର ଲୋକେ। ଗାଁରେ ୨୦୦୮ ମସିହାରେ ଏକ ପ୍ରାଥମିକ ସ୍କୁଲ ରହିଛି। ତେବେ ସ୍କୁଲ ଗୃହ ନଥିବାରୁ ଶିକ୍ଷକମାନେ ଆସୁନଥିଲେ। ୨୦୧୩-୧୪ ମସିହାରେ ଏକ ସ୍କୁଲ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ହେବା ପରେ କାମ ଆରମ୍ଭ ହେଲା ସତ କିନ୍ତୁ ତାହା ଅଧପନ୍ତରିଆ ହୋଇ ରହିଗଲା। ଏବେ ସେହି ଅଧପନ୍ତରିଆ ସ୍କୁଲ ଗୃହରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ଏହି ବିଦ୍ୟାଳୟରେ ୩ ଶିକ୍ଷକ ଶିକ୍ଷାଦାନ କରିବା ପାଇଁ ନିଯୁକ୍ତି ପାଇଥିଲା ବେଳେ ସ୍କୁଲ ଗୃହ ନଥିବାରୁ ସେମାନେ ନିୟମିତ ସ୍କୁଲକୁ ଆସୁନଥିବା ଅଭିଯୋଗ ହେଉଛି। ଗାଁରେ ପ୍ରାୟ ୬୭ ଜଣ ପିଲା ଅଛନ୍ତି। ପ୍ରଥମରୁ ପଂଚମ ପର୍ଯ୍ୟନ୍ତ ଶ୍ରେଣୀ ରହିଥିବା ବେଳେ କେଉଁ ପିଲା କେତେ ପଢୁଛି ନା ଶିକ୍ଷକ ଜାଣିଛନ୍ତି ନାପିଲାମାନେ ଜାଣିଛନ୍ତି। ଅଭିଭାବକମାନେ ଏନେଇ ବହୁବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ କିଛି ଫଳ ନହେବାରୁ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ସମସ୍ତେ ମିଶି ଏକ ଛୋଟିଆ କୁଡ଼ିଆଘର କରି ଟିଣଛପର କଲେ। ପିଲାଙ୍କୁ ପାଠ ପଢ଼ାଇବା ପାଇଁ କୋରାପୁଟ ଜିଲ୍ଲାର ଲମତାପୁଟ ଏବଂ ଅନକାଡେଲି ଅଂଚଳର ଦୁଇ ଯୁବକଙ୍କୁ ମାସିକ ୩ ହଜାର ଟଙ୍କା ଦେଇ ଶିକ୍ଷକ ଭାବରେ ନିଯୁକ୍ତି କରିଛନ୍ତି। ଏବେ ସେହି ଦୁଇ ଜଣ ଗାଁରେ ରହି ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଦୁହେଁ ସକାଳୁ ଆସି ଦିନ ଚାରିଟା ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଗ୍ରାମବାସୀଙ୍କର ଏହି ଉଦ୍ୟମ ପ୍ରଶଂସନୀୟ ହୋଇଥିଲା ବେଳେ ଗତ ସୋମବାର ଦିନ କାଳବୈଶାଖୀରେ ସେହି ଘରର ଛାତ ମଧ ଉଡ଼ିଯାଇଥିବାରୁ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ଗ୍ରାମରେ ସ୍କୁଲ ଥାଇ ମଧ ସ୍କୁଲ ନଚାଲିବା ସେମାନଙ୍କ ପାଇଁ ଦୁଃଖର ବିଷୟ ପାଲଟିଛି। ମାସ ମାସ ଧରି ସ୍କୁଲ ନଆସି ଶିକ୍ଷକମାନେ ଦରମା କିପରି ନେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

# କନ୍ଧମାଳ ଜିଲ୍ଲାରେ ଅଣଆଦିବାସୀଙ୍କ ଦଳୀୟ ଟିକଟ ବାତିଲ୍ ଦାବିରେ ୧୬ ତାରିଖରେ କୁଇ ସମାଜସେବା ସମିତିର ବନ୍ଦ ଡାକରା

କନ୍ଧମାଳ, ୧୩/୪ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନରେ କନ୍ଧମାଳ ଜିଲ୍ଲାର ସାଂସଦ ଏବଂ ସାତଟି ବିଧାୟକ ଆସନ ପାଇଁ ବିଜେଡି, ବିଜେପି ଓ କଂଗ୍ରେସ ଭଳି ସମସ୍ତ ତିନିଟି ମୁଖ୍ୟ ରାଜନୈତିକ ଦଳ ମାନେ ସେମାନଙ୍କର ପ୍ରାର୍ଥି ମାନଙ୍କର ନାମକୁ ଘୋଷଣା କରିସାରିଛନ୍ତି। ତେବେ ଏହି ଘୋଷଣା ପୂର୍ବରୁ ଜିଲ୍ଲାରେ ବିଭିନ୍ନ ଦଳର ନେତା ଓ କର୍ମୀ ମାନଙ୍କର ଦାବୀ ଓ ଲବି ହୋଇଥିବା ସହିତ ଏକ ପ୍ରକାରର ପ୍ରତିଯୋଗୀତା ମଧ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରାର୍ଥି ମାନଙ୍କର ନାମ ଘୋଷଣା ପରେ ପୁଣି ଆଶାୟୀ ମାନଙ୍କର ପ୍ରତିକ୍ରିୟାରେ ପରିବର୍ତ୍ତନ ଦେଖିବାକୁ ମିଳିଛି। କିଛି ଦଳୀୟ କର୍ମୀ ଓ ପୁରୁଖା ନେତା ମାନେ ଦଳରୁ ଇସ୍ତଫା ଦେଇଛନ୍ତି। ଖାଲି ସେତିକି ନୁହେଁ ସେମାନଙ୍କ ମଧ୍ୟରୁ କିଛି ଅନ୍ୟ ଦଳରେ ପ୍ରାର୍ଥି ଭାବରେ ପ୍ରତିଦ୍ୱନ୍ଦିତା କରିବାକୁ ମଧ ପ୍ରସ୍ତୁତି ଚଳାଇଥିବା ଶୁଣାଯାଉଛି। ମୋଟାମୋଟି ଭାବରେ କହିବାକୁ ଗଲେ ବିଭିନ୍ନ ମହଲରେ ଯେଉଁ କଳ୍ପନାଜଳ୍ପନା ଲାଗି ରହିଥିଲା ତାହାର ଅନ୍ତ ଘଟିବା ସହିତ ଜିଲ୍ଲାରେ ରାଜନୈତିକ ସ୍ଥିତି ବଦଳିବାରେ ଲାଗିଛି। ସେହିପରି କନ୍ଧମାଳ ଜିଲ୍ଲା କୁଇ ସମାଜ ସେବା ସମିତି ଚଳିତ ଥର ଏକ ଅଭିନବ ଦାବୀ ରଖିଛି ରାଜନୈତିକ ଦଳ ମାନଙ୍କ ପାଇଁ। କନ୍ଧମାଳ ଜିଲ୍ଲା ସାଂସଦ ଭାବରେ ବିଜେଡି ଦଳ ପୂର୍ବତନ ସାଂସଦ ଡ.ଅଚ୍ୟୁତ ସାମନ୍ତଙ୍କୁ ରିପିଟ୍ କରିଥିବା ବେଳେ ଭାଜପା ଦଳ ଦଶପଲ୍ଲା ଅଂଚଳର ସୁକାନ୍ତ ପାଣିଗ୍ରାହୀଙ୍କୁ ଟିକଟ ଦେଇଛି। ସେହିପରି ଫୁଲବାଣୀ ବିଧାୟକ ପ୍ରାର୍ଥିନୀ ଭାବରେ କଂଗ୍ରେସ ଦଳ ପ୍ରତିଭା କହଁରଙ୍କୁ ଏବଂ ବାଲିଗୁଡା ବିଧାୟକ ପ୍ରାର୍ଥୀ ଭାବରେ ଭାଜପାର କଳ୍ପନା କହଁର ଏବଂ କଂଗ୍ରେସ ଦଳ ବିଧାୟକ ସୁରଦା ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ତେବେ କନ୍ଧମାଳ ସାଂସଦ କ୍ଷେତ୍ର ବାହାରୁ ଆସିଥିବା ସାଂସଦ ପ୍ରାର୍ଥି ଅଚ୍ୟୁତ ସାମନ୍ତଙ୍କ ଟିକଟକୁ ପ୍ରତ୍ୟାହାର କରି କନ୍ଧମାଳ ଜିଲ୍ଲା ସଂସଦୀୟ କ୍ଷେତ୍ରର ଯେ କୌଣସି ପ୍ରାର୍ଥିଙ୍କୁ ଟିକଟ ଦେବା ପାଇଁ ଦାବୀ କରିଛି କନ୍ଧମାଳ ଜିଲ୍ଲା କୁଇ ସମାଜ ସେବା ସମିତି।

ସେହିପରି ଫୁଲବାଣୀ ବିଧାୟୀକା ପ୍ରାର୍ଥି ପ୍ରତିଭା କହଁର ଜଣେ ଅଣ ଆଦିବାସୀଙ୍କୁ ବିବାହ କରିଥିବାରୁ ଏବଂ ସୁରଦା ପ୍ରଧାନ ଓ କଳ୍ପନା କହଁର ପ୍ରକୃତ ଆଦିବାସୀ ହୋଇନଥିବା ନେଇ ଅଭିଯୋଗ କରିବା ସହିତ ସେମାନଙ୍କର ଦଳୀୟ ପ୍ରାର୍ଥିତ୍ୱକୁ ବାତିଲ କରିବାକୁ ଦାବୀ କରିଛି ସମାଜ। ଶୁକ୍ରବାର ଫୁଲବାଣୀ କୁଇ ସମାଜ ସେବା ସମିତି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ଦାବୀକୁ ପୁରଣ କରା ନ ଗଲେ ଆସନ୍ତା ୧୬ ତାରିଖରେ ୧୨ ଘଣ୍ଟିଆ କନ୍ଧମାଳ ଜିଲ୍ଲାରେ ବନ୍ଦ ଡାକରା ଦିଆଯିବା ନେଇ କୁଇ ସମାଜ ସେବା ସମିତିର ଜିଲ୍ଲା ସମ୍ପାଦକ ଅବନି କୁମାର କହଁର କହିଛନ୍ତି। ଜିଲ୍ଲାରେ ଆଦିବାସୀ ସଂଖ୍ୟା ଗରିଷ୍ଠତା ଥିବା ସ୍ଥଳେ ଆଦିବାସୀ ମାନଙ୍କ ବାବଦରେ ଯେକୌଣସି ନିଷ୍ପତି ନେବା ପୂର୍ବରୁ କୁଇ ସମାଜର ମତାମତ ଲୋଡିବା ଆବଶ୍ୟକ ବୋଲି କହିଛନ୍ତି। ଫିରିଙ୍ଗିଆ ଶାଖାର ସଭାପତି ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମୁକୁନ୍ଦ କହଁର କହିଛନ୍ତି ସରକାରଙ୍କର ସମସ୍ତ ନୀତି ନିୟମକୁ କୁଇ ସମାଜର ପରମ୍ପରା ମାନେନାହିଁ ତେଣୁ ସେହି ପ୍ରାର୍ଥୀ ମାନଙ୍କର ପ୍ରାର୍ଥିତ୍ୱକୁ କୁଇ ସମାଜ ମାନିବ ନାହିଁ। ତେଣୁ ଆସନ୍ତା ୧୬ ତାରିଖରେ ଏହାର ବିରୋଧ କରାଯିବା ସହ ୧୨ ଘଣ୍ଟିଆ କନ୍ଧମାଳ ବନ୍ଦ ଡାକରା ଦିଆଯିବ ବୋଲି କହିଛନ୍ତି। ଏହି ଅବସରରେ କୁଇ ସମାଜ ପକ୍ଷରୁ କନ୍ଧମାଳ ଜିଲ୍ଲା ଭାଜପାର ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, କଂଗ୍ରେସର ଜିଲ୍ଲା ସଭାପତି ଚନ୍ଦ୍ରଶେଖର ପରିଡା ଏବଂ କନ୍ଧମାଳ ଜିଲ୍ଲା ସାଂସଦ ପ୍ରାର୍ଥୀ ଡ.ଅଚ୍ୟୁତ ସାମନ୍ତଙ୍କ ତୈଳଚିତ୍ରକୁ ରାଜରାସ୍ତାରେ ନିଆଁ ଲଗାଇଥିଲେ ସମିତିର ସମସ୍ତ ସଦସ୍ୟ ଓ କର୍ମୀମାନେ। ଏହି ଅବସରରେ କୁଇ ସମାଜର ଜିଲ୍ଲା ଉପସଭାପତି ରମାକାନ୍ତ ଦିଗାଲ, ନାରୀ ସଭାନେତ୍ରୀ ସୌଦାମିନି କହଁର, ଯୁବ ସଦସ୍ୟ ଗୋଲଖ କହଁର, ଅଚ୍ୟୁତ ଜାନୀ, ଭାବିନ୍ଦ୍ର କହଁର, ଅର୍ଜୁନ କହଁର, ଗୀତାଞ୍ଜଳି କହଁର, ଗୌତମ କହଁର, ସମୀର ଝାଙ୍କର, କୃଷ୍ଣଚନ୍ଦ୍ର କହଁର, ମନୋଜ କୁମାର ପ୍ରଧାନ, ଲଳିତ କୁମାର ମଲ୍ଲିକ, ଶଙ୍କର କହଁର, ସସ୍ମିତା ମଲ୍ଲିକ, ସମୀର ଘଟାଲ, ରାଜକୁମାର କହଁର, ସଞ୍ଜୟ ମଲ୍ଲିକ, ଶୁକଦେବ ପ୍ରଧାନ ଏବଂ ମସ୍ତରାମ ମଲ୍ଲିକଙ୍କ ସମେତ ଅନେକ ସଦସ୍ୟ ଓ କର୍ମକର୍ତାମାନେ ଉପସ୍ଥିତ ଥିଲେ।

# ପ୍ରସିଦ୍ଧ ସିଙ୍ଗାପୁର ଯାତ୍ରା ଆରମ୍ଭ : ପୁଷ୍କରିଣୀରୁ ବାହାରି ଭକ୍ତଙ୍କୁ ଦର୍ଶନ ଦେଲେ ଜଳାଶୟୀ ନାରାୟଣ ଗୋସାଇଁ

ଧର୍ମଶାଳା, ୧୩/୪ (ନି.ପ୍ର): ଯାଜପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଯାତ୍ରା ହେଉଛି ସିଙ୍ଗାପୁର ଯାତ୍ରା। ଏହା ଆଜିଠାରୁ ଆରମ୍ଭ ହୋଇଛି। ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଯାଜପୁର ଜିଲା ରସୁଲପୁର ବ୍ଲକ ସିଂହାପୁରଠାରେ ଆରମ୍ଭ ହୋଇଛି ଓଡିଶା ପ୍ରସିଦ୍ଧ ମହାପ୍ରଭୁ ନାରାୟଣ ଗୋସାଇଁଙ୍କ ବିଜୟ ଯାତ୍ରା। ଏହି ଯାତ୍ରା ତିନି ଦିନ ଧରି ଚାଲିବ। ବର୍ଷ ତମାମ ଜଳାଶୟୀ ନାରାୟଣ ଗୋସାଇଁ ମାତ୍ର ତିନି ଦିନ ପାଇଁ ପୁଷ୍କରିଣୀରୁ ବାହାରି ହଜାର ହଜାର ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ସିଂହାପୁରସ୍ଥ ପୁଷ୍କରିଣୀ ହେଉଛି ମଧୁତୀର୍ଥ। ଏହି ପୁଷ୍କରିଣୀରେ ପ୍ରଭୁ ନାରାୟଣ ଗୋସାଇଁ ଜଳାଶୟୀ ହୋଇ ରହିଥାନ୍ତି। ବର୍ଷକରେ ଥରେ ପବିତ୍ର ପଣା ସଂକ୍ରାନ୍ତିରେ ମାତ୍ର ୩ ଦିନ ପାଇଁ ପୁଷ୍କରଣୀରୁ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ପରମ୍ପରା ଅନୁଯାୟୀ, ଗଡମଧୁପୁର ରାଣୀ ଅପର୍ଣ୍ଣାଧୀର ସିଂହ ମଧୁତୀର୍ଥ ପୁଷ୍କରିଣୀ ନିକଟରେ ପଂହଚି ପୂଜାର୍ଚ୍ଚନା କରିବା ପରେ ପ୍ରଭୁଙ୍କୁ ଚାପ ଖେଳାଇ ପାଣିରୁ ବାହାରକୁ ଆସିଥାନ୍ତି। ପରେ ପଇଡ ପାଣି ଓ ଲହୁଣୀରେ ପ୍ରଭୁଙ୍କୁ ସ୍ନାନ କରାଯାଇ ମନ୍ଦିରକୁ ଅଣାଯାଇଥାଏ। ମନ୍ଦିରର ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥାଏ। ତିନି ଦିନ ମନ୍ଦିରରେ ରହିବା ପରେ ପ୍ରଭୁ ସନ୍ୟାସୀ ବେଶରେ ପୁଣି ପାଣିକୁ ଚାଲିଯାଆନ୍ତି। ଚଳିତ ବର୍ଷ ନୂତନ ମନ୍ଦିରରେ ପ୍ରଭୁଙ୍କୁ ସ୍ଥାପନା କରାଯାଇଥିବା ବେଳେ ଜିଲା ତଥା ଜିଲା ବାହାରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି ଏହି ସ୍ଥାନକୁ। କିମ୍ବଦନ୍ତୀ ଅନୁସାରେ, ଶହଶହ ବର୍ଷ ପୂର୍ବେ କଳାପାହାଡ ଆକ୍ରମଣରୁ ପ୍ରଭୁଙ୍କୁ ବଂଚାଇବା ପାଇଁ ତାଙ୍କର ଭକ୍ତମାନେ ନାରାୟଣ ଗୋସାଇଁଙ୍କୁ ଏହି ପୁଷ୍କରିଣୀରେ ଲୁଚାଇ ରଖିଥିଲେ। ବହୁ ବର୍ଷ ପରେ ତତ୍କାଳୀନ ଗଡମଧୁପୁର ରାଜାଙ୍କୁ ସ୍ୱପ୍ନାଦେଶ ପରେ ଏହି ପୁଷ୍କରଣୀରୁ ନାରାୟଣ ଗୋସାଇଁଙ୍କୁ ଉଦ୍ଧାର କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହି ଦିନଠାରୁ ଏହି ପୁଷ୍କରିଣୀର ନାମ ମଧୁତୀର୍ଥ ବୋଲି ପରିଚିତ ହୋଇ ଆସୁଛି। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସୁଥିବା ବେଳେ ଏହି ସମୟରେ ମହାପ୍ରଭୁଙ୍କ ତିନି ଦିନ ପର୍ଯ୍ୟନ୍ତ ଯଜ୍ଞ ସହ ଦଶାବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ମହାପ୍ରଭୁ। ଏହି ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲା ପ୍ରଶାସନ ଓ କୁଆଖିଆ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# କୃଷକମାନଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ଜୟପୁର, ୧୩/୪ (ନି.ପ୍ର): ବିଗତ ଦିନରେ କୃଷକ ମାନଙ୍କ ଅଧିକାର ନିମନ୍ତେ ଦିଲ୍ଲି ଦରବାରରେ ଅତ୍ୟାଚାରି ସରକାରଙ୍କ କୃଷକ ମାରଣ ଯୋଜନା ବିରୁଦ୍ଧରେ ସଂଗ୍ରାମ କରି ଶହିଦ ହୋଇଥିବା ୭ ଶହରୁ ଉର୍ଦ୍ଧ କୃଷକ ନେତୃତ୍ୱ ତଥା ନିକଟରେ ପୋଲିସ ଗୁଳିରେ ଶହିଦ ହୋଇଥିବା ଶୁଭ କରଣ ସିଂ ଙ୍କ ଆତ୍ମ ବଳିଦାନ ନିମନ୍ତେ ଆଜି ଜୟପୁର ଯାଦବ ଭବନ ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସଂଯୁକ୍ତ କିଷାନ ମଜଦୁର ମହାସଂଘ ଓ କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଏହି ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ସଂଯୁକ୍ତ କିଶାନ ମୋର୍ଚ୍ଚାର ରାଜ୍ୟ ସଭାପତି ସଚିନ ମହାପାତ୍ର, କୋରାପୁଟ ଜିଲା ସଭାପତି ନରେନ୍ଦ୍ର ପ୍ରଧାନ, ରବି ସାହୁ, ତ୍ରିନାଥ ବିଷୋୟୀ, ରାଜେନ୍ଦ୍ର ଗୌଡ,ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏତତ୍ ବ୍ୟତିତ କୃଷକ ମାନଙ୍କ ଦୟନିୟ ସ୍ଥିତି ସବ ଭାରତୀୟ ସ୍ତରରେ ସବ ନିମ୍ନ ସ୍ତରରେ ପହଂଚିଛି। ଖାଲି କାଳିଆ, ବଳିଆ ଯୋଜନା କରି କିଛି ଭିକ୍ଷା ଦେଇ ଗଣ୍ଡେ ଖଇ ଦଣ୍ଡେ ଜିଇବାର ବ୍ୟବସ୍ଥା ଭିତରେ କ୍ରିତ ଦାସ ପରି ଛୋଟ ପଟ ହେଉଛି ଚାଷି। ଏହି ପରିପେକ୍ଷୀରେ ଚାଷି ମାନଙ୍କୁ ସେ ମାନଙ୍କ ଉତ୍ପାଦନ ଦ୍ରବ୍ୟର ଉଚିତ ମୁଲ୍ୟାଙ୍କନ କରି ଏମଏସପିକୁ ଗ୍ୟାରେଂଟି କରାଯିବା ସହିତ ରାଜ୍ୟ ସରକାର ବୋନସର ବ୍ୟବସ୍ଥା କରାଯିବା ଅବଶ୍ୟକ। ପୋଡଶି ଛତିଶଗଡ ଓ ଅନାନ୍ୟ ରାଜ୍ୟ ମାନେ ମଧ କୃଷକ ମାନଙ୍କୁ ସ୍ୱାଭଲମ୍ବୀ କରିବା ପାଇଁ ବିଗତ ୫ ବର୍ଷ ରେ ଏମଏସପି ବ୍ୟତିରେକ ଅଧିକା ୧ ହଜାର ଟଙ୍କା କ୍ୱିଂଟାଲ ବ୍ୟବସ୍ଥା ଓ ଋଣ ଛାଡ କରିଛନ୍ତି। ଏପରି ଚଳିତ ବର୍ଷ ମଧ ଛତିଶଗଡ ରେ ୨୪ ଲକ୍ଷ ୭୭ କୋଟି ଟଙ୍କା କୃଷକ ମାନଙ୍କ ଉନ୍ନତି ନିମନ୍ତେ ଯୋଜନା ମାନ କରି ୧୩ ହଜାର ୩୨୦ କୋଟି ଟଙ୍କା ଆର୍ଥିକ ପ୍ରସ୍ତୋହାନ ପ୍ରଦାନ କରିଛି। ଓଡିଶା ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇ ଆର୍ଥକ ସାହାଯ୍ୟ କରୁଥିବା ବେଳେ କୃଷକ ଙ୍କ କ୍ଷେତ୍ରରେ ଅନ୍ଦ ହୋଇଯାଇଛି। ଏହି କୃଷକ ମାନଙ୍କୁ ନିରୁତ୍ସାହିତ ଓ ଦାସନ ବନେଇବାର କୌଶଳରେ ସଫଳ ହୋଇ ଜାତି ପ୍ରତି ବିଦ୍ରୁପ ଅଟହାସ୍ୟ କରୁଛନ୍ତି। ବସ୍ତବରେ ଓଡିଶାର କୃଷ ମାନଙ୍କ ପାଇଁ ବ୍ୟପକ ଜଳ ସେଚନ, ଜଳ ସମ୍ପଦକ ସୁ ବିନିଯୋଗ, ମଣ୍ଡି ଭିତି ଭୁମିର ଉନ୍ନତି, ପ୍ରତି ବ୍ଲକରେ ଶିତଳ ଭଣ୍ଡାର ପ୍ରତିଷ୍ଠାର ରାସାୟନିକ ସାର,କୀଟ, ଔଷଧ, ଉନ୍ନତ ବିହନ, ଉନ୍ନତ କୃଛି ଯନ୍ତ୍ରପାତି ସୁଲଫ ମୁଲ୍ୟରେ ଯୋଗାଣ, ଖାଦ୍ୟ ପକ୍ରିୟା କରଣର ବ୍ୟବସ୍ଥା, ପରିବହନ ସୁପରିଚାଳନା, ଖାଦ୍ୟ ଶସ୍ୟର ଉପଯୁକ୍ତ ମୁଲ୍ୟାଙ୍କନ, କୃଷି କାର୍ଯ୍ୟ ପାଇ ବିଜୁଳି ଛାଡ, କୃଷି ରୁଣ ସରଳି କରଣ ବ୍ୟବସ୍ଥା, ଉପଯୁକ୍ତ ବଜାର ବ୍ୟବସ୍ଥା କରାଯିବା ଆବଶ୍ୟକ। ସମସ୍ତ କୃଷକ ଶ୍ରମିକ ପରିବାରକୁ ବୀମା ଭୁକ୍ତ କରାଯାଇ ୫ ଜଣ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ସମସ୍ତ ସୁବିଧା ସୁଯୋଗ ଦେବା ଓ ମଜୁରିର ଅଧା ପେନସନ ବ୍ୟବସ୍ଥା ହେବା ଉଚିତ। ମଣିଷ ଭାବେ ସମ୍ମାନର ସହିତ କୃଷକ ସମାଜ ବଂଚିବାର ଅଧିକାର ଦିଆଯାଉ। ଆଜିର ଏହି କାଯ୍ୟକ୍ରମ ମାଧମରେ ସୁଚିତ କରାଯାଇଛି ଯେ ଗୁଳି କରି ହତ୍ୟା କରାଯାଇଥିବା କୃଷକଙ୍କ ଅସ୍ତିକୁ ଓଡିଶା ଅମାଯାଇ କୃଷକ ଜାରଗଣ ଯାତ୍ରା ମାଧମରେ ଓଡିଶାର ବିଭିନ୍ନ ନଦୀରେ ବିସର୍ଜନ କରାଯିବ।

# ନଳବଣରେ ଅଗ୍ନିକାଣ୍ଡ, ବିପଦରେ ଜଳଜୀବ

ଖୋର୍ଦ୍ଧା, ୧୩/୪ (ନି.ପ୍ର): ଶନିବାର ଚିଲିକା ହ୍ରଦ କାଳୁପଡା ଘାଟ ଜେଟି ନିକଟ ନଳ ବଣରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ନଳ ବଣରେ ଅଗ୍ନିକାଣ୍ଡ ଯୋଗୁଁ ଏବେ ବିପଦରେ ଜଳଜୀବଙ୍କ ଜୀବନ। ଅଗ୍ନିକାଣ୍ଡର ଖବର ପାଇ କାଳୁପଡାଘାଟ ଜେଟିରେ ବାଲୁଗାଁ ବନ୍ୟପ୍ରାଣୀ ଡ଼ିଏଫଓ ଅମ୍ଳାନ ନାୟକ ପହଂଚି ସେଠାରୁ ଡ଼ଙ୍ଗା ଯୋଗେ ଚିଲିକା ଭିତରକୁ ଯାଇ ଅଗ୍ନିକାଣ୍ଡ ସମ୍ପର୍କରେ ଅନୁଧାନ କରୁଛନ୍ତି। ତେବେ ସିଡିଏ ପକ୍ଷରୁ ମୋଟର ପମ୍ପ ଦ୍ୱାରା ନିଆଁ ଲିଭା କାର୍ଯ୍ୟ ଜାରି ରହିଥିବା ଡିଏଫଓ କହିଛନ୍ତି। ନଳବଣରେ ନିଆଁ ଲାଗିବ ଦ୍ୱାରା ବିରଳ ଫିସିଂ କ୍ୟାଟ ସହ ଅନେକ ପ୍ରଜାତିର ଜଳଜୀବ ବିପଦରେ ପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଗର୍ଭବତୀଙ୍କ ଆସ୍ଥାଭାଜନ ହୋଇପାରିଛି କଟ୍ରୀଙ୍ଗିଆ ମାତୃ ଗୃହ

କନ୍ଧମାଳ, ୧୩/୪ (ନି.ପ୍ର): ଫୁଲବାଣୀ- ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଆଗଧାଡିର ସ୍ୱାସ୍ଥ୍ୟକର୍ମୀ ମାନଙ୍କ ଦ୍ୱାରା ସେବା ଯୋଗାଇ ଚେଷ୍ଟା ଜାରି ରଖିଥିବା ବେଳେ ଓଡିଶାରେ ମାତୃ ଗୃହ ପ୍ରକଳ୍ପ ସେଥିରୁ ଗୋଟିଏ। କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜାତୀୟ ସ୍ୱାସ୍ଥ୍ୟ ମିଶନଙ୍କ ମିଳିତ ସହଯୋଗରେ ବିଭିନ୍ନ ସ୍ଥାନରେ ମା ଗୃହ ସ୍ଥାପନ କରି ସ୍ୱେଚ୍ଛାସେବି ଅନୁଷ୍ଠାନ ମାନଙ୍କ ଦ୍ୱାରା ପରିଚାଳିତ କରିଆସୁଛନ୍ତି। ସେଥିରୁ ସ୍ୱାତୀ ଅନୁଷ୍ଠାନ ଜିଲ୍ଲାର ତିନିଗୋଟି ବ୍ଲକରେ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଫୁଲବାଣୀ ବ୍ଲକ ର କଟ୍ରିଙ୍ଗୀଆ ହେଉଛି ଅନ୍ୟତମ। ଏହି ମା ଗୃହକୁ ୧୧ ଗୋଟି ପଞ୍ଚାୟତର ଦୂର୍ଗମ ଅଂଚଳର ଗର୍ଭବତୀ ମାନେ ସେମାନଙ୍କର ସାମ୍ଭାବ୍ୟ ପ୍ରସବର ସାତରୁ ପନ୍ଦର ଦିନ ଆଗରୁ ଆସି ଅବସ୍ଥାପିତ ହୋଇଥାଆନ୍ତି ଏବଂ ଆନୁଷ୍ଠାନିକ ପ୍ରସବ ନିମନ୍ତେ ଅପେକ୍ଷା କରିଥାଆନ୍ତି। ଏହା ଫୁଲବାଣୀ ସଦର ମହକୁମା ଠାରୁ ୧୭ କି.ମି. ଦୂର କଟ୍ରିଙ୍ଗିଆ ଠାରୁ ୫୦୦ ମିଟର ବିଶିପଡା ରାସ୍ତାର ଡାହାଣ ପାର୍ଶ୍ୱରେ ଅବସ୍ଥାପିତ ଅଟେ। ଏଠାରେ ଏକକାଳିନ ୬ ଜଣ ମାଆ ଓ ତାଙ୍କର ସହାୟକ/ସହାୟିକା ରହିବାର ବ୍ୟବସ୍ଥା ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରି ଓ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକଙ୍କ ଦ୍ୱାରା ୧୦ ଗୋଟି ବେଡ୍ ଯୋଗାଇ ଦେଇଛନ୍ତି। ଗର୍ଭବତୀ ମାନଙ୍କର ଦେଖାଶୁଣା ନିମନ୍ତେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ, (ଗିତାଞ୍ଜଳୀ ମୁଖୀ), ତିନିଜଣ ମହିଳା ସ୍ୱାସ୍ଥ୍ୟସେବିକା (ସସ୍ମିତା ବେହେରା, ସୁଲୋଚନା କହଁର ଓ ରାମେଶ୍ୱରୀ ଦିଗାଲ) ଓ ଜଣେ ରୋଷେୟାଙ୍କୁ ଏହି ମା ଗୃହରେ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମାଧ୍ୟମରେ ଗର୍ଭବତୀ ମାନଙ୍କୁ ରହଣୀ ବ୍ୟବସ୍ଥା ସହିତ ନିୟମିତ ସ୍ୱାସ୍ଥ୍ୟ ପରିକ୍ଷା, ସୁଷମ ଖାଦ୍ୟର ବ୍ୟବସ୍ଥା, ସଠିକ୍ ବିଶ୍ରାମ, ସାଥିରେ ଆସିଥିବା ଛୋଟ ପିଲାମାନଙ୍କୁ ପାଠପଢାର ବ୍ୟବସ୍ଥା ସହିତ ଅଭିଜ୍ଞ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ସ୍ୱାସ୍ଥ୍ୟଶିକ୍ଷା ନିୟମିତ ଭାବେ ଦିଆଯାଉଛି। ଆନୁଷ୍ଠାନିକ ଓ ସୁରକ୍ଷିତ ପ୍ରସବ ନିମନ୍ତେ ପ୍ରସବ ବେଦନା ହେବାକ୍ଷଣୀ ଆମ୍ବୁଲାନସ୍ ମାଧ୍ୟମରେ ସ୍ଥାନୀୟ କଟ୍ରିଙ୍ଗିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। ଏହିସବୁ ସେବା ସହ ସାରଣୀ ଅନୁଶାରେ ଉନ୍ନତ ମାନର ଖାଦ୍ୟ ଯୋଗାଇବା ନିମନ୍ତେ ମା ଗୃହ ପରିସରରେ ବିଭିନ୍ନ ପନିପରିବା ଚାଷ ସହ କ୍ଷୀର ପାଇଁ ଗାଇ ଓ ମାଂସ ଏବଂ ଅଣ୍ଡା ପାଇଁ କୁକୁଡା ମଧ ପାଳନ କରାଯାଉଛି। ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ କହିବା ପ୍ରକାରେ, ଏହି ପ୍ରକାର ସୁବିଧା ସୁଯୋଗକୁ ଭରଷା କରି ୨୦୨୦ ମସିହା ମଇ ମାସରେ ପ୍ରତିଷ୍ଠା ଏହି ମା ଗୃହରେ ଆଜି ପର୍ଯ୍ୟନ୍ତ ୧୨୬୧ ଜଣ ଗର୍ଭବତୀ ଉପସ୍ଥାନ ନେଇଥିବା ବେଳେ କେବଳ ମାର୍ଚ୍ଚ ମାସରେ ୪୪ ଜଣ ଆଡମିସନ ନେଇଛନ୍ତି ଏବଂ ଏହା ଅନୁଷ୍ଠାନର ଅଧକ୍ଷ ପ୍ରଶାନ୍ତ ଶତପଥୀ ଓ ଅନ୍ୟ କର୍ମୀ ମାନଙ୍କର ନିୟମିତ ତତ୍ୱାବଧାନରେ ହୋଇପାରିଛି ବୋଲି କହିଥିଲେ। ସ୍ୱାତୀ ଅନୁଷ୍ଠାନର ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯିବା ସହ ଏଥିରେ ଉପକୃତ ହୋଇଥିବା ପରିବାର ସଦସ୍ୟ ମାନେ ସାଧୁବାଦ ଜଣାଇଛନ୍ତି।

# ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷାକୁ ନେଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବ

ସମ୍ବଲପୁର, ୧୩/୪ (ନି.ପ୍ର): ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷା ସକାଶେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସରେ ନିଷ୍ପତି ଗ୍ରହଣ କରାଯାଇଛି। ସମ୍ବଲପୁରୀ ଭାଷାରେ ତୁରନ୍ତ ପ୍ରାଇମର ପୁନଃ ପ୍ରସ୍ତୁତ କରାଯିବା ସହ ବିଭିନ୍ନ କାର୍ଯ୍ୟ ଯୋଜନା ପ୍ରଣୟନ କରାଯାଇଛି। ବିଭିନ୍ନ ସହର ଓ ଗ୍ରାମ ଗସ୍ତ କରି ସଭା ଗୁଡିକର ଆୟୋଜନ କରାଯିବାରେ ସଫଳତା ମିଳୁଥିବାରୁ ଏହାକୁ ଜାରୀ ରଖାଯିବା ସହିତ ଅଧିକ ସଂଖ୍ୟାରେ ଏଭଳି ବୈଠକ ଆୟୋଜନ ପାଇଁ ମତ ଦିଆଯାଇଛି। ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅର୍ଜୁନ ରଞ୍ଜନ ପଣ୍ଡା, ଅରବିନ୍ଦ ମହାପାତ୍ର ଓ ସମ୍ପାଦକ ରାଜେଶ ବେହେରା ମଂଚାସୀନ ଥିଲେ। ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷା ଉପରେ ମଂଚାସୀନ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ହୋତା, ପ୍ରଶାନ୍ତ ପାଟଯୋଶୀ, ଶିବ ପ୍ରସାଦ ମେହେର, ପରେଶ୍ ଚନ୍ଦ୍ର ଦାନୀ, ଦୀପକ କୁମାର ପଣ୍ଡା, କମଳ ଲୋଚନ ପଣ୍ଡା, ଲଳିତ ବେବର୍ତା, ଦିଲୀପ ବଘାର, ତାପସ କୁମାର ଦାଶ, ନରେନ୍ଦ୍ର ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ବେହେରା ଓ ଅନ୍ୟମାନେ ଦେଇଥିବା ପ୍ରସ୍ତାବ ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ହୀରାଖଣ୍ଡ ରାଜ୍ୟ ପ୍ରତିଷ୍ଠା, ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା, ଚତୁର୍ଥ ଓ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀ ପଦରେ ସ୍ଥାନୀୟ ନିଯୁକ୍ତି, ସମ୍ବଲପୁରୀ ସାହିତ୍ୟ ଏକାଡେମୀ ଓ ସମ୍ବଲପୁରୀ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସମେତ ବିଭିନ୍ନ ଦାବି ବୈଠକରେ ଉଠିଥିଲା।

# କୁସୁମୀରେ ରାମଲୀଳା : ଅଙ୍ଗନୱାଡି କର୍ମୀଙ୍କ ଆକର୍ଷଣୀୟ ଶବରୀ ଭୂମିକାରେ ଦର୍ଶକ ଖୁସ୍

ସମ୍ବଲପୁର, ୧୩/୪ (ନି.ପ୍ର): ରାମ ରାଜ୍ୟ ପ୍ରତିଷ୍ଠା ଲକ୍ଷ୍ୟରେ କୁଚିଣ୍ଡାର କୁସୁମୀ ଠାରେ ମହାସମାରୋହରେ ରାମଲୀଳା ଶୁଭାରମ୍ଭ ହୋଇଛି। ମଂଚରେ ଶବରୀ ଭୂମିକାରେ ଅଙ୍ଗନୱାଡି କର୍ମୀ ସୁଲୋଚନା ଦାଶଙ୍କ ଅଭିନୟ ଦର୍ଶକ ମହଲରେ ବେଶ୍ ଆକର୍ଷଣ ସହ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଉତ୍ସବରେ ସମ୍ବଲପୁରରେ ଆରମ୍ଭ ହୋଇଥିବା ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜ ଫଣିନ୍ଦ୍ର କୁମାର ପଣ୍ଡା, ଆକାଶବାଣୀ ସମ୍ବଲପୁରର ଉଦଘୋଷକ ତଥା ବରିଷ୍ଠ ବିଜେପି ନେତା କଳାକାର ସୂର୍ଯ୍ୟ ପାଣିଗ୍ରାହୀ, ସମ୍ବଲପୁରୀ ଧନୁଯାତ୍ରାର ନନ୍ଦ ରାଜା ଯୋଗେଶ କୁମାର ନନ୍ଦ, ସମାଜସେବୀ ଶ୍ରୀକାନ୍ତ ସାହୁ, ଅଶୋକ ଜୟପୁରୀଆ ରାଜ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମସ୍ତ ଅତିଥି ମାନଙ୍କୁ ସଭାରେ ସମ୍ବର୍ଦ୍ଧିତ କରା ଯାଇଥିଲା। ବିଭୁତି କଲ୍ୟାଣ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଉପଦେଷ୍ଟା ଆଦିତ୍ୟ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ ହନୁମାନ ଭେଟ, ବାଲୀ ବଧ ଓ ଲଙ୍କାପୋଡି ନୀତି ପରେ ୧୨ ତାରିଖରେ ସେତୁବନ୍ଧ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୩ ତାରିଖରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ୍ ବଧ ପରେ ୧୪ ରେ ତରଣୀସେନ ଓ ରାବଣ ବଧ ପରେ ରାମ ଅଭିଷେକ ହୋଇ ରାମ ରାଜ୍ୟ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା। ୮ ଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ କଳା ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରୁଥିବା ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ବିଭିନ୍ନ ଦିନରେ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଏହି ଉତ୍ସବକୁ କୁସୁମୀର କଳା ଓ କଳାକାର ସଂଘ ପରିଚାଳନା କରୁଛି। 'ଅନେକ ଦିନର ଅପେକ୍ଷାର ଅନ୍ତ ଘଟାଇ ଅନେକ ରାତିର ସ୍ୱପ୍ନ ଆଜି ସାକାର ହୋଇଛି। ଅଭିଶପ୍ତ ଜୀବନର ଅନ୍ତ ଘଟାଇ ପ୍ରଭୁଙ୍କ ଦର୍ଶନ ପାଇଁ ପାଗେଳିନି ଶବରୀ ପ୍ରଭୁ ଶ୍ରୀ ରାମଙ୍କ ଦର୍ଶନ ପ୍ରାପ୍ତ କରିଛନ୍ତି। ଏହି ଶବରୀ ଭୂମିକାରେ ୫୭ ବର୍ଷିଆ ଅଙ୍ଗନୱାଡ଼ି କର୍ମୀ ସୁଲୋଚନା ଦାସଙ୍କ ଭାବବିହ୍ୱଳ ଅଭିନୟ ଦର୍ଶକଙ୍କ ପାଇଁ ବେଶ୍ ଚିତାକର୍ଷଣ ହୋଇଥିଲା।

ଏହି ଅବସରରେ ବର୍ଷା ଠାକୁର, ବୈଷ୍ଣବୀ ପଟେଲ ଓ ଗୌରୀ ଠାକୁରଙ୍କୁ ସମ୍ମାନୀତ କରାଯାଇଥିଲା।

# କୁଣ୍ଟୁଳାଇଙ୍କ ତିନିତମ ବାର୍ଷିକ ଉତ୍ସବ ଓ ବିଶ୍ୱ ଶାନ୍ତି ମହାଯଜ୍ଞ

ଘଟଗାଁ, ୧୩/୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମ କୁଶେଇ ନଦୀ କୂଳରେ ଅବସ୍ଥିତ ଥିବା ମା କୁଣ୍ଟୁଳାଇଙ୍କ ତିନି ତମ ବାର୍ଷିକ ଉତ୍ସବ ଓ ବିଶ୍ୱ ଶାନ୍ତି ମହା ଯଜ୍ଞ ଅନୁଷ୍ଠିତ ହୋଇଛି। ମୁଖ୍ୟ ପୂଜକ ଶରତ ଚନ୍ଦ୍ର ଦାସ୍, ସହସାଥି ପୂଜକ ବିନୋଦ ବିହାରୀ ପଣ୍ଡା, ଦେବେନ୍ଦ୍ର ପଣ୍ଡା ଙ୍କ ଦ୍ୱାରା କୁଷେଇ ନଦୀରୁ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରି କଳସ ବୁଡାଇ ବ୍ରତଧାରୀ ଗ୍ରାମ ପରିକ୍ରମା କରି ମା ଙ୍କ ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ମା ଙ୍କ ପୂଜା ମଣ୍ଡପକୁ ସୁସଜ୍ଜିତ କରି ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ସହ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂକଳ୍ପ କାର୍ଯ୍ୟ ବିବେକା ନନ୍ଦ ନାଏକ, ଧର୍ମ ପତ୍ନୀ ଜ୍ୱତିପ୍ରଭା ରାଉତ ତୁଲାଇ ଥିବା ବେଳେ ମିନତୀ ସା, ପଦ୍ମାବତୀ ସାହୁ, ସସ୍ମିତା ମହାନ୍ତି,ସୌଦାମିନୀ ଦାସ୍, ସଜନୀ ଦାସ୍, କନକ ଜେନା, କଣ୍ଢେଇ ରଣା, ରମାମଣି ସାହୁ,ସୁକୁରି ସା, ଉମା ରଣା, ଶାନ୍ତିଲତା ବେହେରା, ସୌଦାମିନୀ ମାଝୀ, ଅତୁଳ ଚରଣ ରଣା, କୈଳାସ ସା, ସହଯୋଗ କରିଥିଲେ। ପ୍ରଥମେ ଅଧିବାସ,ସୂର୍ଯ୍ୟ ପୂଜା, ଉପଚାର ପୂଜା ଓ ରବିବାର ଦିନ ଗୀତା ଯଜ୍ଞ ସହ ପୂର୍ଣ୍ଣାହୁତି କାର ?ୟକ୍ରମ ରହିଛି। ଆଜି ମା ଙ୍କ ପୀଠରେ ଆଖ ପାଖ ଅଂଚଳରୁ ସହ ସହ ଭକ୍ତ ଙ୍କ ସମାଗମ ହୋଇଥିବା ବେଳେ ଭକ୍ତ ମାନେ କିଭଳି ମା ଙ୍କୁ ଶାନ୍ତି ଶୃଙ୍ଖଳା ରେ ଦର୍ଶନ କରି ପାରିବେ ଏନେଇ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ କୁ ନୀଳମଣି ଜେନା, ନରହରି ଜେନା, ପ୍ରମୋଦିନୀ ଜେନା,ସବିତା ଜେନା, ସଦା ଜେନା, ଆଶୁତୋଷ ଜେନା ଧର୍ମେନ୍ଦ୍ର ଜେନା, ଆଇସ୍ୱତି ଜେନା,ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ଏପ୍ରିଲ ୨୦୨୪
email :
rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୪୭**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତାଙ୍କ ପାଖକୁ ଲାଗିଯାଇ ମୁଁ କହିଥିଲି ସ୍ୱାମୀ, ସେ ସମ୍ଭବ ହେଉ କି ଅସମ୍ଭବ ହେଉ ମୋର ସେହି ହରିଣୀଟି ଦରକାର । ଆପଣ ତାକୁ ଯେକୌଣସି ମତେ ଧରି ଆଣି ଦିଅନ୍ତୁ । ମୋ କଥା ଶୁଣି ମୋ ପ୍ରଭୁ କହିଥିଲେ ସୀତେ! ଯାହା ବାସ୍ତବ ନୁହେଁ ତା’ ପ୍ରତି ତୁମର ଏତେ ଆସକ୍ତି କାହିଁକି ? ସୁନା ହରିଣୀ ଆଜିପର୍ଯ୍ୟନ୍ତ କେଉଁଠି ସମ୍ଭବି ନାହିଁ । ଏହା ମାୟା ଦେବୀ । ତୁମେ ମାୟା ପ୍ରତି ମନବଳାଅ ନାହିଁ ।

ମୁଁ କିନ୍ତୁ ସେଦିନ କୌଣସି କଥା ଶୁଣି ନଥିଲି ପ୍ରୀତିଦା । ସ୍ୱାମୀଙ୍କୁ ମୋର ବାଧ କରିଥିଲି ସେ ହରିଣୀକୁ ଧରିଦେବା ପାଇଁ । ମୋ ଅଳି ରକ୍ଷାକରି ମୋ ସ୍ୱାମୀ ସେ ହରିଣୀକୁ ଧରିବା ପାଇଁ ଚେଷ୍ଟାକଲେ, ହେଲେ ସେ ଚତୁରୀ ହରିଣୀ ଏମିତି ଧାଇଁଲା ଯେ ମୋ ସ୍ୱାମୀ ତା ପଛରେ ଧାଇଁଧାଇଁ ଥକି ପଡ଼ିଥିଲେ, କିନ୍ତୁ ତାକୁ ଧରିପାରି ନଥିଲେ । ଶେଷରେ ସେ କହିଥିଲେ ସୀତେ! ବହୁଚେଷ୍ଟା କରି ମୁଁ ତାକୁ ଧରିପାରିଲି ନାହିଁ । ଜୀବିତ ଅବସ୍ଥାରେ ତାକୁ ଧରିବା କେବେବି ସମ୍ଭବ ନୁହେଁ...

ତାହେଲେ ତାକୁ ମାରି ତାର ସେ ସୁନ୍ଦର ଛାଲଟିକୁ ମୋତେ ଆଣି ଦିଅନ୍ତୁ ପ୍ରଭୁ । ସେଇଟିକୁ ମୁଁ ଆମ କୁଟୀରରେ ରଖିବି ।

ମୋ କଥା ଶୁଣି ମୋ ସ୍ୱାମୀ କହିଥିଲେ, କାହିଁକି ଗୋଟାଏ ନିରୀହ ପଶୁକୁ ମୋତେ ମାରିବା ପାଇଁ ବାଧ କରୁଛ ଦେବୀ । କ’ଣ ପାଇବ ତୁମେ ସେ ହରିଣୀର ଛାଲରୁ ।

ସେଦିନ କିନ୍ତୁ ମୁଁ ମୋ ଜିଦ୍‌ରେ ଅଟଳ ଥିଲି ସୁଧାମୟୀ । ଦୁଃଖ ଅଭିମାନରେ ନୟନରୁ ଅଶ୍ରୁ ଝରାନ୍ତେ, ମୋ ସ୍ୱାମୀ ମୋ ଚକ୍ଷୁରୁ ଅଶ୍ରୁ ପୋଛି ଦେଇ କହିଥିଲେ, “ତୁମେ କାନ୍ଦନା ସୀତେ! ତୁମ ଅଭିଳାଷ ମୁଁ ନିଶ୍ଚୟ ପୂର୍ଣ୍ଣ କରିବି। ସେ ହରିଣୀକୁ ଜୀଅନ୍ତା ନହେଲେ ବି ତାକୁ ବଧ କରି ଆଣି ମୁଁ ତୁମ ସମ୍ମୁଖରେ ପହଞ୍ଚାଇ ଦେବି । ଏବେ ତୁମେ କୁଟୀର ଭିତରକୁ ଯାଅ । ମୁଁ ସେ ହରିଣୀର ପିଛା କରୁଛି । ଏହାକହି ମୋ ସ୍ୱାମୀ ଧନୁ, ଶର ଧରି ବାହାରିପଡ଼ିବା ବେଳେ ସମ୍ମୁଖରେ ଲକ୍ଷ୍ମଣଙ୍କୁ ଦେଖି କହିଥିଲେ, ତୁମେ ଆଜି ବଣକୁ ଫଳ ଆହରଣ ପାଇଁ ନଯାଇ ଠିକ୍ କରିଛ ଲକ୍ଷ୍ମଣ । ଏଇଠି ଗୁମ୍ଫା ନିକଟରେ କିଛିସମୟ ପାଇଁ ଥାଅ । ତମ ଭାଉଜ ଏକ ବିଚିତ୍ର ହରିଣୀ ଦେଖିଛନ୍ତି । ହରିଣୀଟି ଦେଖିବାକୁ ଆଉଟା ସୁନା ରଂଗର । ସେହି ହରିଣୀକୁ ଧରି ଆଣିଦେବା ପାଇ ତୁମ ଭାଉଜ ଜିଦ୍ କରୁଛି । ତୁମେ ଏହିଠାରେ ରହିଥିବ । ମୁଁ ନଫେରିବା ଯାଏ କୁଆଡ଼େ ଯିବ ନାହିଁ ।”

ମୋ ସ୍ୱାମୀଙ୍କ କଥା ଶୁଣି ଲକ୍ଷ୍ମଣ କହିଥିଲେ, ଭ୍ରାତାଶ୍ରୀ! ଆପଣ କାହିଁକି କଷ୍ଟ ସ୍ୱୀକାର କରି ଯିବେ । ଆପଣ ଏହିଠାରେ ଥାନ୍ତୁ । ମୁଁ ସେ ହରିଣୀର ପଶ୍ଚାତ୍‌ଧାବନ କରୁଛି । ତାକୁ ଜୀବନ୍ତ ଧରି ଆଣିବା ପାଇଁ ଚେଷ୍ଟା କରିବି । ତାହା ଯଦି ସମ୍ଭବ ନହୁଏ, ଶର ସନ୍ଧାନ କରି ତାର ମୃତ ଦେହକୁ ଆଣି ଏଠାରେ ପହଞ୍ଚାଇ ଦେବି ।

ଏ କାର୍ଯ୍ୟ ତୁମେ ନିର୍ବିଘ୍ନରେ କରିପାରିବ ଲକ୍ଷ୍ମଣ, ତାହା ମୁଁ ଜାଣେ । ତଥାପି ତୁମ ଭାଉଜର ଅଲିଅଳ ପଣକୁ ଉପେକ୍ଷା ନକରି ମୁଁ ନିଜେ ଯାଉଛି ତାକୁ ଧରିବା ପାଇଁ । ତୁମେ ଧନୁ ଶର ଧରି ଏହିଠାରେ ଜଗି ରହିଥାଅ । ମୁଁ ଫେରିଲେ ତୁମେ ଫଳ ଅନ୍ୱେଷଣରେ ଯିବ । ଏହାକହିମୋ ସ୍ୱାମୀ ଲକ୍ଷ୍ମଣଙ୍କୁ କୁଡ଼ିଆ ଦ୍ୱାରରେ ଜଗାଇ ଦେଇ ହରିଣ ପଛରେ ଧାଇଁ ଯାଇଥିଲେ ।

ମୋ କର୍ମ ବିପାକରୁ କିମ୍ୱା ବିଧିର ବିଡ଼ମ୍ୱନାରୁ ହେଉ ସେଦିନ ସେହି ସ୍ୱର୍ଣ୍ଣ ହରିଣୀ ବ୍ୟତିରେକେ ମୋ ଆଖିକୁ ଆଉ କିଛି ଦେଖାଯାଉ ନଥିଲା । ଅନ୍ତର ଭିତରେ ଭାବନା ମୋର ବସାବାନ୍ଧି ସାରିଥାଏ । ସେହି ହରିଣୀଟିକୁ ମୁଁ ମୋ ପାଖରେ ରଖିବି । ତାର ସେବା ଯତ୍ନ କରିବି । ଆମେ ଯେଉଁଆଡ଼େ ଯିବୁ ତାକୁ ମଧ ସଂଗରେ ନେଇଯିବୁ ।

କୁଡ଼ିଆ ଦ୍ୱାରରେ ନିରବ ହୋଇ ବସି ରହିଥାନ୍ତି ଲକ୍ଷ୍ମଣ । ତାଙ୍କ ତୁଣ୍ଡରେ ଭାଷା ନଥାଏ । ଏମିତି ସେ କେବେ ହସଖୁସିରେ ମୋ ସହିତ କଥା ହୁଅନ୍ତି ନାହିଁ । ସେଦିନ କିନ୍ତୁ ଭାରି ଦରଦ ଭରା କଣ୍ଠରେ ସେ ମୋତେ କହିଥିଲେ, କାହିଁକି ମିଛଟାରେ ସେ ହରିଣୀ ପଛରେ ଧାଇଁଛ ଭାଉଜ । ଭାଇଙ୍କୁ ବାଧ କଲ, ସେ ସେ ହରିଣୀର ପଛରେ ଗୋଡ଼ାଇ ଗୋଡ଼ାଇ ଅନେକ ଦୂର ଚାଲିଗଲେଣି । ସତରେ କ’ଣ ସେ ତାକୁ ଧରିପାରିବେ.... ?

ଧରି ନପାରିଲେ ସେ ତାକୁ ମାରି କରି ଆଣିବେ । ତୁମ ଭାଇଙ୍କ ଧନୁଶରରେ କ’ଣ ଶକ୍ତି ନାହିଁ ଗୋଟାଏ ହରିଣୀକୁ ମାରିବାକୁ ।

କାହିଁକି ଗୋଟାଏ ନିରୀହ ପଶୁକୁ ଭାଇ ହତ୍ୟାକରି ମହାପାପର ଭାଗୀ ହେବେ । ହେଉ ଯାହା ଆପଣଙ୍କର ଇଚ୍ଛା ।

ସ୍ୱାମୀର ମୋର ସେହି ସ୍ୱର୍ଣ୍ଣ ହରିଣୀ ପଛରେ ଧାଇଁଧାଇଁ ଯାଇ ଅନେକ ସମୟ ପର୍ଯ୍ୟନ୍ତ ଫେରିଲେ ନାହିଁ । ଲକ୍ଷ୍ମଣ ନିରବ ହୋଇ ବସି ରହିଥା’ନ୍ତି । ମୁଁ ଏଣେତେଣେ ଘୂରି ବୁଲୁଥାଏ । ମୋ ପାଦ ଥୟ ଧରୁନଥାଏ । ମନ ଚଞ୍ଚଳ । କେତେବେଳେ ସ୍ୱାମୀ ମୋର ସେ ହରିଣୀକୁ ଧରି ଫେରିବେ । ଏହି ସମୟରେ ମୋ କାନରେ ଗୁଞ୍ଜରି ଉଠିଲା ପ୍ରଭୁଙ୍କ ବାଣୀ, ଲକ୍ଷ୍ମଣ ଧାଇଁଆସ। ମୁଁ ଏଠାରେ ଘୋର ବିପଦରେ ପଡ଼ିଛି। ତୁମେ ଚଞ୍ଚଳ ଏ ସ୍ଥାନକୁ ଆସ ।

ସହସା ମୁଁ ବିଚଳିତ ହୋଇ ପଡ଼ିଥିଲି । ଲକ୍ଷ୍ମଣ ମଧ ଧନୁଶର ଧରି ଛିଡ଼ା ହୋଇପଡ଼ିଥିଲେ। ଲକ୍ଷ୍ମଣଙ୍କୁ ଅନାଇ ମୁଁ କହିଥିଲି ଲକ୍ଷ୍ମଣ, ତୁମେ ତୁମ ଭାଇଙ୍କର କଣ୍ଠସ୍ୱର ଶୁଣିପାରୁଛ ନିଶ୍ଚୟ ? ଭାଇଙ୍କୁ ତୁମର ବିପଦ ପଡ଼ିଛି, ତୁମେ ଶୀଘ୍ର ତାଙ୍କ ପାଖକୁ ଯାଅ ।

ଲକ୍ଷ୍ମଣ କିନ୍ତୁ ଗମ୍ଭୀର ହୋଇ କ’ଣ ଭାବୁଥାନ୍ତି। ତାଙ୍କ ପାଖକୁ ଯାଇ ମୁଁ ଚିତ୍କାର କରି କହିଥିଲି, ତୁମେ କ’ଣ ତୁମ ଭାଇଙ୍କ ଡାକ ଶୁଣିପାରୁ ନାହଁ ଲକ୍ଷ୍ମଣ ?

ଗମ୍ଭୀର କଣ୍ଠରେ ସେ କହିଥିଲେ ହଁ ମୁଁ ଶୁଣିଛି ଭାଉଜ ।

ତେବେ ଆଉ ବିଳମ୍ୱ କରୁଛ କାହିଁକି ? ଶୀଘ୍ର ଯାଅ, ଭାଇ ତୁମର କେଉଁଠି ବିପଦରେ ପଡ଼ିଛନ୍ତି, ତୁମେ ତାଙ୍କ ପାଖକୁ ଧାଇଁ ଯାଅ ।

ନାଁ ଭାଉଜ ମୁଁ କଦାପି ଯିବି ନାହିଁ । ଭ୍ରାତାଶ୍ରୀ ମୋତେ ଆପଣଙ୍କୁ ଜଗାଇ ଦେଇ ଯାଇଛନ୍ତି । ତାଙ୍କ ଆଜ୍ଞାକୁ ଅବଜ୍ଞା କରି ମୁଁ କଦାପି ଯାଇପାରିବି ନାହିଁ ।

ତୁମର କ’ଣ ଏଇ ଭ୍ରାତୃଭକ୍ତି ଲକ୍ଷ୍ମଣ ? ମୁଁ ଅତ୍ୟନ୍ତ କଠୋର ହୋଇ ପ୍ରଶ୍ନ କରନ୍ତେ, ସେ କହିଥିଲେ ଆପଣ ତୁଚ୍ଛାଟାରେ ମୋତେ ଦୋଷ ଦେଉଛନ୍ତି ଭାଉଜ । ମୋ ଭାଇଙ୍କୁ ମୁଁ ଜାଣେ । ତାଙ୍କୁ କୌଣସି ବିପଦ ପଡ଼ି ନାହିଁ । ଏହା ମାୟା । ଏହି ସମୟରେ ପୁଣି ମୋ ସ୍ୱାମୀଙ୍କ କଣ୍ଠସ୍ୱର ଶୁଣାଗଲା, ‘ଲକ୍ଷ୍ମଣ ଧାଇଁଆସ । ମୁଁ ମହାବିପଦରେ ପଡ଼ିଛି । ମୋତେ ରକ୍ଷାକର ।’ ମୋ ସ୍ୱାମୀଙ୍କ କଣ୍ଠସ୍ୱରରୁ ମୁଁ ଜାଣିପାରିଲି ସେ ଅରଣ୍ୟରେ ଘୋର ବିପଦରେ ପଡ଼ିଛନ୍ତି । ଲକ୍ଷ୍ମଣଙ୍କୁ କଟୁଭାଷା ପ୍ରୟୋଗ କରି ମୁଁ କହିଥିଲି, ଏତେ ପରେ ବି ତୁମର ବିଶ୍ୱାସ ହେଉନାହିଁ ଲକ୍ଷ୍ମଣ । ତୁମ ଭାଇ ବାରମ୍ୱାର ଚିତ୍କାର କରି ଡାକୁଛନ୍ତି ଅଥଚ ତୁମେ ପାଦେ ହଟୁନାହଁ ।

ସେମିତି ଧୀର ଶାନ୍ତଚିତ୍ତରେ ଲକ୍ଷ୍ମଣ ପୁଣି କହିଥିଲେ, ମାୟା, ଘୋର ମାୟା ଭାଉଜ । ଯେଉଁ ସ୍ୱର୍ଣ୍ଣମୃଗର ନିଶା ଆପଣଙ୍କୁ ଘାରିଚି, ଭ୍ରାତା ମୋର ସେ ମୃଗ ପଛରେ ଧାଇଁ ଯାଇଛନ୍ତି । ଏ ସମସ୍ତ ଆମ ପାଇଁ ମହାବିପଦର କାରଣ । ଆପଣ ଧୈର୍ଯ୍ୟଧରନ୍ତୁ ଭାଉଜ, ଭ୍ରାତା ମୋର ଖୁବ୍ ଶୀଘ୍ର ଆସି ଏଠାରେ ପହଞ୍ଚିବେ ।

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଆଲୋଚନା

# ଧର୍ମର ବିଗ୍ରହ ଶ୍ରୀରାମ



**ତପନ କୁମାର ପାଲ**

ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି ‘କବନ ସୋ କାଜ କଠିନ ଜ୍ ମାହିଁ। ଜୋ ନାହିଁ ହୋଇ ତାତ ତୁମହ ପାହିଁ।’ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ। ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି। ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି। ଆମ ଭିତରେ ମଧ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି। ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡ଼ୁଛୁ। ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ। ନିରାଶା ଆମକୁ ଚାରିଦିଗରୁ ଘେରିଯାଏ। ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ। ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ। ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା। ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପର୍ବ ଭଳି ବିଶାଳକାୟ ହୋଇଯାଇଥିଲା। ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ୍ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ।

ଆତ୍ମା ହିଁ ପରମାତ୍ମା। ସୋଽହମ। ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି। ଯାହାର ଅର୍ଥ ମୁଁ ହିଁ ସେହି। ‘ମୁଁ’ ହିଁ ଭଗବାନ। ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ। ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ। ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି। ଶ୍ରୀରାମ ମଧ ଏପରି ଲୋକର ସହାୟତା କରିଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ ବ୍ୟତିବ୍ୟସ୍ତ ହୁଏନାହିଁ। ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ। ସେଥିପାଇଁ ରାମଚରିତ ମାନସରେ କୁହାଯାଇଛି - ‘ରାଜୀବ ନୟନ ଧରେଁ ଧନୁ ସାୟକ। ଭଗତ ବିପତି ଭଞ୍ଜନ ସୁଖଦାୟକ’। ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ। ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ। ଆମ ଭିତରେ ଅପାର ଶକ୍ତି ରହିଛି। ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା। ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାରଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା। ଏଥିରେ ବିବ୍ରତ ନହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ। ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ର କରି ଶର ଚଳାଇଲେ। ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା। ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା। ସନ୍ଥ କବୀର କହିଛନ୍ତି - ‘କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢ଼େ ବନ ମାହି। ଏସେ ଘଟ ଘଟ ରାମ ହୈ, ଦୁନିଆ ଦେଖେ ନାହିଁ।’ ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ, କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ। ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ। ପବିତ୍ର ବାଇବେଲରେ ମଧ କୁହାଯାଇଛି - ନିଜ ଭିତରକୁ ଦେଖ ନିଜକୁ ଜାଣ।

ଶ୍ରୀରାମ ଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି - ‘ଜାନତ ତୁମହିଁ ତୁମହିଁ ହୋଇ ଜାଇ’। ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି। ଆମ ଭିତରେ ଅସୀମ ଶକ୍ତି ରହିଛି। ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବା ଅତ୍ୟନ୍ତ ଜରୁରୀ। ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟ କରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ। ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ-ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ ନିଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ। ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ। ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ। ଯଦି ଆମେ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତାହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି। ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ, ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ। ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି। ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ ଦୁର୍ବଳ ହୋଇଯାଏ। ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ ସକ୍ରିୟ ହୋଇଯାଏ। ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ। ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ। ଶ୍ରୀରାମ ମଧ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ। ଗରିବ, ଦୁଃଖି, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ। ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧ୍ୟାର ରାଜା ହେବା ପରେ ମଧ ସେ ସଂଯମ ବଜାୟ ରଖିଥିଲେ। ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ ଆବଶ୍ୟକତା ରହିଛି। ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ। ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ ଅଛୁଆଁ, ଧନୀ ଗରିବ, ଉଚ୍ଚନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା। ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି - ରାମୋ ବିଗ୍ରହବାନ ଧର୍ମଃ। ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି - ‘ରାମଃ ଦ୍ୱିର୍ନ ଭୋ’ - ରାମ ଦୁଇ ଥର କୁହନ୍ତି ନାହିଁ। ଆଚରଣ କଥା କହିଲେ - ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା। ଏକ ପତ୍ନୀ ବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ। ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତାହେଲେ ଅନ୍ତର୍ମନରେ ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
(ମୋ) : ୯୯୩୭୬୫୮୩୬୨

## କବିତା...



**ଧନଞ୍ଜୟ ସ୍ୱାଇଁ**

### ॥ ଗାଁ ଗୀତ ॥

ମୋ ଗାଆଁରେ ମୁଁ ଆଜି ଅଜଣା ମଣିଷ
ଯେଉଁ ଗାଆଁରେ ଉଡେ
ମୋ ସ୍ମୃତିର ପାଉଁଶ ।

ଏବେ ମୋର ଗାଁ ଦାଣ୍ଡେ ନାହିଁ ଟିପେ ଧୂଳି
ଗାଁ ନଈ ମଲାଣି ତା’ ଫୁଟେ ସରୁବାଲି
ତୋଟାରେ ତତଲା ଖରା ମାରେ ଖଣ୍ଡିକାଶ
ମୋ ଗାଆଁରେ... ଅଜଣା ମଣିଷ ।

ମନ ହଜିଥିଲା ଯହିଁ ଧୂଳିଘର ଖେଳେ
ଆଜି ସେହି ମନ ମୋର ଦୂର ପ୍ରବାସରେ
ଏଠି) ଝୁରେ ମନ ଭାଗବତ,
ଜଗନ୍ନାଥ ଦାସ
ମୋ ଗାଆଁରେ... ଅଜଣା ମଣିଷ ।

ଜହ୍ନିଫୁଲ ପରି କେହି ଦିଶୁନି ସୁନ୍ଦରୀ
ବିଲରେ ବିଲ୍‌ଡର ଦଳ ନାହିଁ ରଜଦୋଳି
ଛାଇ କାହିଁ ( ? ) ଚାରିଆଡେ
ଖାଲି ନିଆଁ ଧାସ
ମୋ ଗାଆଁରେ... ଅଜଣା ମଣିଷ ।

ଗାଁ ମୁଣ୍ଡେ ମିଳିଲାଣି ମଦ ଠିପିଖୋଲା
ଭଙ୍ଗା କେବିନ୍‌ରେ ବିକା
ହୁଏ କୋକାକୋଲା
(ଏବେ) ମଲ୍ଲୀଫୁଲ ମାଠିଆରେ
ମାଠିଆଏ ଶୋଷ
ମୋ ଗାଆଁରେ... ଅଜଣା ମଣିଷ ।

♥ ରାଜେନ୍ଦ୍ର ନଗର, କଟକ
(ମୋ) ୯୪୩୭୦୦୦୬୩୬

### ॥ କାଉଁରିଆ କାଠି ॥



**ଅକ୍ଷୟ ପାତ୍ର**

ତମ ଆକ୍ରାମକ ଅହଂର ଡହକରେ
ମୋତେ ଜାଳିଦେଇ ପାର,
ଭାଙ୍ଗି ଦେଇପାର ମୋର ମେରୁହାଡ଼
କରି ତମ ଆଧିପତ୍ୟର ନିର୍ମମ ପ୍ରହାର।

(ଅବଶ୍ୟ ଜଳିଯିବାରେ କି ଭାଙ୍ଗିଯିବାରେ
ତିଳେ ବି ଦ୍ୱିଧା ନଥାଏ ମୋର;
ଯେଣୁ ଦ୍ରୋହ ମୁଁ ଆଦରିଥାଏ
କେବେ ବି ମଥା ଆନତ ନକରିବାର!)

କେବେ କେମିତି ମାନରଖି
ତମ ସାଂସ୍କୃତିକ ସଚେତନତାର
ଅମାବାସ୍ୟାର ନିରନ୍ଧ୍ର ଅନ୍ଧାରେ
ଘଡ଼ିଏ ଜଳିଯିବା କାଳେ
ମୁଁ ଉନ୍ମୋଚିତ କରିପାରେ ଗହ୍ୱର ଇତିହାସର,
ସାଜିପାରେ ବି ଆଲୋକିତ ସମ୍ଭାବନା
ତମକୁ ଝୁରି ହେଉଥିବା
ପୂର୍ବ ପୁରୁଷଙ୍କ ଆଗମନୀର
ଯା’ଙ୍କ ସୁମରଣା ତମେ ହୁଏତ
ପରମ୍ପରା ଦାୟରେ କର!

ଦଣ୍ଡେ ଘଡ଼ିଏ ଜଳି
ଅମାବାସ୍ୟାର ଅନ୍ଧାରେ ବି
ମୁଁ ଲୋଡ଼େ ରାହା ଉତ୍ତରଣର
ପ୍ରାୟ- ବିସ୍ମୃତ ପୂର୍ବଜଙ୍କ ଲାଗି
ସଜରଖି ବାଇଶି ପାହାଚ
ଅସ୍ମିତା ଓ ଅଧି ଆତ୍ମିକତାର!

ହଁ,
ମୁଁ ଅସାର ଅସ୍ତିତ୍ୱଟିଏ
ନିରବ ଦ୍ରୋହର,
କେବେ ବି ମଥା ନୋଉଁନଥିବା ଦମ୍ଭଟିଏ
ଅପରାଜେୟ ଭଙ୍ଗୁରତାର
ମୁଁ ନିରତ ଜଳିଯିବାକୁ ତିଆର୍
ଦ୍ରୋହୀର ପୀଡ଼ା
ସ୍ମୃତିଖିଏ ମୁଠାଏ ପାଉଁଶର।

ଭାଙ୍ଗିଯିବାର ଭୀତି ନଥାଏ ମୋର
ନଥାଏ ବି ପ୍ରବଣତା
ଭାଙ୍ଗିଯିବାର ଦୁଃଖେ
ଆର୍ତ୍ତି ସାଜିବାର,
ମୁଁ ଥାଏ ଚିର ଉଦାର
ଭୋଗିବାକୁ ଅମିତ ଜ୍ୱାଳା
ତମ ଆକ୍ରାମକ ଅହଂକାରର;

ହେଲେ ଆନତ ମଥାର ସହ
ହାର୍ ମାନିଯିବା ଜାତକେ ନଥାଏ ମୋର।

♥ ଅଧ୍ୟାପକ ଇଂରାଜୀ ବିଭାଗ, ହିନ୍ଦୋଳ
ମହାବିଦ୍ୟାଳୟ
ଖୁରିଆକଟା, ଢେଙ୍କାନାଳ-୨୦
ମୋ: ୭୦୭୭୯୮୪୯୬୦

### ॥ ସ୍ମୃତି ତୁମେ ମହାନଦୀ ॥



**ଡ. ଶ୍ରୀଧର ସାମଲ**

ଫି’ ଥର ତୋ ଭଉଁରୀରେ ହଜିଯାଏ ବୋଲି
ମୋ ଅସ୍ତିତ୍ୱ ଉପରେ ଭରସା ପାଏନା
ମୁକୁଳି ପାରେନି ତୋ ବନ୍ଧନରୁ
ଶତଚେଷ୍ଟା କରି ମାପିପାରେନି
ତୋ ଗଭୀରତା, ପ୍ରବାହମାନ ପାଣିରୁ
ସାଉଁଟି ପାରେନି ଆଞ୍ଜୁଳାଏ ଜହ୍ନରାତି ।

ସମୟ ସାଥୀରେ ପାଦ ଥାପି ଥାପି
ଚାଲୁଚାଲୁ ଝୁଣ୍ଟିପଡ଼େ ବାରମ୍ବାର,
ଗୋଡ଼ ଖସିଯାଏ ଆହୁରି ତଳକୁ ତଳକୁ
ଚୋରାବାଲିର ଫାଶରୁ
ମୁକ୍ତ ହେବାର ଆଶାରେ ଭାସିଯାଏ
ଦୂରକୁ ଦୂରକୁ

ଜାବୁଡ଼ି ଧରେ ମୋ ହଜିଲା ଦିନକୁ,
ଗାଧୁଆ ତୁଠକୁ।

ଭାରି ବାଧେ ତୋ ନଗ୍ନ ନିରବତା
ତାରାମାନଙ୍କ ଆପୋଷରେ କଥାବାର୍ତ୍ତା,
ନିସଙ୍ଗ ନଈପଠାରେ ମିଞ୍ଜି ମିଞ୍ଜି ଜଳୁଥିବା
ଅଧାପୋଡ଼ା ଆତ୍ମୀୟତା,
ନିଷ୍ପ୍ରଭ ଆଖିରେ
କୁଆଁ ମାରୁଥିବା ବ୍ୟାକୁଳତା ।

ପଇଁତରା ମାରୁଥିବା ସ୍ମୃତିମାନେ,
ଇତସ୍ତତଃ ହୋଇ ବିଛେଇହୋଇ ପଡ଼ନ୍ତି
ନିରବତାର ଭିଡ଼ରେ ସତ୍ତାକୁ
ଟଳମଳ କରି ତରଙ୍ଗାୟିତ କରୁଥାଏ
ଅନୁଭବର ନିବୃତ୍ତକୋଣକୁ
ତତେ ଛୁଇଁବାର ପ୍ରଗଳ୍ଭତାରେ

ହଜେଇଦିଏ ନିଜକୁ,
ତୋ ଦେହର ଭୂଗୋଳ ପୃଷ୍ଠାରେ
ସର୍ବସ୍ୱ ଜଳାଞ୍ଜଳି ଦେଇ
ସଂଜ୍ଞାହୀନ ହୁଏ ତୋ
ନୀଳତରଙ୍ଗ ମାୟାରେ।

♥ ସମ୍ପାଦକ, ମୌସୁମୀ
ସାହିତ୍ୟ ପରିଷଦ, କେନ୍ଦ୍ରାପଡ଼ା
(ମୋ) ୯୪୩୭୬୦୭୯୯୭

### ॥ ବୁଢ଼ା ॥



**ନକୁଳ ଚନ୍ଦ୍ର ସାହୁ**

ମନର କାଂଥରେ
କା’ ଆଂଗୁଠି
ଲେଖିଚି ଚିତା
ଫୁଲର କବିତା!

ହେ ଡୋର
କାଳର କମଳଟିକୁ ଗୁଂଥ
ବାଜୁ ବେଣୁ, ଘଂଟ ଓ ମୃଦଂଗ
ମୁଁ ତ ଶୂନ୍ୟ ଶଂଖ!

ମୋ ଶୂନ୍ୟତାରେ ପୂର୍ଣ୍ଣ ହେଉ
ମାଟି ମଂତ୍ର
ଧ୍ୱନିର ଚିନ୍ମୟ ଚିତ୍ର
ଡାକୁଥାଉ ପ୍ରେମର କପୋତ!

ସତେରେ
ମୁଁ କଣ ଛାଡ଼ି ଚାଲି ଯିବି ଗୋପ;
ମୃତ୍ୟୁର ମଥୁରା
ମତେ କରୁଛି ସ୍ୱାଗତ ? ?

♥ ଶବ୍‌ଦଘର, ଗୋଡ଼ିସାହି,
କଟକ-୭୫୪୦୦୬
(ମୋ) ୯୪୩୭୭୪୦୨୬୪

### ॥ ଜୀବନ ॥



**କ୍ଷମାନିଧି ଭୋଇ**

ଏ ଜୀବନ
କିଛି ସୁଖ
କିଛି ଦୁଃଖର ସମାହାର।

କିଛି ଆଲୁଅ
କିଛି ଅନ୍ଧାରର ଖେଳଘର।

କିଛି ପ୍ରାପ୍ତି
କିଛି ଅପ୍ରାପ୍ତିର ସନ୍ଧିକ୍ଷଣ।

ଗଢ଼ି ଜାଣିଲେ ସବୁଜ ସୁନ୍ଦର
ନଚେତ୍ ,
ଗ୍ରୀଷ୍ମର ଧୂସରିତ ଲଣ୍ଡା ପାହାଡ଼।

ଜନ୍ମର ଆରମ୍ଭରୁ
ମୃତ୍ୟୁର ଅନ୍ତିମ ଦୃଶ୍ୟ ପର୍ଯ୍ୟନ୍ତ
ପରିବର୍ତ୍ତିତ ଜୀବନର ସ୍ୱାଦ।
କେବେ ମଧୁଠୁ ବି ଆହୁରି ମଧୁର
ପୁଣି କେବେ ପାଣିଚିଆ
ଅଲଣା ତରକାରି ସଦୃଶ।

ଟିକିଏ ଆତ୍ମୀୟତା ସଂସ୍ପର୍ଶରେ
ପୁଲକିତ ଜୀବନ ସମଗ୍ର

ଶତ ସିଂହର ବଳ ଦିଏ
ଆପଣା ଲୋକର ନିବିଡ଼ ସମ୍ପର୍କ।

ହଁ, ନିଜେ ହିଁ
ନିଜ ଜୀବନର ପଥ ପ୍ରଦର୍ଶକ
ତେଣୁ, ପରକୁ ଦୋଷାରୋପ କରିବା ପୂର୍ବରୁ
ନିଜର ଦୋଷ ତ୍ରୁଟିକୁ ନିଜେ ହିଁ ସୁଧାରିବା
ଶିଖ।

କାହା କ୍ଷତି ପାଇଁ ନୁହେଁ
ବରଂ ଏ ଜୀବନକୁ ଭଲପାଅ
ପରକୁ ବି ଆପଣା କରିବା ମନ୍ତ୍ରରେ।

♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେଓଗାଁ
ଜି: ବଲାଙ୍ଗୀର - ୭୬୭୦୨୯
ମୋ: ୯୪୩୮୨୯୨୯୩୩

# ନିରୋଳା ସାହିତ୍ୟ ସହ ସମ୍ପର୍କ ସ୍ଥାପନ କରି ସେଇ ଅଦୃଷ୍ଟ ସତ୍ତାର ପଦଚିହ୍ନ ଦେଖିଦେଖି ଚାଲିଥିବା ଲୋକଟିଏ ମୁଁ : ଶ୍ରୀଦେବ

**ଶ୍ରୀଦେବ, ଓଡିଆ କବିତା ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କ କାବ୍ୟ-ମାନସ ସମ୍ବେଦନଶୀଳତାର ଖୋଜାଲୋଡ଼ାରେ ବେଶ୍ ପ୍ରଖର । ତାଙ୍କ କବିତାରେ ଧାଡ଼ିକି ଧାଡ଼ି ଠିଆ ହୋଇଥାନ୍ତି ତାଙ୍କର ସଶକ୍ତ ଓ ପ୍ରଭାବଶାଳୀ ଶବ୍ଦମାନେ । କେବଳ କବିତା କି ସମ୍ପାଦନା ନୁହେଁ, ନାଟକ, ସ୍ତମ୍ଭ ଗଢଣରେ ଥିବା ତାଙ୍କର ପ୍ରଭାବଶାଳୀ ଅନ୍ତରଙ୍ଗତା ତାଙ୍କୁ ଦେଇଥାଏ ନିଆରା ପରିଚୟ । ତାଙ୍କ ସହ ଏଥରର ଆଳାପ...**



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୋ ପିଲାଟିବେଳୁ ସହଜସାଧ୍ୟଠୁ ଅୟସସାଧ୍ୟ ଚିଜ ପ୍ରତି ମୋର ବେଶୀ ଆକର୍ଷଣ ଥିଲା । ପ୍ରାୟ ସୃଜନ ପ୍ରତିଭାର ସ୍ୱଭାବ ଏମନ୍ତ ପାଖାପାଖି । ମୋତେ କବିତା ଅଧିକ ଆଛନ୍ନ କରେ । ମୋ ବାପା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ବର୍ଷଣୋନ୍ମୁଖ ଶ୍ରାବଣୀସଞ୍ଜରେ କ୍ଲେରିଓନେଟ୍ ବାଦନ ମୋତେ ଧ୍ୱନୀ/ସ୍ୱରକୁ ସମ୍ମୋହିତ କରିଥିଲା । ଖୋକାଭାଇଙ୍କ 'ରଜାଝିଅ' ଠୁଁ 'ରଙ୍ଗଲତା ରୁଷିଛି' ଯାଏଁ ଗୀତ ମୋତେ ସୃଜନୋନ୍ମୁଖୀ କରାଇବାର କାରଣ ହେଲା । ସେ ସମୟରେ କିଛି ପଠନୀୟ /ଅପଠନୀୟ ପୁସ୍ତକ ପଢ଼ିବା କି ପ୍ରେମସ୍ପୃତ ଗୀତ ଶୁଣିବା ଏବଂ ଯେ କୌଣସି ଯାତ୍ରାନାଟକ କି ରାମଲୀଳା ଦେଖିବା ମୋ ବାଲ୍ୟକାଳର ନିଶା ଥିଲା । ଏସମସ୍ତ ମୋତେ ଲାଗେ ମୋ ତରୁଣୋତ୍ତର ସୃଜନର ଆଦ୍ୟସ୍ଫୁରଣ ।

■ ଆପଣଙ୍କର ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା 'ବହି' । ସ୍କୁଲରେ ପଢ଼ିଲାବେଳେ ବିଶେଷକରି ମେଟ୍ରିକ୍ ସମୟରେ ଲାଇବ୍ରେରୀରୁ ପ୍ରକାର ପ୍ରକାର କିସମ ସିରିଜ୍‌ର ବହି ଇସ୍ୟୁ କରି ପିଚାତଳେ ଲୁଚେଇ ଲୁଚେଇ ଅନେକ ବହି ପଢ଼ିପାରିଥିଲି । ଯାହା ବୋଧେ ବହି ପଢ଼ିବା ପାଇଁ ଆପଣାଛାଏଁ ଏକ ଅଜଣା ପ୍ରେରଣା ପାଲଟିଯାଇଥିଲା । ସାହିତ୍ୟରେ ଆଦ୍ୟଗୁରୁ ଭାବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟଶ୍ରେଣୀରେ ପଢ଼ିଥିବା ମୋର 'ଚାଟଶାଳୀ' ପାଠ ସର୍ବକାଳୀନ ସ୍ମରଣୀୟ ।

■ କେମିତି ଥିଲା ସାହିତ୍ୟଜଗତରେ ପ୍ରଥମ ପ୍ରବେଶ ଅନୁଭୂତି ? ବର୍ତ୍ତମାନସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ସାହିତ୍ୟ ଜଗତରେ ମୋ ପ୍ରଥମ ପ୍ରବେଶ ହୋଇଥିଲା 'ନାଟକ' ପରି ଦୃଶ୍ୟକାବ୍ୟରୁ । ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ; ରଥଯାତ୍ରାଠୁଁ ରଜପର୍ବ, ଦଶହରାଠୁ କାଳିପୂଜା, ସୁଲୁପଭସା / ବୋଇତବନ୍ଦାଣ ଠୁ ଗୁରୁବାର ଓଷା, ମକରସଂକ୍ରାନ୍ତି, ଶିବରାତ୍ରି ଏବଂ ଅଭିରା ପୁନ୍ନେଇ, ପଣାସଂକ୍ରାନ୍ତି ବସ୍ତୁତଃ ମୋ ସାହିତ୍ୟପ୍ରାଣଟିକୁ ତରଙ୍ଗାୟିତ କରିଥିଲା । ମନେପଡ଼େ କଟକ ଆକାଶବାଣୀର 'ଯୁବବାଣୀ ବିଭାଗ'ର ମୋର ପ୍ରଥମ କବିତା 'ମୋ ନଷ୍ଟ ନାୟିକା' ନିର୍ବାଚିତ ହୋଇ ପ୍ରସାର ନିମନ୍ତେ ଯେତେବେଳେ ଚିଠି ମୋ ପାଖରେ ପହଞ୍ଚିଲା, ମୋତେ କବିତାର ବହୁଧା ବିଶ୍ରାମ ଗ୍ରାସିଲା ଭଳି ଲାଗିଥିଲା । ୨୦/୩୦ଟି ଅଛପା ନାଟକ (ପ୍ରାୟ ପଥପ୍ରାନ୍ତ ନାଟକ ଭାବରେ) ମୋର ଏଇ ଅପରିଣାମଦର୍ଶୀ ହାତରେ ଉତୁରିଛି । କବିତାର ସଂଖ୍ୟା କଥା ଏଯାଏଁ ମୋ ହିସାବରେ ନାହିଁ । ତେବେ ୫/୬ଟି କବିତା ବହି ଏଯାବତ୍ ମୁଦ୍ରିତ ହୋଇସାରିଛି । ଯେମାନଙ୍କ ମଧ୍ୟରୁ ୮୦ଦଶକରେ ୧୪ଧାଡ଼ିର ସନେଟ୍ ସମ୍ବଳିତ 'ତୋ' ପାଇଁ' କବିତାଗୁଡ଼ିକ ଯେତିକି ଚର୍ଚ୍ଚାରେ ଥିଲା ୨୦୨୨ରେ 'ଚାଷବାସ' କବିତା ପୁସ୍ତକ ଅଦ୍ୟାବଧି ଚର୍ଚ୍ଚା-ବନ୍ଧନରେ ଅଛି ।

■ ଓଡ଼ିଆ କବିତାର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ କବିତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ କବିତାର ସ୍ଥିତିଶୀଳତାରେ ମୁଁ ପ୍ରଚୁର ଆଶାବାଦୀ । ବିଭିନ୍ନ ଅବଲମ୍ବନ ଆମ ଓଡ଼ିଆ କବିମାନଙ୍କ ପାଖରେ ମହଜୁଦ୍ । ଯଦିଓ ମଲ୍‌ଟି-ଫର୍ମ-ଫର୍ମାଟ୍‌ରେ ବେଶିବେଶି ପରୀକ୍ଷା ନିରୀକ୍ଷା ନହୋଇ ବୋଧଗମ୍ୟ ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ପାଠକ/ପାଠକାନୁଭବକୁ ଛୁଇଁବା ଆବଶ୍ୟକ ରଖେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଂକଟରେ ଅଛି ବୋଲି ତର୍ଜନୀ ନିର୍ଦ୍ଦେଶ ଦେବାର ଯଥାର୍ଥବୋଧ ମୁଁ ଉପଲବ୍ଧି କରୁନି । ତା'ଠୁ ନିରୀକ୍ଷଣ କରାଯାଇପାରେ ଯେ ବହୁଭାଷୀ କବିତାକୁ କିମ୍ବା ସାଂପ୍ରତିକ ମିଶ୍ରଭାଷାରେ ବିଭିନ୍ନ ସାହିତ୍ୟ ଓ ସ୍ରଷ୍ଟା ବଳୀୟାନ୍ ମନେ କରୁଥିଲାବେଳେ ଏହା ଏକ ଦୀର୍ଘକାଳୀନ ସାର୍ଥକ ସାହିତ୍ୟ ବୋଲି ମୋର ମନେ ହୁଏନା । ଗୋଟିଏ ଗୋଟିଏ ସମୟରେ ବିଭିନ୍ନ ପଡ଼ୋଶୀ ସାହିତ୍ୟର କ୍ରଶ୍-ଲାଙ୍ଗୁଏଜ୍ କଥାଭାଷାଠୁ ଲେଖା ମାଧ୍ୟମରେ ଯାହା ଉତ୍ତୀର୍ଣ୍ଣ ବା Meta-modernism ବୋଲି କୁହାଯାଉଛି, ତାହା ଚିରନ୍ତନ ନୁହେଁ । ସମୟ ସମୟରେ ଏତାଦୃଶ ବହୁବିଧ ପରୀକ୍ଷା ଯେତିକି ବିଡ଼ମ୍ବନାମୟ ଲାଗେ ସେତିକି ମଧ୍ୟ ନୂଆ ସମ୍ଭାବନା ସୃଷ୍ଟି କରିଥାଏ । ଏଥିରୁ ମୁକ୍ତି ପାଇବାର ମାର୍ଗ ଆପଣାଛାଏଁ ଉପନୀତ ହେବା ଅବଶ୍ୟମ୍ଭାବୀ ।

■ ଭଲ କବିତାର ସଂଜ୍ଞା କ'ଣ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ ଆପଣଙ୍କର ଅଛିକି ?

■■ **"Great poetry/ Genuine poetry communicates before it is understood."- T.S. Eliot** ଙ୍କର ଭାଷାରେ ଏହି ମତ । କବିତାକୁ ସରଳ ଶବ୍ଦ ଓ ସାର୍ଥକ ବ୍ୟଞ୍ଜନାତ୍ମକ ଶୈଳୀରେ ଲେଖିବା ସେମିତି ସହଜ ନୁହଁ । ଆମ ରାଜ୍ୟର ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ମତରେ 'ଅସହଜ କବିତା ଅନେକତ୍ର / ଅନେକବେଳେ ଜାଲରେ ଛନ୍ଦିଯାଏ, ଅନ୍ୟମନସ୍କ କରାଏ । ଯଦ୍ୱାରା ସହଜବୋଧଗମ୍ୟ କବିତାଟି ହାତରୁ ଖସି ପଳାଏ । ପୁଣି ଅନାଇଥାଏ ତପସ୍ୱୀ କବିକୁ - କବିତା ସେତେବେଳେ ମନେମନେ କହୁଥାଏ - 'ମୋତେ କବି ଧରୁ, ଓହ୍ଲାଇଆସୁ ଏ ବିଚିତ୍ର ବିଛଣାକୁ ।' ଠିକ୍ ସେତିକିବେଳେ ସମକାଳର ଅନ୍ୟତମ ବରିଷ୍ଠ କବି ହରପ୍ରସାଦ ଦାସ କହନ୍ତି : 'ସତର୍କତାରେ କବିତା ହୁଏନା, ହୁଏ ଶାସ୍ତ୍ର ।' ଯେମିତି **'Poetry is a spontaneous overflow...'** ୱାର୍ଡ଼ସ୍‌ୱାର୍ଥଙ୍କ ମତରେ କୁହାହୋଇସାରିଛି ।

ହଁ, ନିଜେ ଜଣେ କବି ଭାବରେ ମାନସିକ ପରିବର୍ତ୍ତନ କବିତା ହିଁ କରିପାରେ, ଏହାର ଯତ୍‌କିଞ୍ଚିତ୍ ଅନୁଭବ ମୋ ପାଖରେ ରହିଛି । ଯାହାର ସାରାଂଶ : 'କବିତା ଏକ ନହନହ ନାଉଡଙ୍କ, ଯେମିତି ସବୁଜ ସେମିତି ବିଶ୍ୱସ୍ତ' । କେବଳ ଭାବାବେଗର ଯଥାର୍ଥ ପରିପ୍ରକାଶ ଘଟିପାରିଲେ ଅନେକ ଅସମ୍ଭବ ସମ୍ଭାବନାର ରାସ୍ତା ଖୋଲିଦେଇଥାଏ । ଅନେକ କବିତା ମଧ୍ୟ ଔଷଧ ପାଲଟିଯାଏ ।

■ ଜଣେ କବି-ସଂପାଦକ ଭାବରେ ଓଡ଼ିଆ ଭାଷା ସାହିତ୍ୟ ବିଶେଷ କରି ଓଡ଼ିଆ କବିତାର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଅସମ୍ଭବ ଭାବରେ ଆଶାବାଦୀ ମୁଁ । ନିରୋଳା ସାହିତ୍ୟ ସହ ସମ୍ପର୍କ ସ୍ଥାପନ କରି ସେଇ ଅଦୃଷ୍ଟ ସତ୍ତାର ପଦଚିହ୍ନ ଦେଖିଦେଖି ଚାଲିଥିବା ଲୋକଟିଏ ମୁଁ । ମୋତେ ଭଲକୁ ଭଲ ଏବଂ ଖରାପକୁ ଖରାପ କହିବାରେ କିଛି ଦ୍ୱିଧା ନଥାଏ । ତେବେ 'ନୂଆମୁହଁ'ମାନଙ୍କ ଉପରେ (ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ ଅଥବା ଆଲୋଚନା) ମୋର ଅସୁମାର ଭରସା - ଯେଣୁ ମୁଁ କହିସାରିଛି ସେମାନଙ୍କର ବିବିଧତା ମୋତେ ଆଶ୍ଚର୍ଯ୍ୟ ଯେତିକି ଆଲୋଡ଼ିତ ସେତିକି କରେ । ୪୦ବର୍ଷ ତଳେ ଲୋକସଂଖ୍ୟା କମ୍ ଥିଲା । ପାଠକ ସଂଖ୍ୟାବି । ଏବେ ପାଠକଙ୍କ ପରିମାପ ଆଶାତୀତ ଭାବରେ ବଢ଼ିଛି ଯଦିଓ ସମୟାନ୍ତରେ ପାଠକୀୟ ବିବିଧତାର ଚିତ୍ର ଅସ୍ୱଷ୍ଟ ଅସ୍ୱଷ୍ଟ ବୋଧ ହେଉଛି ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ "ପୁରସ୍କାରର ଗୁରୁତ୍ୱ ଅଛି ବି ନାହିଁ । ପୁରସ୍କାର ଏକ ପ୍ରେରଣା । ପୁରସ୍କାର ବି ଆଣିଦିଏ ସ୍ଥବିରତା, ଠୁଳେଇପାରେ ଅହଂ ଓ ଅଜ୍ଞତା ।

ସାହିତ୍ୟର ସାଧୁତା ବହୁବିଧ । ଅସାଧୁତା ଅକ୍ଷମଣୀୟ । ନୀରବ ସାଧନା, ସାହିତ୍ୟ ଓ ତା'ର ସାଧକକୁ କାଳଜୟୀ କରାଇଥାଏ । ସମାଜକୁ କରାଇଥାଏ ସୁସ୍ଥ । ସାର୍ଥକ ।

ଯେଉଁ ସାହିତ୍ୟର ଅକପଟ ସାଧୁତା ଯେତେ, ସେହି ସାହିତ୍ୟର ଶୀର୍ଷବିନ୍ଦୁ ସେତେ ଔଜଲ୍ୟ ।" ❤

## ■ ଅକ୍ଷରେ ଶ୍ରୀଦେବ

ଜନ୍ମ : ୨୫-୦୨-୧୯୫୮
ରସାଳପୁର, ବାଲେଶ୍ୱର - ୭୫୬୦୨୧
ବାପା : ୰ ପୂର୍ଣ୍ଣଚନ୍ଦ୍ର ଜୀ
(ସ୍ୱାଧୀନତା ସଂଗ୍ରାମୀ)
ମାଆ : ୰ କଞ୍ଚମଣି ଦେବୀ

ବୃତ୍ତି : ସାହିତ୍ୟ (କବିତା, ନାଟକ ଓ ସ୍ତମ୍ଭ ରଚନା ତଥା ପତ୍ରିକା ସମ୍ପାଦନା), ସମାଜସେବା ।

ପ୍ରବୃତ୍ତି : ଆପଣା ସମର୍ଥ ସତ୍ତାରେ ସମାଜ ପାଇଁ କିଛି କବିତା, ନାଟକ, ଫିଚର ଲେଖିବା ଏବଂ ପତ୍ରପତ୍ରିକା ସମ୍ପାଦନା କରିବା । ସାମାଜିକ ବିଧିବ୍ୟବସ୍ଥାର ସଂସ୍କାର ଆଣିବା ପାଇଁ 'ଚନ୍ଦ୍ରଭାଗା' ତରଫରୁ ଜନସଚେତନତା ଉଦ୍ଦେଶ୍ୟରେ ପ୍ରଥପ୍ରାନ୍ତ ନାଟକ, କବିତା ପାଠୋତ୍ସବ, ସେମିନାର ଓ ସିମ୍ପୋଜିୟମ୍ ଆୟୋଜନ କରିବା । ସାଂସ୍କୃତିକ ସଚେତନା ସୃଷ୍ଟିକରିବା ।



## ■ ପ୍ରକାଶିତ ପୁସ୍ତକ ■ :

**କବିତା ସଂକଳନ**

୧. ତୋ ପାଇଁ
୨. ସ୍ମିତା ଦାସ, ମୁଁ ଓ ଆଉ କେତେଜଣ
୩. ଅଭାବ ଦାସର ଦେଶ
୪. ଚାଷବାସ

ପ୍ରକାଶୋନ୍ମୁଖୀ କବିତା ଗ୍ରନ୍ଥ :
ଭୂଇଁ ନଅଣ, ଭୋକ ଭଉଁରି, ଖସିପଡୁଥିବା ଆକାଶ ଓ ମହାତ୍ମାଗାନ୍ଧୀଙ୍କ ହସ
ପ୍ରକାଶୋନ୍ମୁଖୀ ନାଟକ :
ରାତି ଓ ଫାଶୀ ସ୍ୱପ୍ନ
ପ୍ରକାଶୋନ୍ମୁଖୀ ଫିଚର ଗ୍ରନ୍ଥ :
ଖଟି କମେଣ୍ଟ୍ରି ଓ ଗାଁ ଗୁମର



କବି ଜୟନ୍ତ ମହାପାତ୍ରଙ୍କ ସହ ଶ୍ରୀଦେବ...



କବି କଥାକାର ଶୁଭେନ୍ଦୁ ମୋହନ ଦାସଙ୍କ ସହ କବି ଶ୍ରୀଦେବ ...



କବି ହରିନାରାୟଣ ନନ୍ଦ ପ୍ରହରାଜ ଓ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ସହ କବି ଶ୍ରୀଦେବ ...



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ଶ୍ରୀଦେବ...



ପ୍ରିୟ ବନ୍ଧୁମାନଙ୍କ ଗହଣରେ କବି ଶ୍ରୀଦେବ ...



## ସୁପ୍ରିୟା ପଣ୍ଡା

ବହୁତ ପୂର୍ବରୁ ଲେଖୁଥିଲେ ବି ମୋର ପ୍ରଥମ ବହି ଅନେକ ଡେରିରେ ବାହାରିଲା । ମୋ ନିଜର ଦୋଷ ବହିଟେ ବାହାର କରିବା ବିଷୟରେ ମୁଁ ଅତ୍ୟନ୍ତ ଅମନଯୋଗୀ । ଯାହାହେଉ ମୋର ପ୍ରଥମ ବହି ବାହାରିଲା ୨୦୦୧ ମସିହାରେ । ସେଥିରୁ ଗୋଟିଏ ମୁଁ ପଠାଇଥିଲି ସେ ସମୟର ବର୍ଷିଆନ୍ ସମ୍ମାନନୀୟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କୁ । କେବେ ଦେଖି ନଥିଲି ତାଙ୍କୁ।

### ପ୍ରିୟ ପାଠକ-୧୦

# ମହାପାତ୍ର ନୀଳମଣି ସାହୁଙ୍କ ଚିଠିଟି ମୋ ଜୀବନର ସର୍ବଶ୍ରେଷ୍ଠ ପୁରସ୍କାର ...

ପ୍ରିୟ ପାଠକ ଶୀର୍ଷପାଇଁ ମୋତେ ମୋ ପାଠକଙ୍କ ବିଷୟରେ ସ୍ତମ୍ଭଟିଏ ଲେଖିବାକୁ ପଡ଼ିବ। ଏହା ଏକ ସୁନ୍ଦର ଅନୁରୋଧ । କାରଣ ପାଠକ ମୋ ପାଇଁ ଖୁବ୍ ଜରୁରୀ । ମୋ ଲେଖାର ମୂଲ୍ୟାୟନ ପାଇଁ ସେମାନେ ଦର୍ପଣର କାମ କରନ୍ତି। ମୋ ଲେଖାର ଭୁଲ୍ ତୃଟି ମୁଁ ଖାଲି ଆଖିରେ ଯେମିତି ଦେଖିପାରେ। ତା'ଠାରୁ ଅନେକ ସ୍ପଷ୍ଟ ଭାବରେ ଜାଣିପାରେ ପାଠକଙ୍କ ମତାମତର ପର୍ଯ୍ୟାଲଚନା କରି ।

ଲେଖିଲା ଦିନରୁ ପାଠକମାନଙ୍କ ପାଖରୁ କ୍ରମାଗତ ଭାବରେ ସେମାନଙ୍କ ପ୍ରତିକ୍ରିୟା ପାଉଥିଲି । ଆଗେ ଚିଠି ଆସୁଥିଲା ତା' ପରେ ଫୋନ୍ ଓ ଏବେ ହ୍ୱାଟ୍ସଆପ୍ । ମୁଁ କିନ୍ତୁ ସବୁ ବିଷୟରେ ହିଁ ଚିଠିର ଭକ୍ତ, ତାକୁ ସାଇତି ରଖି ହୁଏ। ଆଉ ଅନ୍ୟ ଦୁଇଟିକୁ ଲାଗେ ସତେ ଅବା ଜଳର ଭଉଁରି । ହୁଏ, ଲିଭିଯାଏ, ସାଉତି ହୁଏନା ।

ବହୁତ ପୂର୍ବରୁ ଲେଖୁଥିଲେ ବି ମୋର ପ୍ରଥମ ବହି ଅନେକ ଡେରିରେ ବାହାରିଲା । ମୋ ନିଜର ଦୋଷ ବହିଟେ ବାହାର କରିବା ବିଷୟରେ ମୁଁ ଅତ୍ୟନ୍ତ ଅମନଯୋଗୀ । ଯାହାହେଉ ମୋର ପ୍ରଥମ ବହି ବାହାରିଲା ୨୦୦୧ ମସିହାରେ । ସେଥିରୁ ଗୋଟିଏ ମୁଁ ପଠାଇଥିଲି ସେ ସମୟର ବର୍ଷିଆନ୍ ସମ୍ମାନନୀୟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କୁ । କେବେ ଦେଖି ନଥିଲି ତାଙ୍କୁ। ହେଲେ ତାଙ୍କର ଅଭିଶପ୍ତ ଗନ୍ଧର୍ବ ବହିଟି ଥିଲା ମୋ ପାଇଁ ଏକ ସାମଗ୍ରୀକ ଜୀବନର ପଟ୍ଟଚିତ୍ର । ପଢୁ ପଢୁ ଅକ୍ଷର ଲିଭିଯାଏ । ସମୟ ଓ ଚରିତ୍ର ସବୁ ଆରମ୍ଭ କରନ୍ତି ନିଜ ନିଜର କାର୍ଯ୍ୟକଳାପ। ଯେତେଥର ପଢ଼େ ମୁଁ ପାଠକରୁ ପାଲଟି ଯାଏ ଦର୍ଶକ। ମୋ ସହିତ ଠିକ୍ ଏମିତି ହିଁ ହୁଏ । ଯେତେ ଥର ମୁଁ ପଢ଼େ ସ୍ୱର୍ଗତଃ ବିଭୂତି ଭୂଷଣଙ୍କର ପଥେର ପାଞ୍ଚାଲି। କେତେଥର ମୋ କଳ୍ପନାରେ ମୁଁ ପହଞ୍ଚି ଯାଇଛି ସତ୍ୟଜିତ ରାୟଙ୍କ ପାଖକୁ ଅନୁରୋଧ ନେଇ । ସେ ଯେପରି ଅଭିଶପ୍ତ ଗନ୍ଧର୍ବକୁ ନେଇ ଏକ ଚିତ୍ରଟେ କରନ୍ତୁ । ହେଇପାରିଥାନ୍ତା ଏକ ଅସାମାନ୍ୟ ଚଳଚ୍ଚିତ୍ର ।

ବହି ପଠାଇବାର ପର ସପ୍ତାହରେ ହିଁ ଚିଠିଟିଏ ପାଇଲି । ସେ ପୁଣି ପାଞ୍ଚ ପୃଷ୍ଠାର । ନିଜକୁ ହିଁ ବିଶ୍ୱାସ କରିପାରୁନଥାଏ । ସ୍ୱର୍ଗତଃ ନୀଳମଣି ସାହୁ ନିଜ ହାତରେ ଲେଖିଛନ୍ତି ପୁଣି ଚିଠିରେ ସମ୍ବୋଧନ କରିଛନ୍ତି ମା'ରେ ସେତିକି ପଢ଼ିହିଁ ମୋ ଆଖି ଲୁହ ଡବଡବ । ସେହି ଚିଠିରେ ସେ ଯାହା ଲେଖିଥିଲେ ସେଇଟା ବି ଥିଲା ଏକ ସମ୍ପୂର୍ଣ୍ଣ ସାହିତ୍ୟ । ତା ଭିତରେ ପୁଣି ଥିଲା ତାଙ୍କର ସେଇ ଚମତ୍କାର ଉପମା । ମା'ରେ ମୁଁ ମହାପ୍ରସାଦ ବହୁତ ଭଲପାଏ । ପିଲାଙ୍କ ପରି ରହି ରହି ଖାଏ ସତେ ଯେପରି ଶୀଘ୍ର ସରି ନଯାଉ । ଠିକ୍ ସେମିତି ମୁଁ ତୋର 'ନିର୍ବାଣ' ବହିଟି ରହି ରହି ପଢ଼ିଛି ଯେମିତି ଆହୁରି ଲମ୍ବିଯାଉ ।

ତାଙ୍କ ଚିଠିଟି ମୋ ଜୀବନର ସର୍ବଶ୍ରେଷ୍ଠ ପୁରସ୍କାର ।

ତା' ପରେ ଜାନୁଆରୀ ୨୦୦୨ରେ ସେ ଦିନେ ଫୋନ କଲେ । ମୋ ସ୍ୱାମୀଙ୍କୁ ଖୋଜି ନିମନ୍ତ୍ରଣ କଲେ ମକରର ମଧ୍ୟାହ୍ନ ଭୋଜନ କରିବାକୁ । ମୋ ସ୍ୱାମୀ ଆସି ପାରିଲେନି। ହେଲେ ମୁଁ ଆସିଥିଲି।

ମଜା କଥା ହେଉଛି ସେତେବେଳେ ମୁଁ ବାରିପଦାରେ ଥିଲି ।

ବାପା ତାଙ୍କ ଝିଅକୁ ମକରରେ ଖାଇବାକୁ ଡାକିଲେ, ଝିଅ ଆସିଲା । ଡାକିବା ଆଉ ଆସିବା ଲୋକ, କାହାକୁ ୨୫୫ କି.ମି ଦୂରତ୍ୱଟା ଦିଶିଲାନି । ଅଥଚ ଆମ ଚିହ୍ନା ଲୋକ ସବୁ ଆଶ୍ଚର୍ଯ୍ୟ ହେଉଥିଲେ ଯେ ଏତେ ଦୂରରୁ କେହି ମଧ୍ୟାହ୍ନ ଭୋଜନ ପାଇଁ ଯାଏ!! ମୋର ସହଜ ଉତ୍ତର ଥିଲା, ହଁ ମୁଁ ଯାଏ ।

ସେଦିନ ହିଁ ତାଙ୍କୁ ପ୍ରଥମ ଥର ପାଇଁ ଦେଖିଲି।

ଦେଖିଲି କି ଚମତ୍କାର ପରିବାର ତାଙ୍କର। ସ୍ତ୍ରୀ (କେତେ ଯେ ସ୍ନେହମୟୀ, ବର୍ଣ୍ଣନା କରି ପାରୁନି) ପୁଅ, ବୋହୂ.. କେତେ ମଧୁର ଭାବରେ ଯେ ସେ ତାଙ୍କ ପୁତ୍ରବଧୂଙ୍କୁ ଡାକୁଥିଲେ, ଆଜି ବି ମନେ ଅଛି ମୋର । ମନେଅଛି ତାଙ୍କ ପୁଅ ବି ସେଦିନ ଗୋଟିଏ ତରକାରୀ କରିଥିଲେ, ଖୁବ୍ ସ୍ୱାଦିଷ୍ଟ ଥିଲା ।

ସେତେବେଳେ ମୁଁ ଗୋଟିଏ କ୍ଷୁଦ୍ରଗଳ୍ପ ଲେଖିଥିଲି, 'କହ୍ଲାର' । ସେଇଟା ଗୋଟାଏ ଫୁଲର ନା, ପଦ୍ମ ନୁହେଁ କି କଇଁ ନୁହେଁ, କହ୍ଲାର ଫୁଲ । ପୁରାଣରେ କୁହାଯାଏ କୃଷ୍ଣଙ୍କ ଜନ୍ମ ପୂର୍ବରୁ ଈଶ୍ୱର ତାଙ୍କର ନୀଳ ଗାତ୍ର ବର୍ଣ୍ଣ କେମିତି ହେବ ସେ କଥା ଭାବି କହ୍ଲାର ଫୁଲର ସୃଷ୍ଟି କରିଥିଲେ। ମୁଁ ପଢ଼ିଥିଲେ ବି କେବେ ଦେଖି ନଥିଲି । ଯମୁନା କୂଳରେ ଫୁଟୁଥିଲା ସେ ଫୁଲ । ରାଧା ପାଣି ନେଇ ଗଲାବେଳେ ସେ ଫୁଲ ସବୁ ତାଙ୍କ ପଣତକୁ ଭିଡ଼ି ଧରୁଥିଲେ। ଏ ତ ପୁରାଣ କଥା । କହ୍ଲାର ସନ୍ତସନ୍ତିଆ ଜାଗାରେ ଫୁଟେ ।

ଖାଇସାରିବା ପରେ ଆମେ ସବୁ ଆଲୋଚନାରେ ମାତି ଥାଉ । ହେଲେ ମା'ଙ୍କର ଠିକ୍ ଖିଆଲ୍ ଥାଏ ଯେ ଏତେ ଥଣ୍ଡାରେ ମୋତେ ପାଞ୍ଚ-ଛଅ ଘଣ୍ଟାର ବାଟ ଯିବାକୁ ପଡ଼ିବ । ଆମେ ଛାତକୁ ଗଲୁ ବଗିଚା ଦେଖିବାକୁ ଆଉ ସେଇଠି ମୋ' ପାଇଁ ଅପେକ୍ଷା କରି ରହିଥିଲା ଏକ ଆଶ୍ଚର୍ଯ୍ୟ କଥା । ଅନେକ କିସମର ଫୁଲ ଥିଲା, ଶୀତ ଦିନ । କିନ୍ତୁ ପାଣି କୁଣ୍ଡରେ ଫୁଟିଥାଏ ତିନୋଟି କହ୍ଲାର ଫୁଲ । ସେଥିରୁ ସେ ଗୋଟିଏ ମୋତେ ଦେଲେ ।

ଏତେ ଦୂର ବାଟ ଯାଉ, ଯାଉ ମୁଁ ଖାଲି ଫୁଲଟାକୁ ଦେଖୁଥାଏ । କାରଣ ଏଇଟା ଉଦ୍ଭିଦପ୍ରେମୀ ମୋ ସ୍ୱାମୀଙ୍କ ପାଇଁ ଦିଆ ହୋଇଥିଲା । କିନ୍ତୁ ଭଦ୍ରକ ନ ପହଞ୍ଚୁଣୁ ସେ ପାଖୁଡ଼ା ସବୁ ବୁଜି ହୋଇଗଲା । ଘର ତ ଆହୁରି କେତେ ବାଟ । ଡେରିରେ ପହଞ୍ଚିଲି, ବହୁତ ଶୀତ । ନିଦରେ ଶୋଇଥିବା ସ୍ୱାମୀଙ୍କୁ ଆଉ ରାତିରେ କିଛି ନ କହି ସକାଳେ ଦେଖାଇଲି । ମୋର ଦୁଃଖୀ- ମୁହଁକୁ ଅନାଇ ସେ ଫୁଲଟିକୁ ଆମ ଅଗଣାରେ ଖରା ପଡୁଥିବା ଜାଗାରେ ରଖିଲେ । ଆଉ ଆଶ୍ଚର୍ଯ୍ୟର କଥା ଦି' ଘଣ୍ଟା ପରେ ଫୁଲର ପାଖୁଡ଼ା ସବୁ ପୁଣି ମେଲିଗଲା । ମୋ ସ୍ୱାମୀ, ଶାଶୁ, ଶ୍ୱଶୁର ସମସ୍ତେ ଦେଖିଲେ କହ୍ଲାର ଫୁଲର ଶ୍ୟାମ ନୀଳ ରଙ୍ଗ କୃଷ୍ଣଙ୍କ ଜନ୍ମ ପୂର୍ବରୁ ତିଆରି ହୋଇଥିବା ତାଙ୍କ ଗାତ୍ରବର୍ଣ୍ଣର ବ୍ଲୁ-ପ୍ରିଣ୍ଟ।

ଏଇ ସାହିତ୍ୟରୁ ହିଁ ଲମ୍ବି ଯାଇଥିଲା ସମ୍ପର୍କ, ବାତ୍ସଲ୍ୟ, କହ୍ଲାର ଫୁଲର ମଉଳି ଯିବା, ପୁଣି ସେ ଫୁଲ ଉଜ୍ଜୀବିତ ହେବା ଆପଣମାନଙ୍କୁ ହୁଏତ ଏଇଟା ଗଣିତ ପରି ଲାଗୁଥିବ, ହେଲେ ଇୟେ ଗଣିତ ନୁହେଁ, ଇୟେ ଈଶ୍ୱରଙ୍କ ଆଶୀର୍ବାଦ । ସମସ୍ତ ପାଠକଙ୍କୁ ନମସ୍କାର ଜଣାଇ ରହିଲି ।



**ପ୍ରିୟ ପାଠକ**
**ମହାପାତ୍ର ନୀଳମଣି ସାହୁ**

♥ ଜେନେରାଲ ମେନେଜର,
ହାଇଟେକ୍ ମେଡିକାଲ
ଭୁବନେଶ୍ୱର,
ମୋ: ୯୯୩୭୧୯୧୧୪୮

---

ଗୋଟେ ଗପ...

# କୋଇଲି କାନ୍ଦ

**ଶ୍ରୀନିବାସ ସେଠୀ**



ବାଙ୍ଗାଲୋରରେ କୋଇଲିଟିଏକୁ ଦେଖିଲେ ଲାଗେ ଯେମିତି ଇଏ ଆମ ଗାଁର କୋଇଲି ଯଦିଓ କୋଇଲି ଭାରତବର୍ଷର ସବୁ ଗାଁ ସବୁ ସହରରେ ଥାଆନ୍ତି । କିନ୍ତୁ କେଜାଣି କାହିଁକି ଲାଗେ ସବୁ କୋଇଲି ଆମ ଗାଁ କୋଇଲି।

କୋଇଲିକୁ ନେଇ ଆମ ଗାଁରେ ଯେଉଁ ପର୍ବ ଥାଏ ତାହା ଅନ୍ୟ କେଉଁଠି ଦେଖିନାହିଁ । ଗାଁରେ କୋଇଲିର ପୂଜା ହୁଏ ସାତ ଦିନ ଧରି। ସେତେଦିନ ଘରକୁ ଆଇଁଷ ପଶେନି। ସାତ ଦିନ ଯାକ ପାହାନ୍ତିରୁ ଉଠି ଫୁଲ ତୋଳିବାକୁ ଯାଉ । ଏଇ ସମୟର କାହା ବାଡିରେ ଫୁଲ ଚୋରିହେବାଟା ଚୋରିରେ ଗଣା ହୁଏନାହିଁ । ହରେକ ରକମର ଫୁଲ ଆଣି କୋଇଲିକୁ ସଜାଇ ପୂଜା କରାଯାଏ । ଛତୁଆ ସଂକ୍ରାନ୍ତି ଦିନ କୋଇଲିକୁ ଆମେ ଭାର ସହ ଆମ୍ବ ଗଛରେ ଚଢାଇ ବିଦାୟ ଦେଉ ।

ପନ୍ଦର ଦିନ ପୂର୍ବରୁ ଚିକିଟା ଚକଟା ମାଟିରେ କୋଇଲି ତିଆରି ହୁଏ । ଆମ ଗାଁରେ କୋଇଲି ଗଢନ୍ତି କିନ୍ତୁ ପଦୁ କକା । ସାତ ଆଠଦିନ ଧରି କକାଙ୍କ ପାଖରେ ସବୁ ଝିଅଙ୍କ ଭିଡ । ସେ କୋଇଲି ତିଆରି କରିବା ପାଇଁ ଏତେ ପ୍ରସିଦ୍ଧ ଥିଲେ ଯେ ସମସ୍ତେ ତାଙ୍କୁ 'କୋଇଲି କକା'ବୋଲି ଡାକନ୍ତି । ପ୍ରତି ମେଢରେ ଦୁଇଟି କୋଇଲି ତିଆରି ହୁଏ । ତାଙ୍କ ଉପରେ କୋଇଲିର ଛତା ତିଆରି ହୁଏ। ଲାଲ ଟହ ଟହ ଆଉ ମୁଣ୍ଡରେ ଗାଢ଼ କଳା ରଙ୍ଗର ସେହି ରୁଞ୍ଜକୁ ନେଇ ଲାଲ ଓ କଳା ଅଧା ଅଧା ରଖି କୋଇଲିର ଆଖି ତିଆରି ହୁଏ। କୋଇଲି ପାଣି ପିଇବା ପାଇଁ ସୁନ୍ଦର ଛୋଟ ମାଠିଆ ତିଆରି ହୁଏ । ପଦୁ କକା ସବୁ ବଡ ସୁନ୍ଦର୍ କରି ବନାଇ ଦିଅନ୍ତି । ଏଇ ତିଆରି କରିବା ପାଇଁ ସେ କାହାରି ପାଖରୁପଇସା ମଧ୍ୟ ନିଅନ୍ତି ନାହିଁ ।

କୋଇଲି ତିଆରି କରିବାରେ ସେ ବହୁତ ଖୁସି ଥାଆନ୍ତି ।

ସେ ବର୍ଷ ମୁଁ ପଢୁଥାଏ ଅଷ୍ଟମରେ । ମୋ ରୁନୁ ଦେଇ କିଛି ଚକଟା ଚିକିଟା କାଦୁଅ ଦେଇ ପଠାଇଥିଲା କୋଇଲି କକାଙ୍କଠୁ କୋଇଲି ତିଆରି କରି ନେଇଯିବା ପାଇଁ । ମୁଁ ପହଞ୍ଚିଲା ବେଳକୁ ତାଙ୍କ ପାଖରେ ଝିଅଙ୍କ ଲାଇନ । ମୁଁ ଯାଇ ତାଙ୍କ ପଲ୍ଲିରେ ବସିଲି । ସବୁ ଝିଅଙ୍କୁ ତ ମୁଁ ଚିହ୍ନିଥିଲି କିନ୍ତୁ ମୋତେ ଦେଖି ଅଳ୍ପ ଅଳ୍ପ ଲାଜ କରୁଥିବା ସେ ଝିଅଟି କିଏ ମୁଁ କିନ୍ତୁ ଚିହ୍ନି ପାରିଲି ନାହିଁ । ଗରମ ବଡ କରିଥାଏ । ପଲ୍ଲୀରେ ଲାଇନ କଟିଯାଇଥାଏ । ମୁଁ ଝାଳରେ ବୁଡି ଯାଇଥାଏ। ପଦୁ କକାଙ୍କ ବଡ ଝିଅ କୁନି ଅପା ମୋ ଅବସ୍ଥା ଦେଖି ସେହି ନୂଆ ଝିଅକୁ ତାଳପତ୍ରର ବିଞ୍ଚଣାଟିଏ ଦେଇ କହିଲା, 'ଏ କୋଏଲ ! ବଞ୍ଚଣାଟିରେ ଟିକିଏ ବିଞ୍ଚି ଦେଲୁ ଅଂଶୁକୁ । ଡା ଖରାଟାରେ ଗାଁ ଶେଷ ମୁଣ୍ଡରୁ ଆସିଛି ଚାଲି ଚାଲି । ଝାଳ ବୋହି ଯାଉଛି।'

ମୁଁ ଏବେ ଜାଣିଲି ଝିଅଟିର ନାମ କୋଏଲ। ବଡ ସୁନ୍ଦର ନାମ ।

ସେ ମୋ ଆଗରେ ବସିଲା । ଲମ୍ବା ଓ ଗୋରା। ଟୁ ପିସ୍ ପିନ୍ଧିଥାଏ । ସେ ବିଞ୍ଚଣା ନେଇ ବିଞ୍ଚିବାକୁ ଲାଗିଲା ମୋ ମୁହଁ ସାମନାରେ । ହାତ ବିଞ୍ଚଣାରେ ମୁହଁ ପାଖରେ ବିଞ୍ଚିବାକୁ ହେଲେ ତ ମୁହଁକୁ ଦେଖାଇବାକୁ ପଡିବ କୁଆଡେ ବାଜିଯିବ ବୋଲି । ସେ ତେଣୁ ମଝିରେ ମଝିରେ ମୋ ମୁହଁକୁ ଚାହୁଁଥାଏ ।

କୁନି ଅପା ଚିହ୍ନାଇ ଦେଲା, 'ଇଏ ମାଧୁରୀ ଭାଉଜଙ୍କ ସାନ ଭଉଣୀ । ସପ୍ତମରେ ପଢୁଛି । ଏଇ ଥର ବୋର୍ଡ ପରୀକ୍ଷା ଦେବ । ତୋ ଭଳିଆ ଭଲ ପଢେ ସେ । ଗୀତ ବି ଭଲ ଗାଏ ।'

ମୁଁ ତା ବିଷୟରେ ଶୁଣିବି କ'ଣ । ଖାଲି ତ ଚାହିଁ ରହିଲି ତା ମୁହଁକୁ । କିଏ ଏତେ ସୁନ୍ଦର କରି ଗଢିଲା ଏ ଝିଅଟିକୁ ! କେତେ ସୁନ୍ଦର ମାୟା ମାୟା ଆଖି ! କେତେ ସୁନ୍ଦର ଓଠ । ନିଜେ ବିଞ୍ଚୁଥିବା ପଙ୍ଖାରେ ଯେତେବେଳେ ତା ଖୋଲା କେଶ ତା ମୁହଁକୁ ଉଡ଼ି ଆସୁଥାଏ , ସେ ତା ସରୁ ଆଙ୍ଗୁଳିରେ ପୁଣି ମୁହଁ ଆଡୁ ଆଡେଇ ଦେଉଥାଏ । କେତେ ସୁନ୍ଦର ତା ଆଙ୍ଗୁଳି ସବୁ ! ସମସ୍ତେ କୁହନ୍ତି ମାଧୁରୀ ଭାଉଜକୁ ଆମ ଗାଁରେ ସବୁଠୁ ସୁନ୍ଦରୀ ବୋଲି । ଇଏ ତ ତାଙ୍କଠୁ ଆହୁରି ସୁନ୍ଦର ।

ନାଁ , ମୋ ମୁହଁର ଝାଳ ଆଉ ଶୁଖିଲା ନାହିଁ। ଖାଲି ତ ଗମ ଗମ ହୋଇ ବୋହିଲା । କୋଏଲ ବୁଝି ପାରି କହିଲା, 'ମୁଁ ଆଉ ବିଞ୍ଚି ପାରିବି ନାହିଁ ଅପା ! ଯେତେ ବିଞ୍ଚିଲେ ବି ତ ଝାଳ ଶୁଖୁନାହିଁ ତାର । ତୁମେ ତାକୁ ଆଗ କୋଇଲି ବନାଇ ଦେଇଦିଅ ।'

କୋଇଲି କକା ମୋତେ ପାଖକୁ ଡାକି ଆଗ କୋଇଲି ବନାଇ ଦେଇଦେଲେ । ମୁଁ କୋଇଲି ନେଇ ପଳାଇ ଆସିଲି ତଥାପି ଝାଳ ବୋହୁଥିଲା।

ମୋ ଦେଇ କୋଇଲିକୁ ଦେଖି ବଡ ଖୁସି ହୋଇଗଲା, କହିଲା, 'କାଲି ତୋ ପାଇଁ ଗୋଟିଏ ବଡ ଚକୋଲେଟ କିଣିବି ।' ମୁଁ କିନ୍ତୁ କାହିଁକି ଭାବିଲି କେଜାଣି ମୋତେ ଦୁଇଟି ଚକୋଲେଟ ମିଳନ୍ତାକି ।

ଦିନେ ସଂଜ ବେଳେ କୋଏଲ୍ ଆସିଥିଲା ପୋଖରୀ ତୁଠ ମନ୍ଦିରକୁ । ଏକେ ତ ଶେଷ ବସନ୍ତ ସଂଜ ହାତରେ ରହିଯାଇଛି ମିଠା ମିଠା ବାସ୍ନା ଦ୍ୱିତୀୟରେ ପୋଖରୀ ତୁଠରେ ଦେହରେ ଲଦି ପଡୁଥାଏ ହାଉ ହାଉ ପାଗଳା ପବନ । ସଂଜ ଆଳତି ସାରି ଫେରୁଥିବା କୋଏଲକୁ ଏକା ଏକା ଦେଖି ପଚାରିଲି, ' ମୋ ଦେଇ କହୁଥିଲା , ତୁ କୁଆଡେ ଭଲ ଗୀତ ଗାଉ । ମୋତେ ଗୋଟିଏ ଗୀତ ଶୁଣାଇଲୁ ଦେଖି ।'

ସେତେବେଳେ ପୋଖରୀ ହୁଡ଼ାରେ ମୁହଁ ଅନ୍ଧାର । ସେ କହିଲା, 'କହିବି ଯାଇ ତୁମ ଦେଇକୁ ? ନିଛାଟିଆରେ ଗୀତ ଶୁଣିବାକୁ ଡାକୁଛ ?'

ତା ପରେ ଦଉଡିଲା ସେ ଘର ଆଡକୁ । ମୁଁ ଡରିଲି, 'ଏ କୋଏଲ ଦଉଡ଼ି ଦଉଡ଼ି ଯାଇ ମୋ ଦେଇ ପାଖରେ ସତକୁ ସତ କହି ଦେବନି ତ ।'

ମୁଁ ଘରେ ପହଁଚିଲା ବେଳକୁ ମୋତେ ଦେଇ ଡାକି କହିଲା,

'ଶୁଣ । ଗୋଟିଏ କଥା ।'

ମୁଁ ହଠାତ୍ ଡରି ଛେପ ଢ଼ୋକି କହିଲି,'ନାଁ ସବୁ ମିଛ ।'

- କ'ଣ ମିଛ ? ଆଗ ଶୁଣ । ଆଉ ଚାରି ଦିନ ପରେ ପୂଜା ଆରମ୍ଭ ହେବ । ତୋତେ କିନ୍ତୁ ସେତେବେଳ ବଡି ଭୋର ଉଠିବାକୁ ପଡିବ, ଯିବା ଫୁଲ ଆଣିବାକୁ । ତୁ, ମୁଁ , ମାଧୁରୀ ଭାଉଜ ଆଉ କୋଏଲ ।

ମୁଁ ଭିତରେ ଭିତରେ ବହୁତ ଖୁସି ହୋଇଗଲି କିନ୍ତୁ ମିଛ ବାହାନା କରି କହିଲି ,'ହଉ ଦେଇ ! ଦେଖି , ମୋ'ର ପଢା ଅଛି । ସକାଳୁ ସକାଳୁ ନିଦ ବି ଲାଗୁଛି । ଉଠି ପାରିବି କି ନାହିଁ ଦେଖିବି।' ମୁଁ ଏତକ ମୁହଁରେ କହିଲି ସିନା କିନ୍ତୁ ବହୁତ ଖୁସି ହୋଇଯାଇଥିଲି କୋଏଲ ସାଙ୍ଗରେ ଫୁଲ ଆଣିବାକୁ ଯିବି ବୋଲି ।

ସେଦିନ ଦେଇ ଆଉ ମୁଁ ବଡି ଭୋରରେ ପହଞ୍ଚିଲୁ ମାଧୁରୀ ଭାଉଜ ଘରେ । ମାଧୁରୀ ଭାଉଜ ସହ କୋଏଲକୁ ଦେଖିଲି । ଭୋର କାକରରେ ଭିଜା ଓ ପାହାନ୍ତି ପବନରେ ଥରୁଥିବା ଫୁଲର କଢ ପରି ତା ଆଖି ଦୁଇଟିରେ ନିଦ ଆତୁରତାର ଅଳସତା ।

ମୁଁ ପଚାରିଲି , 'ଭାଉଜ ! ଏବେ ଏବେ ଉଠିଲା କି କୋଏଲ ?'

- ଉଠିବ କ'ଣ ? ଠିକ୍‌ରେ ରାତି ସାରା ଶୋଇ ତ ନାହିଁ ଫୁଲ ତୋଳିବାକୁ ଯିବ ବୋଲି।

ମୁଁ ଏହାଶୁଣି କହିବି କ'ଣ । ମୋର ତ ସେଇ ଅବସ୍ଥା । ମୁଁ ଖାଲି କହିଲି , 'ରାତି ସରି ସରି ଆସୁଛି, ଜଲଦି ଯିବା ଏବେ ଦେଇ ।'

ସେ ଏତେ ଗୋରା ଯେ ଅନ୍ଧାର ଭିତରେ କୋଏଲର ମୁହଁଟି କିନ୍ତୁ ମୋତେ ସ୍ପଷ୍ଟ ଦେଖା ଯାଉଥାଏ ।

ଛତୁଆ ସଂକ୍ରାନ୍ତି ଦିନ ଦେଇକୁ କହିଲି, 'ଦେଇ ! ମାଧୁରୀ ଭାଉଜ କହୁଥିଲେ, କୋଇଲି ଭାର ମୋତେ ନେଇ ଯିବାକୁ ପଡିବ ଆମ୍ବ ଗଛ ଯାଏ । ତାଙ୍କର ଜଣେ ପୁଅ ଦରକାର ।'

- ଆମ କୋଇଲି ଭାର ତେବେ କିଏ ନେଇଯିବ ?

- 'ଆଚ୍ଛା ! ଏକା ସାଙ୍ଗରେ ଦୁଇଟି ନେଇ ହେବନି ? ଛୋଟ ତ ।

- 'ଚୁପ୍ ! କୋଇଲି ଭାରକୁ ଛୋଟ କୁହନ୍ତି ନାହିଁ ।'

ମୁଁ ଚୁପ୍ ରହିଲି, ଆମ୍ବଗଛ ପର୍ଯ୍ୟନ୍ତ ।

'କୋଇଲି କକା' ନିଜେ ଗଛ ଚଢି ଗୋଟେ ଗୋଟେ କରି ସମସ୍ତଙ୍କ କୋଇଲି ଡାଳରେ ବସାଇ ଦେଲେ । ଶଙ୍ଖ ହୁଳୁହୁଳି ବାଜୁଥାଏ । ଆମ କୋଇଲି ଓ ମାଧୁରୀ ଭାଉଜଙ୍କ କୋଇଲି ଗୋଟିଏ ଛତିରେ ପାଖାପାଖି ବସାଇ ଦେଲେ କକା । ମୁଁ ସେତେବେଳଯାଏ ଯେଉଁ ଚୁପ୍ ଥିଲି ଏବେ ହଠାତ୍ ତାଳିମାରି ନାଚି ଉଠିଲି । ଦେଖିଥିଲି କୋଏଲ ଦୁଇ କୋଇଲିକୁ ପାଖରେ ଦେଖି ମଧ୍ୟ ବହୁତ ଖୁସି ହୋଇଥିଲା । ଆମ କୋଇଲି ସବୁଠୁ ଆଗ ଡାଳରେ ଥିଲା ।

ଦେଇ , ମାଧୁରୀ ଭାଉଜ ଓ ଗାଁର ଅନ୍ୟ ଝିଅ ବୋହୁ ମାନେ ଏକା ସାଙ୍ଗରେ ଶଙ୍ଖ ବଜାଇ ହୁଳାହୁଳି ଦେଇ କୋଇଲି ଗୀତ ଗାଇ କୋଇଲିକୁ ବିଦାୟ ଦେଲେ ।

କେବଳ ଦେଖିଲି କୋଏଲ ଗୀତ ଗାଉ ନଥିଲା ଲାଜରେ, କୁଆଡେ ମୁଁ ଶୁଣିନେବି ବୋଲି । ମାଧୁରୀ ଭାଉଜ ମିଠା ଛତୁଆ ମୋତେ ଖୁଆଇ ସାରି ମୋ ଗାଲରେ ଛତୁଆକୁ ବୋଳି ଦେଇଥିଲେ।

କୋଏଲ ଫେରି ଯାଇଥିଲା ତା ପରେ ପରେ। ମୁଁ ଦେଖୁଥିଲି, ମୋ ପାଖରେ ସେ କେବେ ଗାଇ ନଥିବା ଗୀତଟିଏ ଗୁଣୁ ଗୁଣୁ ହୋଇ ବାଜୁଥିଲା ସବୁବେଳେ । ଆକାଶରୁ ଓହ୍ଲେଇ ଆସି ମୋ'ର ଅନତି ଦୂରରେ ଯେମିତ କୋଇଲିଟିଏ ଉଡ଼ି ବୁଲୁଥିଲା । ଆକାଶରେ ଖଣ୍ଡ ଖଣ୍ଡ ନୂଆ ମେଘ ଜମୁଥିଲା । ମୋ ପଢା ଘର ଝରକା ସାମନାରେ ଥିବା ଆମ୍ବ ଗଛରେ ନୂଆ ବଉଳ ନେସି ଯାଉଥିଲା।

ମୋ ସହ ଖପରା କାତି ଖେଳରେ କୋଏଲ ହାରିଯାଇଥିବା ସମସ୍ତ ବାଜିରୁ ଯେମିତି ମୋ ପାଖରୁ ହିସାବ କରି ଅମୂଲ୍ୟ କିଛି ଚୋରାଇ ନେଇଥିଲା । ମୁଁ କିଛି ହରେଇଲା ହରେଇଲା ଭଳି ଲାଗୁଥିଲି । ମୋ ଅନ୍ୟମନସ୍କ ହାତରେ ମୋ ଗଣିତ ବହିର ପଛ ପଟ ମଲାଟରେ ଗାରେଇ ଯାଇଥିଲା ଗୋଟିଏ ନାମ।

କାହିଁକି ମୁଁ ତାକୁ ତା ଥିବା ସମୟରେ ଖୋଜିଗଲି ଏବେ ନିଛାଟିଆରେ କେବଳ ସିନା ମଲି ମଲି ହେଲି !

\+ + + +

ମୁଁ ପଢାସାରି ପ୍ରଥମ ଚାକିରୀ କଲି କଲିକତାରେ। ଛତୁଆ ସଂକ୍ରାନ୍ତିରେ ଆଉ ଆସିପାରିନାହିଁ କେତେ ବର୍ଷ ବିତିଗଲାଣି । ବୁଦ୍ଧ ପୂର୍ଣ୍ଣିମାରେ ଆସିଥିଲି ଗାଁ । କୋଇଲି କକାଙ୍କ କଥା ଶୁଣିଲି । ବଡ ଦୁଃଖ ଲାଗିଲା । କୁନି ଅପା ବାହା ନହୋଇ ଭାଇ, ଭାଉଜର ଯାତନା ସହି ନପାରି ଦିନେ ଆମ୍ବ ଗଛରେ ଫାଶୀ ଦେଇଦେଲା। ପୁଅ ବାହା ହେଲାପରେ କକାଙ୍କୁ ଘରୁ ବାହାର କରି ଦେଇଥିଲା । ସେ ସେହି କୋଇଲି ବିଦାୟ ନେଉଥିବା ଆମ୍ବ ଗଛ ମୂଳରେ ପଲିଥିନ ଘର ଭିତରେ ଶୋଉଥିଲେ । କୋଇଲି ପୂଜା ଆଉ ଗାଁରେ ହେଉ ନଥିଲା । ମୋତେ ଦେଖି ପଦୁ କକା କାନ୍ଦି ପକାଇଲେ ।

'ଏ କାହାର ଅଭିଶାପ ପୁଅ ? ଦେଖ, କୁନି ମୋତେ ଛାଡି ଗଲା । ଆଜି ମୁଠାଏ ଖାଇବା ପାଇଁ ମୋ ପାଖରେ କିଛି ନାହିଁ । କେବେ ଆମ୍ବ ଟାଙ୍କୁ ଭିତରେ କୋଇଲିକୁ ସିଝାଇ ଖାଏ କେବେ ଆମ୍ବ ପାଚିଲା ଦିନ ଆମ୍ବ ଖାଏ, କେବେ କାମ କରି ଯାହା ଆଣେ ତାକୁ ଖାଏ ନଚେତ ଉପବାସ ରହେ ।'

ମୁଁ ଫେରିବା ସମୟରେ କକାଙ୍କୁ ନିଜ ସାଙ୍ଗରେ ନେଇ ଆସିଥିଲି କଲିକତା । ମୋ ପାଖରେ କିଛି ଦିନ ଥିଲେ । ଶିଳ୍ପୀ ଲୋକ ସେ । ଥରେ କୁମାର ଟୋଲି ବୁଲାଇ ନେଇ ମୂର୍ତ୍ତି ଶିଳ୍ପୀଙ୍କ ସହ ପରିଚୟ କରାଇ ଦେଇଥିଲି । ସେତେବେଳେ ଦୂର୍ଗା ମୂର୍ତ୍ତି ପାଇଁ ମାଟି ତିଆରି ଚାଲିଥାଏ। ତାଙ୍କ କାମ ଦେଖି ସେଠାରେ କାରିଗର ନିଜ ପାଖରେ ତାଙ୍କୁ ରଖିବାକୁ ମୋତେ ଅନୁରୋଧ କରିଲେ ।

କିଛି ଦିନ ପରେ ସେ କଲିକତାର ବିଖ୍ୟାତ ମୂର୍ତ୍ତି ଶିଳ୍ପୀ ହୋଇଯାଇଥିଲେ । ତାପରେ ମୋ'ର ବାଙ୍ଗାଲୋର ବଦଳି ହୋଇ ଯାଇଥିଲା । ମୁଁ ଯିବା ସମୟରେ ମୋତେ କୁଣ୍ଢେଇ ଧରି କହିଥିଲେ , 'ଏବେ ପୁଅ ଡାକୁଛି । ପଛ କଥା ନେଇ ସେ ବଡ ଅନୁତାପ କରୁଛି, କାନ୍ଦୁଛି । ମୁଁ ତାକୁ ପଇସା ପଠାଉଛି । ଛୋଟ ପକ୍କାଘରଟିଏ ହେଲାଣି । ସବୁ ତୋର ଦାନରେ ପୁଅ ।'

ମୁଁ କହିଲି, 'ସବୁ ସେଇ କୋଇଲିର ଆଶୀର୍ବାଦ କକା। ସେ ହିଁ ତୁମ ହାତରେ ଦେଇଛନ୍ତି ଏ କଳା । ସେ ତୁମକୁ କେବେ ଭୋକରେ ରହିବାକୁ ଦେବେନି କକା !'

ବାଙ୍ଗାଲୋରରେ ଥିବା ସମୟରେ ମୋ'ର ବାହାଘର ହୋଇ ସାରିଥିଲା ।

\+ + + +

କେତେ ବର୍ଷ ପରେ ଏଥର ମନ ବଳାଇଛି ଗାଁକୁ ଯିବି ଛତୁଆ ସଂକ୍ରାନ୍ତିରେ । 'କୋଇଲି କକା' ମଧ୍ୟ ଆସୁଛନ୍ତି । ଏଇ ସଂକ୍ରାନ୍ତିରେ ଦେଇ ମଧ୍ୟ ଆସୁଛି ଘର । ସବୁ ଝିଅ ମାନେ ନିଜ ବାପ ଘରକୁ ଆସିବେ। ସେହି କକା ଉତ୍ସାହିତ କରିଥିବାରୁ ଗାଁରେ ଛୋଟ ଛୋଟ ଝିଅମାନେ ଏବେ କୋଇଲି ପୂଜା ଆରମ୍ଭ କରୁଛନ୍ତି । ଛତୁଆ ସଂକ୍ରାନ୍ତି ଖୁବ ଭଲ ଭାବରେ ପାଳନ ହେବ ଏ ବର୍ଷ ।

ପତ୍ନୀ ଯିବକି ନାହିଁ ଠିକ୍ ନାହିଁ । ତା'ର ଅଫିସ ଛୁଟି ନାହିଁ ତା'ପରେ ତା'ର ବହୁତ ଷ୍ଟେଜ ପ୍ରୋଗ୍ରାମ । ବର୍ଷ ସାରା ବ୍ୟସ୍ତ ରହେ । ମୋତେ କିନ୍ତୁ କୁଆଡେ ଯିବାକୁ ମନା କରେନି । ତେଣୁ ସେ ନଗଲେ ମୁଁ ଏକୁଟିଆ ଯିବି ।

ଦୁଇ କପ୍ ଚାହା ନେଇ ପତ୍ନୀ ଆସି ପାଖରେ ବସିଗଲେ, ମୋତେ ଗୋଟିଏ କପ୍ ଦେଇ ନିଜ କପରୁ ସୁଡୁକେ ଚାହା ଓଠରେ ନେଇସାରି କହିଲେ, ଅଂଶୁ । ମୁଁ ମଧ୍ୟ ଯିବି ତୁମ ସାଙ୍ଗରେ। ଫ୍ଲାଇଟ ଟିକଟ କରିଦିଅ । ଆମେ ଯିବୁ, ଆମ ପିଲାଦିନର ସେହି କୋଇଲି ପୂଜାକୁ ନୂଆ କରି ଆରମ୍ଭ କରିବୁ । ଜୀବନର କେତେ ଛୋଟ ଛୋଟ ଖୁସିରେ ଭରା ଆମ ଗାଆଁର ପରବ । ମାଧୁରୀ ଅପା ଓ ରୁନି ଦେଇ ବାରବାର କହିଛନ୍ତି ଯିବାକୁ ।'

ମୁଁ କୋଏଲ ମୁହଁକୁ ଚାହିଁ ରହିଥିଲି ମୁଗ୍ଧରେ, ଯେମିତି ସେ ଗୀତ ଗାଇ ଉଡିଯାଉଛି ମୋ ଗାଁର ହଜିଯାଉଥିବା ଆମ୍ବ ତୋଟାର କୋଇଲି କୁଞ୍ଜକୁ ଆଉ ସଂଗୀତମୟ ହୋଇ ଉଠୁଛି ଆଉଥରେ ମୋ କୈଶୋରର ଆଦ୍ୟ କୁଞ୍ଜବନ ।



♥ ବସନ୍ତପୁର , ଗେଙ୍ଗୁଟି,
ବାଲେଶ୍ୱର, ଓଡ଼ିଶା
(ମୋ) ୯୦୦୨୦୨୦୬୦୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୪ ଏପ୍ରିଲ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଚେତନାର ଦର୍ପଣ - ୨୫

# ଧାର୍ମିକ ଜୀବନ



♥ ଲଳିତ ମୋହନ ମିଶ୍ର

ଧର୍ମ ହେଉଛି ମନୁଷ୍ୟ ଭିତରେ ଥିବା ଏକ ମାନବୀୟ ଗୁଣ । ତାହାକୁ ପୂରଣ କରି ମନୁଷ୍ୟ ଭଲ ବ୍ୟକ୍ତିତ୍ୱରେ ପରିଣତ ହୋଇଥାଏ । ଯେଉଁ ମାନଙ୍କର ବିଶ୍ୱାସ ଶୁଦ୍ଧ ଓ ପ୍ରଭୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ । ସେମାନେ ଧାର୍ମିକ । ସେମାନଙ୍କର ଜୀବନ ଯାପନ ପାଇଁ ଜ୍ଞାନ ଜୀବନର ଗତିଶୀଳ ଦ୍ୱାରା ପ୍ରାପ୍ତ ହୋଇଥାଏ । ପ୍ରଲୋଭନ ଓ ଆହ୍ୱାନ ମଧ୍ୟରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା । ଆମକୁ ଦିନଗଣନା କରିବାର ଶିଖିବା, ଯାହାଦ୍ୱାରା ଆମେ ଜ୍ଞାନର ହୃଦୟ ପାଇ ପାରିବା । ଈଶ୍ୱରଙ୍କ ବିଶ୍ୱସ୍ତତା ମଧ୍ୟରେ ଚାଲିବା ପାଇଁ ଆମକୁ ଏକ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବାକୁ ପଡିବ । ଯେମିତି ଝଡ ତୋଫାନ୍ ଦ୍ୱାରା ବ୍ୟାପକ ବିନାଶ ଘଟିଥାଏ, ଠିକ୍ ସେହିପରି ଜଣେ ବ୍ୟକ୍ତି ଅଧର୍ମ, ଅସାଧୁତା, ଅନୈତିକତା, ଅସତ୍ୟ, ବ୍ୟଭିଚାର, ଅସଦାଚରଣ ଓ ହିଂସା ପଥରେ ଗତିକରି ନିଜର ତଥା ସମାଜର ବ୍ୟାପକ କ୍ଷୟକ୍ଷତି କରିଥାଏ । ଧାର୍ମିକ ଜୀବନ ସହ ଏହାର କୌଣସି ସମ୍ପର୍କ ନାହିଁ। ଯିଏ ଧାର୍ମିକ, ସେ ଖରାପ ହୋଇପାରିବ ନାହିଁ। ସେ ଖରାପ କାମ କରିପାରିବ ନାହିଁ। ଏବଂ ଯିଏ ଅଧର୍ମୀ ସେ ଭଲ କାର୍ଯ୍ୟ କରିବାକୁ ପ୍ରେରିତ ହୁଏ ନାହିଁ କି ସେ ଭଲ କାର୍ଯ୍ୟ କରେ ନାହିଁ । ଯେମିତି ସମୁଦ୍ରରେ ଜୁଆର ଉଠୁଛି, ସେମିତି ସମୁଦ୍ରରେ ଝଡ଼ ଆସୁଛି । ସେହିଭଳି ଧାର୍ମିକ ଦୃଷ୍ଟି ଅଭାବରୁ ମନୁଷ୍ୟର ମନୋକାମନା, କ୍ରୋଧ, ଲୋଭ, ମୋହ, ଦମ୍ଭ, ଇଚ୍ଛା, ଘୃଣା ଇତ୍ୟାଦି ଜୁଆର ଭଳି ଉଠୁଛି। ସେ ମନ୍ଦ ପଥରେ ଆଗେଇ ଆସୁଛନ୍ତି ଏବଂ ତାର ଜୀବନକୁ ନଷ୍ଟ କରିଦେଉଛନ୍ତି । ଯେତେବେଳେ ଜଣେ ବ୍ୟକ୍ତି ଧାର୍ମିକ ଜୀବନ ଯାପନ କରେ, ତା'ର ଜୀବନ ସୁଖ, ସମୃଦ୍ଧି ଓ ଶାନ୍ତିରେ ପରିପୂର୍ଣ୍ଣ ହୋଇଥାଏ । ଯେମିତି ଏକ ନଦୀ ତା'ର ସୀମା ମଧ୍ୟରେ ପ୍ରବାହିତ ହୁଏ । ସେମିତି ଧାର୍ମିକ ବ୍ୟକ୍ତିର ଜୀବନ, ସବୁଜିମା ସୁଖ ଓ ଆନନ୍ଦ ମଧ୍ୟରେ ଗତି କରିଥାଏ । କିନ୍ତୁ ସୀମା ଅତିକ୍ରମ କଲେ ବନ୍ୟା ଭଳି ସେ ବିପର୍ଯ୍ୟସ୍ତ ହୋଇଥାଏ ଏବଂ ବିନାଶ ଆଣିଥାଏ। ଧାର୍ମିକ ହେବାର ଅର୍ଥ ଏକ ନିର୍ଦ୍ଦିଷ୍ଟ ଜାତୀୟତା ଭାବ ଧାରଣ କରିବା ନୁହେଁ । ଯିଏ ଜୀବନକୁ ସୁନ୍ଦରମୟ ଆନନ୍ଦମୟ ମଙ୍ଗଳମୟ ପ୍ରଶାନ୍ତିମୟ ଓ ସମୃଦ୍ଧିମୟ କରିଥାଏ, ତାହା ହିଁ ହେଉଛି ଧର୍ମ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

## (୨୨)
## 'ପଢିଥିଲି ଯହିଁ ପ୍ରଥମ ଅକ୍ଷର..'

**ମୋ ଗାଆଁର ପୁର୍ବରେ ପ୍ରବାହିତ ହେଉଛି 'ବଡଖାଳ'। ମୋ ପିଲାଦିନେ ବର୍ଷସାରା ସେଥିରେ ପାଣି ଭର୍ତ୍ତିହୋଇ ରହୁଥାଏ ଓ ମାର୍ଗଶିର ମାସରେ 'ମଡାଣ'(ସମୂହ ମାଛଧରା) ହୋଇ ଜମିଦାରଙ୍କୁ ମାଛଭାଗ ଦେଲାପରେ ବଡଖାଳରୁ ଯିଏ ପାରେ ସିଏ ମାଛଧରି ଖାଉଥିଲେ ।**

ଆମ ଗାଁର ପଶ୍ଚିମରେ ରହିଛି 'ଶାନ୍ତିପୁର ସଡକ'...ଉତ୍ତରରେ ରାଇବଣିଆ ପାଖରୁ ବାହାରି ଶାନ୍ତିପୁର( ହାତୀଗଡ) ଗ୍ରାମ ଦେଇ ଆସି ଦକ୍ଷିଣରେ ସୁବର୍ଣ୍ଣରେଖା ନଦୀ ଅତିକ୍ରମକରି ବାଘାବାଳି ଗ୍ରାମ ପାଖରେ ଜଗନ୍ନାଥ ସଡକକୁ ଲାଗିଛି ; ନଦୀର ଉଭୟ ପାର୍ଶ୍ୱରେ ତାର ନାମ ସେଇ 'ଶାନ୍ତିପୁର ସଡକ'। ଉତ୍ତରରେ ସେ ସଡକ ରାଇବଣିଆ ପାଖରୁ ଏବେ ଦୁଇଟି ଶାଖାରେ ବିଭକ୍ତ ହୋଇଛି, ଗୋଟିଏ ଶାଖା ଓଲମାରା ଦେଇ ପଶ୍ଚିମବଙ୍ଗକୁ ଯାଇଥିବା ବେଳେ ଅନ୍ୟଟି ରାଉତରାପୁର ଦେଇ ପ:ବଙ୍ଗକୁ ଯାଇଛି । ପୁଣି ରାଇବଣିଆଠାରୁ ସୁଲୋମନ ରୋଡ ବାହାରି ଖୁଆଡ, ମୟୁରଭଞ୍ଜର ଡେଙ୍ଗାନାଳିଆ ଦେଇ ଯାଇ ରାଜଘାଟଠାରେ ଜଗନ୍ନାଥ ସଡକ (ହାଇୱେ) ସହିତ ମିଶିଛି । କିଛିବର୍ଷ ପୂର୍ବରୁ ଲୋକେ ଶାନ୍ତିପୁର ସଡକରେ ବର୍ଷାଦିନେ ଆଣ୍ଠଏ କାଦୁଅରେ ଓ ଖରାଦିନେ ଆଣ୍ଠୁଏ ଧୂଳିରେ ଯିବାଆସିବା କରୁଥାନ୍ତି । ପାଖଦେଇ କେହି ସାଇକେଲରେ ଚାଲିଗଲେ ପଥଚାରୀଙ୍କର ଲୁଗାପଟାର ରଙ୍ଗ ଚିତ୍ରିତ ହୋଇଯାଏ । ଏବେ ସେ ଅବସ୍ଥା ଆଉ ନାହିଁ । ସଡକ କିଛିଟା ଉଚ୍ଚା ହେବା ସହିତ ତା' ଉପରେ ପୂର୍ବରୁ ମୋରମ ବିଛାଯାଉଥିବାବେଳେ ଏବେ ତାହା ପିଚୁରାସ୍ତାରେ ଓ ତା'ର କେତେକ ଅଂଶ କଂକ୍ରିଟ ରାସ୍ତାରେ ବି ପରିଣତ ହେଲାଣି । ହୁଏତ ଦିନେ ସମୁଦାୟ ରାସ୍ତାଟି କଂକ୍ରିଟ ରାସ୍ତାର ରୂପନେବ । ତେବେ, ଖରାଦିନେ ପଥଚାରୀ ଓ ପଶୁମାନଙ୍କୁ ଗ୍ରୀଷ୍ମ ତାପରୁ ରକ୍ଷାକରିବାପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଜମିଦାର ଓ ଧାର୍ମିକ ବ୍ୟକ୍ତିମାନେ ଲଗାଇଥିବା ବର ଓ ଅଶ୍ୱତ୍ଥ ଗଛଗୁଡିକୁ ରାସ୍ତାପ୍ରଶସ୍ତୀକରଣ ଆଳରେ ସରକାର କାଟି ଦେଇଥିଲେବି ନୂଆଗଛ ଲଗାଇନାହାନ୍ତି ।

ସେଇ ସଡକର ପଶ୍ଚମପାଖକୁ ଲାଗି ରହିଥିଲା ୧୯୧୩ ମସିହାରେ ପ୍ରତିଷ୍ଠିତ ଚମାରଗାଆଁ ରାସମଣି ଉ:ପ୍ରା:ବିଦ୍ୟାଳୟ ।

ପୂର୍ବରୁ ଓ ପରେ ସେ ବିଦ୍ୟାଳୟର ନାମ ରହିଥିଲା ଚମାରଗାଆଁ ପ୍ରାଥମିକ ବିଦ୍ୟାଳୟ । ପ୍ରତିବର୍ଷ ବନ୍ୟାରେ ସ୍କୁଲଘର କ୍ଷତିଗ୍ରସ୍ତ ହେଉଥିବାରୁ ଗ୍ରାମବାସୀମାନେ ତାକୁ ପକ୍କାଘର କରିବାପାଇଁ ମନସ୍ଥକଲେ । ଶସ୍ତା ହେବବୋଲି ଇଟା କଟାଳିଙ୍କୁ ଆଣି ଇଟା କାଟିଲେ, ପୋଡିଲେ। ଘର ତିଆରି ଆରମ୍ଭ ହେବାର ଅଳ୍ପଦିନପରେ ଗ୍ରାମବାସୀ ଆଉ ଚାନ୍ଦାଭେଦା ଦେଇପାରିଲେନି କି ଗାଆଁର କିଛି ସ୍ୱତନ୍ତ୍ରପାଣ୍ଠି ନଥିବାରୁ ଖର୍ଚ୍ଚବି କରିପାରିଲେନି । ବହୁତ ଆଲୋଚନାପରେ ଘର ତିଆରିର ଦାୟିତ୍ୱ ବିଦ୍ୟାଳୟର ସଂପାଦକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ଦେଙ୍କୁ ଦିଆଗଲା ଓ ସେ ବିଦ୍ୟାଳୟ ତାଙ୍କ ନାମରେ ନାମିତ କରାଯିବବୋଲି ଗ୍ରାମବାସୀ ତାଙ୍କୁ ପ୍ରତିଶ୍ରୁତି ଦେଲେ । ଘର ତିଆରି କାମ ସଂପୂର୍ଣ୍ଣ ହେବାପରେ ଜଳେଶ୍ୱରର ସ୍କୁଲ ସବ୍ ଇନିସ୍ପେକ୍ଟର ଆସି ତାକୁ ଉଦ୍ ଘାଟନ କଲେ । ବିଦ୍ୟାଳୟର ନାମ ପରିବର୍ତ୍ତନ କଥାଶୁଣି ସେ ଅନ୍ୟଏକ ପ୍ରସ୍ତାବ ଦେଲେ । ଯେହେତୁ ଅଳ୍ପଦିନତଳେ ସମ୍ପାଦକଙ୍କ ପତ୍ନୀ ବିୟୋଗ ହୋଇଥାଏ, ତେଣୁ ବିଦ୍ୟାଳୟର ନାମ ତାଙ୍କ ପତ୍ନୀ ରାସମଣିଙ୍କ ନାମରେ କରିବାପାଇ ପ୍ରସ୍ତାବ ଦେବାରୁ ସୁରେଶବାବୁ ସମ୍ମତି ଦେଲେ । ସେବେଠୁ ତାହା 'ରାସମଣି ଚମାରଗାଆଁ ଉ:ପ୍ରା: ବିଦ୍ୟାଳୟ' ନାମରେ ପରିଚୟ ଲାଭକଲା । ବହୁବର୍ଷପରେ ସମସ୍ତ ବିଦ୍ୟାଳୟ ଗୋଟିଏ ହତାରେ ଥିବାରୁ ସମସ୍ତଙ୍କୁ ମିଶାଇଦେଇ ତାର ନାମକରଣ ହେଲା... ପୃଥୂନାଥ ସରକାରୀ ଉଚ୍ଚବିଦ୍ୟାଳୟ, ଚମାରଗାଆଁ। ଗାଆଁର ପ୍ରାଥମିକ, ମଧ୍ୟଇଂରାଜୀ ଓ ଉଚ୍ଚବିଦ୍ୟାଳୟ ଗୋଟିଏ ପରିଚାଳନାଧୀନହେଲା ଓ ଜଣେ ପ୍ରଧାନ ଶିକ୍ଷକ ରହିଲେ ।

ସେଇ ରାସମଣି ଚମାରଗାଆଁ ପ୍ରାଥମିକ ବିଦ୍ୟାଳୟରେ ମୁଁ ମୋର ଶିକ୍ଷା ଆରମ୍ଭକରିଥିଲି। ସେତେବେଳେ ସ୍କୁଲଘର ତିଆରି ଚାଲିଥିବାରୁ ଆମ ଗାଆଁର ତନିଜଣଙ୍କ ଘରେ (ତ୍ରିଲୋଚନ ପାତ୍ର, ଗୋପୀନାଥ ଦେ ଓଶରତଚନ୍ଦ୍ର ଦାସଙ୍କ ଘରେ) ଛଅଟି ଶ୍ରେଣୀ (ଶିଶୁ ଶ୍ରେଣୀରୁ ପଞ୍ଚମ ଶ୍ରେଣୀଯାଏ) ପିଲାମାନେ ପାଠ ପଢୁଥାନ୍ତି । ପ୍ରତିଦିନ ଶିକ୍ଷକମାନେ ବିଭିନ୍ନ ଶ୍ରେଣୀର ପିଲାମାନଙ୍କୁ ପଢାଇବାପାଇଁ ତିନିଜାଗାକୁ ଯାଉଥିବାରୁ ବେଶୀ ହଇରାଣ ହେଉଥିଲେ ବିଶେଷତଃ ବର୍ଷାଦିନରେ ।

ପ୍ରାୟ ମୋର ୩ୟ ଶ୍ରେଣୀବେଳକୁ ମୁଁ ନୂଆ ସ୍କୁଲଘରେ ପାଠ ପଢିଲି ।

ମୋର ମନେ ଅଛି, ସେତେବେଳେ ଆମ ବିଦ୍ୟାଳୟରେ ତିନିଜଣ ଶିକ୍ଷକ ଥିଲେ । ଶ୍ରୀଯୁକ୍ତ ଶ୍ରୀହରି ଚରଣ ଗିରି ସା: ଚାଫଲା ,ଶ୍ରୀଯୁକ୍ତ ଗଜେନ୍ଦ୍ର ନାଥ ଜେନା , ସା: ମାଳିପାଳ ଓ ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ଜେନା, ସା: ତାରାଦିଘି। ପ୍ରତ୍ୟେକେ ପ୍ରତି ବିଷୟରେ ଦକ୍ଷ ଥିବାରୁ କେହିଜଣେ ଅନୁପସ୍ଥିତ ରହିଲେ ଅନ୍ୟଶିକ୍ଷକ ତାଙ୍କ ପାଠ ପଢାଇପାରୁଥିଲେ। ତେବେ,ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଗିରି ସଂଗୀତ ରଚନାକରି ଗାଇବା ଓ ଛୋଟଛୋଟ ଏକାଙ୍କିକା ଓ ଏକକ ଅଭିନୟ ପାଇଁ ସଂଳାପ ଲେଖି ପିଲାମାନଙ୍କୁ ଶିଖାଉଥିଲେ; ବିଶେଷତଃ ସରସ୍ୱତୀ ଓ ଗଣେଶ ପୂଜାରେ ପିଲାମାନେ ନିଜନିଜର ପାରଦର୍ଶୀତା ଦେଖାଇ ପୁରସ୍କୃତ ହେଉଥିଲେ ।

ମୋର ମନେଅଛି, ଥରେ କାଶିଡିହାରେ ଆୟୋଜିତ ଏକ ଶିଶୁ ମେଳାରେ ତାଙ୍କ ଲିଖିତ ଏକ ଏକାଙ୍କିକାରେ ଅଭିନୟକରି ମୁଁ ମନ୍ତ୍ରୀ ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲି ।

ଶିକ୍ଷକମାନେ ବିଦ୍ୟାଳୟରେ ପ୍ରତିଶ୍ରେଣୀର ପିଲାଙ୍କ ମଧ୍ୟରେ ବିଦ୍ୟାଳୟର ହତାକୁ ଭାଗକରି ବାଣ୍ଟିଦେଉଥିଲେ । ପ୍ରତିଶ୍ରେଣୀର ପିଲାମାନେ ପୁଣି , ତାକୁ ଛୋଟଛୋଟ କିତାରେ ଭାଗକରି ଋତୁଭିତ୍ତିକ ବିଭିନ୍ନ ରକମର ଫୁଲ , ଶାଗ, ବାଇଗଣ ଓ ଲଙ୍କା ଇତ୍ୟାଦି ଚାଷ କରୁଥିଲେ। ସେଇଥିପାଇଁ ବିଦ୍ୟାଳୟରେ କୋଡି, କୋଦାଳ ଦାଆ ଇତ୍ୟାଦି ରହିଥାଏ। ପୁଣି, ଖେଳ ଉପରେ ବି ନଜର ଦିଆଯାଉଥିଲା । ମୋଟ ଉପରେ , ପୁସ୍ତକ ପାଠ ବ୍ୟତୀତ ପିଲାଙ୍କର ଅନ୍ୟାନ୍ୟ ଅନ୍ତର୍ନିହିତ ଗୁଣର ବିକାଶ ଉପରେ ସେତେବେଳେ ଗୁରୁତ୍ୱ ଦିଆଯାଉଥିଲା । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୭୯୪୪୧

ସ୍ମରଣୀୟେଷୁ

# ଆମ୍ବେଦକରଙ୍କ ରାଜନୈତିକ ଦର୍ଶନ

ଅଧ୍ୟାପକ ଗୋପବନ୍ଧୁ



**ବାବାସାହେବ ନିଜେ ରାଜନୀତିର ଗୁରୁତ୍ୱକୁ ବୁଝି ଏକ ରାଜନୈତିକ ଦଳ ୧୯୩୬ ମସିହାର ଗଠନ କରିଥିଲେ ଯାହା ଇଣ୍ଡିପେନଡେଣ୍ଟ ଲେବର ପାର୍ଟି ବା ସ୍ୱାଧୀନ ଶ୍ରମିକ ଦଳ ଭାବରେ ପରିଚିତ ଥିଲା। ଏହି ଦଳ ୧୯୩୭ ମସିହାର ପ୍ରୋଭିନସିଆଲ୍ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ଖୁବ୍ ଭଲ ପ୍ରଦର୍ଶନ କରିଥିଲା।**



କୌଣସି ଆନ୍ଦୋଳନ ରାଜନୈତିକ ରୂପ ନନେଲା ପର୍ଯ୍ୟନ୍ତ ତାହା ସଫଳତା ଲାଭ କରିପାରେ ନାହିଁ। ବିଶ୍ୱରେ ଯେତେ ସଫଳ ବିପ୍ଳବ ଅନୁଷ୍ଠିତ ହୋଇଯାଇଛି ତାହା ପଛରେ ରହିଛି ରାଜନୈତିକ ସଦିଚ୍ଛାର ବିସ୍ତାର। ବିପ୍ଳବୀମାନେ ଏହାର ବିସ୍ତାର ମାଧ୍ୟମରେ ନିଜେ ରାଜନୈତିକ କ୍ଷମତାକୁ ଅକ୍ତିୟାର କରନ୍ତି ଅଥବା ରାଜନୈତିକ ଚାପସୃଷ୍ଟି ମାଧ୍ୟମରେ ଶାସକ ବର୍ଗକୁ ନିଜ କଥା ମାନିବାକୁ ବାଧ କରନ୍ତି। ତେବେ ସଂଖ୍ୟାଧିକ କ୍ଷେତ୍ରରେ ଦେଖାଯାଇଛି ଆନ୍ଦୋଳନକାରୀମାନେ ନିଜେ ଶାସନ କ୍ଷମତାକୁ ଅଧିକାର କରିବା ପାଇଁ ପ୍ରୟାସ କରିଛନ୍ତି। ଶାସନ କ୍ଷମତା ହାତମୁଠାକୁ ନେବାପରେ ତାଙ୍କୁ ନିଜ ସପକ୍ଷରେ ନିୟମ ତିଆରି କରିବାକୁ ସହଜ ହୋଇଛି। କାରଣ ଏପରିବି ଦେଖାଯାଇଛି ଆନ୍ଦୋଳନର ଚାପରେ ଗୋଟିଏ ସରକାର ଯାହା ମାନିବାକୁ ହଁ ଭରିଥାଏ ତାହାକୁ ପରେ ନମାନିବାର ଦୃଷ୍ଟିଭଙ୍ଗୀ ଆପଣେଇ ଥାଏ। ଏପରି ଦୃଷ୍ଟାନ୍ତ ଅନେକ ରହିଛି।

ଏହି ପ୍ରସଙ୍ଗରେ ଭାରତବର୍ଷର ସମ୍ବିଧାନର ପ୍ରଣେତା ଓ ସାମାଜିକ ସମତା ଆନ୍ଦୋଳନର ମଉଡ଼ମଣି ଡକ୍ଟର ବି. ଆର. ଆମ୍ବେଦକରଙ୍କ ପ୍ରସିଦ୍ଧ ଉକ୍ତି ଉଲ୍ଲେଖ ଯୋଗ୍ୟ। ସେ ନିଜ ଆନ୍ଦୋଳନର ସନ୍ଦର୍ଭରେ କହିଥିଲେ 'ରାଜନୀତି ହେଉଛି ସମସ୍ତ ତାଲାର ମୂଳ ଚାବିକାଠି'। ତାଙ୍କ କହିବାର ଉଦ୍ଦେଶ୍ୟ ଥିଲା ଯେ ଦେଶରେ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାକୁ ହେଲେ, ଅର୍ଥାତ୍ ସାମାଜିକ ଅସମ ସମାଜକୁ ବଦଳାଇ ଏକ ସମତାଭିତ୍ତିକ ସମାଜ ପ୍ରତିଷ୍ଠା କରିବାକୁ ହେଲେ ସମତାକାମି ଆନ୍ଦୋଳନକାରୀମାନଙ୍କୁ ରାଜନୈତିକ କ୍ଷମତା ଦଖଲ କରିବାକୁ ପଡିବ। ଏହାରି ମାଧ୍ୟମରେ କୋଠର ନିୟମ ତିଆରି କରି ଏକ ଭେଦଭାବ ରହିତ ସମତା, ମମତା ଓ ପ୍ରଜ୍ଞାଶୀଳ ସମାଜର ସ୍ଥାପନ କରିହେବ। ଯେତେ ପର୍ଯ୍ୟନ୍ତ ଏମାନେ ରାଜନୈତିକ ଶକ୍ତିରେ ପରିଣତ ନହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଏମାନଙ୍କ ସଂଗ୍ରାମ ଅଧୁରା ହୋଇ ରହିବ। ତାଙ୍କ ଉଚ୍ଚାରିତ ଏ ବାଣୀ ସମସ୍ତ ଆନ୍ଦୋଳନ ପ୍ରତି ପ୍ରଯୁଜ୍ୟ। ଲକ୍ଷ୍ୟ ହାସଲ ପାଇଁ ନିଜକୁ କ୍ଷମତାର ଆସନରେ ବସିବାକୁ ପଡିବ ଅଥବା ରାଜନୈତିକ ଚାପ ମାଧ୍ୟମରେ ନିଜ କଥାକୁ ମନାଇବାକୁ ହେବ।

ତାଙ୍କ ମତରେ ରାଜନୀତି କେବଳ ଦେଶ ଶାସନର ବ୍ୟବସ୍ଥା ନୁହେଁ। ଏହା ସମାଜକୁ ଓ ସାମାଜିକ ମାନସିକତାକୁ ପରିବର୍ତ୍ତନ କରିବାର ମାଧ୍ୟମ ମଧ୍ୟ। ସମାଜର ଦୋଷ ଦୁର୍ବଳତାକୁ ହଟାଇ ସାମାଜିକ ଜୀବନକୁ ସରସସୁନ୍ଦର ଓ ନ୍ୟାୟପୂର୍ଣ୍ଣ ସହାବସ୍ଥାନକୁ ସୁନିଶ୍ଚିତ କରିଥାଏ। ବଞ୍ଚିତ ଓ ଶୋଷିତ ବର୍ଗକୁ ସୁରକ୍ଷା ପ୍ରଦାନ କରେ। ସମାଜର ଅନଗ୍ରସର ବର୍ଗକୁ ଅଗ୍ରସର ବର୍ଗ ସହିତ ସମକକ୍ଷ କରିବାକୁ ଯୋଜନା ପ୍ରସ୍ତୁତ କରେ। ଆଧୁନିକତାର ସହିତ ତାଳ ଦେଇ ବିଜ୍ଞାନର ଅନୁସରଣରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇବାକୁ ଚେଷ୍ଟା କରେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନଭାବେ ଶାସନରେ ଭାଗୀଦାରୀ କରାଏ। ସମସ୍ତଙ୍କୁ ସମାନ ସମ୍ମାନର ଅଧିକାରୀ କରାଏ। ତେଣୁ ରାଜନୀତି ହେଉଛି ଏପରି ଚାବିକାଠି ଯାହା ମାଧ୍ୟମରେ ସାମାଜିକ ବ୍ୟବସ୍ଥାରେ ଲାଗିଥିବା ଏପରି ତାଲାଗୁଡିକୁ ଖୋଲା ଯାଇପାରେ।

ଯେକୌଣସି ପ୍ରକାରର ରାଜନୀତି ସମସ୍ତ ପ୍ରକାରର କୁବନ୍ଧନକୁ ହଟାଇ ପାରିବ ନାହିଁ। ଅର୍ଥାତ୍ ଯେକୌଣସି ପ୍ରକାରର ରାଜନୀତି ସମସ୍ତ ତାଲାର ମୂଳ ଚାବିକାଠି ହୋଇପାରିବ ନାହିଁ। କେବଳ ପ୍ରତିକ୍ରିୟାଶୀଳ ରାଜନୀତି ମୂଳ ଚାବିକାଠି ହୋଇପାରିବ। ଏହିପ୍ରକାର ରାଜନୀତି ହିଁ ସମସ୍ତ ପ୍ରତିବନ୍ଧକକୁ ହଟାଇ ସମାଜକୁ ଆଗକୁ ନେଇପାରିବ। ଯେଉଁମାନେ ସାମାଜିକ ବିଭେଦରେ ବିଶ୍ୱାସୀ, ହିଂସା-ଦ୍ୱେଷର ବଶବର୍ତ୍ତୀ, ମଧ୍ୟଯୁଗୀୟ ଅନଗ୍ରସର ବିଚାରଧାରା ଦ୍ୱାରା ପରିଚାଳିତ, ଜାତି ଓ ଧାର୍ମିକ ଉନ୍ମାଦନା ସୃଷ୍ଟି କରି ସେଥିରୁ ଫାଇଦା ନେବାପାଇଁ ଆଗ୍ରହୀ, ସେପରି ଗୋଷ୍ଠୀ ହାତରେ ରାଜନୀତି ରୂପକ ଚାବିକାଠି ପଡିଲେ ସେମାନେ ତାଲା ଉପରେ ଆହୁରି ବଡ ତାଲା ପକାଇ ଦେବେ। ଏପ୍ରକାର ରାଜନୀତି ଦ୍ୱାରା କୌଣସି ପରିବର୍ତ୍ତନ ଆସିବ ନାହିଁ। ବରଂ ଏମାନେ ପରିବର୍ତ୍ତନର ମାର୍ଗକୁ ଆହୁରି ସଙ୍କୁଚିତ କରିଦେବେ। ତେଣୁ ବାବାସାହେବଙ୍କ ଉକ୍ତି ସେହିମାନଙ୍କ ପ୍ରତି ପ୍ରଯୁଜ୍ୟ ଯେଉଁମାନେ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳତାର ରାଜନୀତି କରନ୍ତି। ପରିବର୍ତ୍ତନ ପାଇଁ ରାଜନୀତି କରନ୍ତି।

ବାବାସାହେବ ନିଜେ ରାଜନୀତିର ଗୁରୁତ୍ୱକୁ ବୁଝି ଏକ ରାଜନୈତିକ ଦଳ ୧୯୩୬ ମସିହାର ଗଠନ କରିଥିଲେ ଯାହା ଇଣ୍ଡିପେନଡେଣ୍ଟ ଲେବର ପାର୍ଟି ବା ସ୍ୱାଧୀନ ଶ୍ରମିକ ଦଳ ଭାବରେ ପରିଚିତ ଥିଲା। ଏହି ଦଳ ୧୯୩୭ ମସିହାର ପ୍ରୋଭିନସିଆଲ୍ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ଖୁବ୍ ଭଲ ପ୍ରଦର୍ଶନ କରିଥିଲା। ପରେ ସେ ୧୯୫୬ ମସିହାରେ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ ଗଠନ କରିଥିଲେ। ନିଶ୍ଚିତରୂପେ ତାଙ୍କ ରାଜନୈତିକ ଦଳ ବିଶେଷ ସଫଳତା ପାଇପାରି ନଥିଲା। ସେ ନିଜେ ସାଧାରଣ ଓ ପ୍ରତ୍ୟକ୍ଷ ନିର୍ବାଚନରେ ହାରିଯାଇ ଥିଲେ। ଏହା ସତ୍ୱେ ତାଙ୍କ ମନିଚ୍ଛା ଓ ରାଜନୈତିକ ଦିଗଦର୍ଶନ ସ୍ୱଷ୍ଟ ଥିଲା। ରାଜନୈତିକ କ୍ଷମତା ଦଖଲ ବିନା ସାମାଜିକ ପରିବର୍ତ୍ତନ ଆନ୍ଦୋଳନ ଆଦୌ ସଫଳ ହେବ ନାହିଁ ବୋଲି ସେ ବାରମ୍ବାର ସୂଚାଇଦେଇ ଯାଇଛନ୍ତି। ଯାହା ତାଙ୍କ ଅନୁଗାମୀମାନେ ଏଯାଏଁ ବୁଝିପାରି ନାହାଁନ୍ତି। ଆଉ କେତେକେ ବୁଝି ବି ଅବୁଝା।

ଭାରତୀୟ ସମାଜରେ ଥିବା ବର୍ଣ୍ଣବାଦ୍ ଓ ଏହାକୁ ନେଇ ଗଢ଼ିଉଠିଥିବା ଜାତିବାଦକୁ ନେଇ ସେ କ୍ଷୁବ୍ଧ ଥିଲେ। ଏହା ସମାଜିକ ତାଡନା ଓ ଅସମାନତାର ମୂଳକାରଣ ବୋଲି ତାଙ୍କର ଧାରଣା ଥିଲା। ଏହା ସହିତ ସମାଜରେ ପରିବ୍ୟାପ୍ତ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ସାଙ୍ଗକୁ ଧାର୍ମିକ ମୌଳବାଦ ପାଇଁ ସେ ଚିନ୍ତିତ ଥିଲେ। ଏ ସମସ୍ତ ନାକାରାତ୍ମକ ବିଷୟଗୁଡ଼ିକୁ ହଟାଇ ଉପଯୁକ୍ତ ଯୋଜନା ମାଧ୍ୟମରେ ଏକ ସମତାଭିତ୍ତିକ ତର୍କସମ୍ମତ ସମାଜ ଗଠନର ସେ ପକ୍ଷଧର ଥିଲେ। ଏଥିପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ସେ ଭଲଭାବେ ଜାଣିଥିଲେ ଯେତେଯାଏଁ ତାଙ୍କ ପକ୍ଷଧର ଏକ ବିପ୍ଳବୀ ଗୋଷ୍ଠୀ ରାଜନୈତିକ କ୍ଷମତାକୁ ନିଜ ନିୟନ୍ତ୍ରଣକୁ ନନେଇଛି ସେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତନ ଅସମ୍ଭବ। ତେଣୁ ସେ ତାଙ୍କ ସାମାଜିକ ଆନ୍ଦୋଳନକୁ ରାଜନୈତିକ ଆନ୍ଦୋଳନରେ ରୂପାନ୍ତରିତ କରିବାକୁ ଚେଷ୍ଟା କରିଥିଲେ ଓ ନିଜ ଅନୁଗାମୀଙ୍କୁ ଏଦିଗରେ ପ୍ରେରୀତ କରିଥିଲେ। ଆନ୍ଦୋଳନର ଏହାହିଁ ଅନ୍ତିମ ସୋପାନ।

ସ୍ୱାଧୀନତାର ଦୀର୍ଘବର୍ଷ ପରେବି ତାଙ୍କ ଉକ୍ତିର ଆବଶ୍ୟକତା ରହିଛି। ଦେଶରେ ନୂତନ ଢଙ୍ଗରେ ଜାତିବାଦ ଓ ଧାର୍ମିକ ମୌଳବାଦ କାୟା ବିସ୍ତାର କରୁଛି। ଅନ୍ଧବିଶ୍ୱାସ ଓ କୁସଂସ୍କାର ପୂର୍ବବତ୍ ପରିବ୍ୟାପ୍ତ ରହିଛି। ଏପରି ସ୍ଥିତିରେ ଏକ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳ ଆନ୍ଦୋଳନର ଆବଶ୍ୟକତା ରହିଛି। ଯାହା ରାଜନୀତିକୁ ପରିବର୍ତ୍ତନର ମାଧ୍ୟମ ରୂପେ ଗ୍ରହଣ କରିବ। ପରିବର୍ତ୍ତନ ପାଇଁ କ୍ଷମତାର ଉପଯୋଗ କରିବ। ଦେଶର ରାଜନୈତିକ ବ୍ୟବସ୍ଥା ଏ ଉକ୍ତିର ଆବଶ୍ୟକତାକୁ ବୁଝନ୍ତୁ ଓ ସେହି ଦିଗରେ ନିଜକୁ ପରିଚାଳିତ କରନ୍ତୁ। ସେମାନେ ବୁଝନ୍ତୁ ରାଜନୀତି ହେଉଛି ସମସ୍ତ ପରିବର୍ତ୍ତନର ମୂଳ ଆଧାର, ଅର୍ଥାତ ସମସ୍ତ ତାଲାର ମୂଳ ଚାବିକାଠି।

♥ ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଅଳ୍ପ ଗଳ୍ପ

# ସମାଜସେବା

ସିଦ୍ଧେଶ୍ୱର ତ୍ରିପାଠୀ



ମିଲୁ ପ୍ରଧାନ ଭାରି ଧନୀ ଲୋକ । ଚାରି ଚାରିଟା କାରଖାନା ଭୁବନେଶ୍ୱରରେ ଦଶ ପଚାଶ ଖଣ୍ଡ ଜାଗା। ଫାର୍ମ ହାଉସ ଜମି ବାଡ଼ି ଟ୍ରାକ୍ଟର କାର ମଟର କଣ ନାହିଁ ତାଙ୍କ ପାଖରେ, ସବୁ ତ ଅଛି । ତାଙ୍କ ଗାଁରେ ସେ ବଡ଼ଜମିଦାର । ପୁଅଟା ତ ବିଦେଶରେ ପଢୁଛି ଏ ରାଜ ଉଆସ ଭଳି ଏତେ ବଡ଼ ଘରଟା ଭିତରେ ବୁଢା ବୁଢ଼ୀ ଦିଜଣ, ହଁ ଚାକର ପୂଜାରୀ ହଳିଆ ମୂଲିଆ ହେଇ ଦିଅଣ୍ଡା ବାହାରିବେ ଯାହା । ଗାଁରେ ପଧାନେଙ୍କର ଭାରି ଟେକ । ସେ କରଜ ଦିଅନ୍ତି ସତ ହେଲେ କଡା ଗଣ୍ଡାବି ଅସୁଲ କରି ନେବାରେ ହେଳା କରନ୍ତିନି ।

ପଧାନେ ଏବେ ସମାଜ ସେବା କରିବାକୁ ଭାରି ବ୍ୟଗ୍ର ଗାଁରେ ଗଛ ଲଗେଇବା ନୂଆ କୂଅ ଖୋଳିବା ଗରିବଙ୍କୁ ନିଜ ହାତରୁ ପଇସା ଖର୍ଚ୍ଚ କରି ଖୁଆଇବା। ସମସ୍ତଙ୍କ ଦୁଃଖ ସୁଖରେ ଠିଆ ହେବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦେଖୁ ଦେଖୁ କଥାଟା ଜଣା ପଡିଲା ପଧାନେ ଏବେ ସରପଞ୍ଚରେ ଠିଆ ହଉଛନ୍ତି। ହଁ ଠିଆହେଲେ ଜିତିଲେ ଏବେ ସରପଞ୍ଚ ବି ଗୋଟେ କେତେ ବଡ଼ ପଦ ଯେ, ପାଞ୍ଚବର୍ଷ ଭିତରେ ଏ ପଞ୍ଚାୟତରେ ଯାହା କାମ ହେଲା ଯାହା ଧର୍ମକୁ ଆଖିଠାର ଭଳି । ୟା ଭିତରେ ପଧାନେ ସରପଞ୍ଚରୁ ବିଧାୟକ ହେଇଗଲେଣି। ଆଉ ପଧାନେଙ୍କ ସମ୍ପତ୍ତିର ତାଲିକା କାହିଁ ଲମ୍ବି ଗଲାଣି କେତେ ଆଗକୁ।

ପଧାନେ ଯେତେଥର ପ୍ରାର୍ଥୀ ହୁଅନ୍ତି ସବୁଥର ଜିତନ୍ତି । ୟା ଭିତରେ ସେ ତିନି ତିନିଟା ରାଜ ନୈତିକ ଦଳ ପରିବର୍ତ୍ତନ କରି ସାରିଲେଣି ହେଲେ କେବେ କୋଉଥର ହାରି ନାହାନ୍ତି ।

କେମିତି ହାରିବେ ଯେ ଇଲେକ୍ସନ ସମୟ ଆସିଲେ ସିଏତ ଲୋକଙ୍କୁ ମଦ ମାଉଁସରେ ଭସେଇବେ । ଗାଁ ଗାଁ ଘର ଘର ପ୍ରତି ପଞ୍ଚାୟତ ରେ ବୁଲି ବୁଲି ଟଙ୍କା ବାଣ୍ଟିବେ ତାଙ୍କୁ କିଏ ଭୋଟ୍ ନଦେବ କୁହ । ସେଇଥି ପାଇଁ ସେ ଯୋଉ ଚିହ୍ନ ଧରିବି ପ୍ରାର୍ଥୀ ହୁଅନ୍ତି ନିଶ୍ଚିତ ଜିତନ୍ତି । ଆଉ ଜିତିଗଲା ପରେ ପାଞ୍ଚବର୍ଷ ଭିତରେ ରାଜକୋଷରୁ ଠକା ଠକି କରି ତାଙ୍କର ସବୁ ପଇସା ଆଦାୟ ହୋଇଯାଏ।

ଏଇ ଦେଖୁନ ହଠାତ ପଧାନେ କୋରନା ରୋଗରେ ପଡ଼ି ଚାଲିଗଲେ । ସେ ତ ଏଥର ବିଧାୟକ ହେବାର ଦୁଇବର୍ଷ ହୋଇଥିଲା ପୁଣି ନିର୍ବାଚନ ହେଲା ଆଉ ପଧାନେଙ୍କ ପୁଅ ପ୍ରାର୍ଥୀ ହେଲେ । ସେଇ ପୁରୁଣା କଥା ରାଜା ପୁଅ ରାଜା ହବ ମନ୍ତ୍ରୀ ପୁଅ ମନ୍ତ୍ରୀ । ତାଙ୍କ ମୁଖରେ ବି ସେଇ ସଂଳାପ ମୁଁ ଆପଣ ମାନଙ୍କ ସେବା କରିବାକୁ ବିଦେଶ ଛାଡି ଆସିଛି । ମୋ ବାପାଙ୍କୁ ଆପଣ ଏତେଥର ସୁଯୋଗ ଦେଇଥିଲେ ମୋତେ ଥରେ ସୁଯୋଗ ଦେଇ ଦେଖନ୍ତୁ । ମୁଁ ଆପଣ ମାନଙ୍କ ସେବା କରିବି ଆପଣ ମାନଙ୍କ ସୁଖ ଦୁଃଖରେ ଠିଆ ହେବି । ଏ ବାବୁ କଥା କହିବାରେ ତାଙ୍କ ବାପାଙ୍କଠୁ ଦୁଇପାଦ ଆଗରେ । ଘର ଘର ବୁଲି ଭୋଟ୍ ଭିକ୍ଷା କଲେ । କାହାଘରେ ପଖାଳ ଖାଇଲେ ତ କାହାଘରେ ମୁଢି ଚା। କେତେ ଆଲିଙ୍ଗନ ପାଦ ଛୁଆଁ ପ୍ରଣାମ କେତେ ପ୍ରତିଶ୍ରୁତି ।

ଇଲେକ୍ସନ ସରିଲା ବାବୁ ଜିତିଲେ ବାପାଙ୍କ ଗାଦି ସମ୍ଭାଳିଲେ । ବିଧାୟକଙ୍କର ନିଜର ଟିଭି ଚ୍ୟାନେଲ ଥିଲା ସେଥିରେ ମାଲିକ ଆଉ ତାଙ୍କ ଦଳକୁ ଭୂରି ଭୂରି ପ୍ରଶଂସା ପ୍ରସାରଣ ଚାଲିଥାଏ ସବୁବେଳେ। ଠିକ୍ କିଛିଦିନ ପରେ ଅନ୍ୟ ଏକ ଟିଭି ଚ୍ୟାନେଲରେ ଦୁଇ ପାର୍ଶ୍ୱରେ ବିଧାୟକଙ୍କ ଦୁଇଟି ଚଳଚିତ୍ର ପ୍ରସାରିତ ହେଉଥାଏ ଗୋଟିଏ ପାର୍ଶ୍ୱରେ ସେ ଲୋକଙ୍କ ସେବା କରିବାକୁ ରାଜନୀତିକୁ ଆସିଛନ୍ତି କହି ସେଅତୀତରେ ଲୋକଙ୍କ ପାଦ ଛୁଇଁ ଭୋଟ୍ ଭିକ୍ଷା କରୁଥିଲେ। ଆଉ ଗୋଟିଏ ପାର୍ଶ୍ୱରେ ବର୍ତ୍ତମାନ ସମୟରେ ଜଣେ ଗରୀବ ଘର ଖଣ୍ଡେ ପାଇଁ ସରକାରୀ ଅର୍ଥ ମାଗିବାକୁ ଆସିଥିବା ବେଳେ ବାବୁ ତା ଉପରକୁ ହାତ ଉଠାଉଥିଲେ। ଟିଭି ପାଖେ ବସିଥିବା ଲୋକ ମାନେ ଟୁପୁର ଟାପର ହେଉଥିଲେ। ରାଜନୀତିରେ କ'ଣ ସତରେ ଏମିତି ସମାଜ ସେବା କରାଯାଏ କି ?

♥ କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

# ଖଇରା ବ୍ଲକରେ ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ



ଖଇରା, ୧୩/୪ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଭକ୍ତିଭାବରେ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି । ସାରୁଗାଁ ବାସୁଲି ପଠରେ ୫୦୦ବର୍ଷ ଧରି ପାରମ୍ପରିକ ଭାବେ ପୂଜା ଓ ଉଡାପର୍ବ ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ସଂକ୍ରାନ୍ତି ସଂଧ୍ୟାରେ ଦୀପଯଜ୍ଞ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା । ଶ୍ରୀଧର ପଣ୍ଡା,ନିରଞ୍ଜନ ଦାସ,ନରସିଂହ ଶତପଥି ପ୍ରମୁଖ ମାଙ୍କର ପୂଜାର୍ଚ୍ଚନା କରିଥିଲେ । ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ବିଶିଷ୍ଟ ଆଇନଜୀବୀ ହରେକୃଷ୍ଣ ଦାସ ଉପସ୍ଥିତ ଥିଲେ । ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୁନ୍ଦିରା ହନୁମାନ ମନ୍ଦିରରେ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ପୂଜା ଓ ଯଜ୍ଞକର୍ମ ସମ୍ପନ୍ନ ହୋଇ ଯାଇଛି । ପ୍ରଥମେ ବ୍ରତୀ ମାନଙ୍କ ଦ୍ୱାରା ଗ୍ରାମପୋଖରୀରୁ କଳସ ଅଣାଯାଇଥିଲା । ଜଗନ୍ନାଥ ପଣ୍ଡାଙ୍କ ରାମସୀତା, ହନୁମାନ ଓ ଶିବପାର୍ବତୀଙ୍କ ପୂଜା ସାଙ୍ଗକୁ ହୋମଯଜ୍ଞାଦି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ପର୍ଶୁରାମ ବେହେରା, ରତ୍ନାକର ବେହେରା, ଶିଶିର କୁମାର ନାୟକ,ଶଙ୍କର୍ଷନ ରାଉ, ବାସନ୍ତଲତା ମହାପାତ୍ର, ତପନ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି କାକୁଡିଆ ଠାରେ ମଧ୍ୟ ବଜରଙ୍ଗବଲୀଙ୍କ ପୂଜାର୍ଚ୍ଚନା ପାରମ୍ପରିକ ରିତିରେ ପାଳିତ ହୋଇ ଯାଇଛି । ଭୀମଚରଣ ନାୟକଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ କାଳିଆ ପଣ୍ଡା ଓ କୁନା ପଣ୍ଡାଙ୍କ ଦ୍ୱାରା ସଙ୍କଟମୋଚନଙ୍କୁ ଆରାଧନା କରାଯାଇଥିଲା । ସେହିଭଳି ଅଲିପୁର ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ମାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା ।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉପଲକ୍ଷେ କ୍ୟାରିୟର କାଉନସେଲିଙ୍ଗ

ମାଲକାନଗିରି, ୧୩/୪ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ତରଫରୁ ୩ ଶେଷ ବର୍ଷ ସମ୍ମାନ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରି ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀମାନେ ଅତି ସୁନ୍ଦର ବ୍ୟବହାର ପ୍ରଦର୍ଶନ କରିବା ସହିତ ଉତମ ଛାତ୍ର ଥିଲେ ବୋଲି ମତ ପୋଷଣ କରିଥିଲେ । ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହୋଇ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଆରତୀ ଲୁଗୁନ୍ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭା ଆରମ୍ଭରେ ''ମା ଲକ୍ଷ୍ମୀ ଠାକୁରାଣୀ''ଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀମାନେ ପାଠ ସରିବା ପରେ କିପରି କର୍ମ ନିଯୁକ୍ତି ପାଇବେ ସେ ବିଷୟରେ ବିଭାଗୀୟ ମୁଖ୍ୟ ଡକ୍ଟର ସ୍ୱାଇଁ ସମ୍ପୂର୍ଣ୍ଣ ଟିପ୍ପଣୀ ରଖିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବି. ଗୁପ୍ତେଶ୍ୱର ରାଓ, ସ୍ମିତା ସର୍ଦ୍ଦାର ପ୍ରତ୍ୟକ୍ଷ ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉପହାର ସ୍ୱରୂପ କଲମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏକ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସୁପ୍ରିୟା ପାଣିଗ୍ରାହୀ, କନିକା ସରକାର, ଯତି ମଣ୍ଡଳ, ମନିକା ଗେହେଲ, ଶେଫାଳୀ ଆୟୋଜନ କରିବାରେ ସାହାଯ୍ୟ କରିଥିଲେ । ସଭା ଶେଷରେ ଅଧ୍ୟାପିକା ଦୀପ୍ତିରେଖା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୯ ଲୋକସଭା ଆସନ...

ବିଜେଡି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସହିତ ହେବ । ୨୦୧୯ରେ କଂଗ୍ରେସ ଏହି ଆସନରୁ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା । ଶ୍ରୀକାନ୍ତ ଜେନା ବାଲେଶ୍ୱର ଲୋକସଭା ଆସନରୁ ୨୦୦୯ରେ ବିଜୟୀ ହୋଇଥିଲେ । ୨୦୧୪ରେ ସେ କଂଗ୍ରେସ ଟିକେଟରେ ଏଠାରୁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ । ୧୯୯୬ରେ ଶ୍ରୀକାନ୍ତ କେନ୍ଦ୍ରାପଡ଼ା ଆସନରୁ ଜନତା ପାର୍ଟି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଭୁବନେଶ୍ୱର ଲୋକସଭା ଆସନରେ ବିଜେପିର ଅପରାଜିତା ଷଡ଼ଙ୍ଗୀ ଓ ବିଜେଡିର ମନ୍ମଥ ରାଉତରାୟଙ୍କ ସହିତ ଲଢ଼େଇ କରିବେ ଯାସିର ନୱାଜ୍ ।

## ୩ ଡକାୟତ ଗିରଫ: ୧ କେଜି ...

ମଙ୍ଗଳପୁରର ବିଶ୍ୱଜିତ ଦାସ ଓରଫ ବିଟୁ ଓ ଜଗତସିଂହପୁରର ମଧୁସୂଦନ ମହାନ୍ତି । ସେମାନଙ୍କ ନାଁରେ ଅନେକ ମାମଲା ରହିଛି । ଶୁଭ୍ରକାନ୍ତ ନାଁରେ ବିଭିନ୍ନ ଥାନାରେ ୩୧ଟି ମାମଲା ଥିବା ବେଳେ ବିଶ୍ୱଜିତ ନାଁରେ ୩୮ ଟି ଓ ମଧୁସୂଦନ ନାଁରେ ୧୨ଟି ମାମଲା ରହିଛି । ମଧୁସୂଦନ ନାଁରେ ହତ୍ୟା ମାମଲା ମଧ ଥିବା ଜଣାପଡ଼ିଛି । ଏହି ଗ୍ୟାଙ୍ଗ ବିଭିନ୍ନ ଅଞ୍ଚଳରେ ଲୋକାଲ ଇନ୍‌ଫର୍ମର ରଖୁଥିଲେ । କେଉଁ ଘର ଖାଲି ପଡୁଛି, ତା'ର ଖବର ନେଉଥିଲେ । ଇନଫର୍ମରମାନେ ଫୋନ୍ ଯୋଗେ ସେମାନଙ୍କ ସହିତ ଯୋଗାଯୋଗ କରୁଥିଲେ । ଲୁଟ୍ କରିବା ପରେ ସେମାନେ ବାଇକ୍‌ରେ ଚମ୍ପଟ ମାରୁଥିଲେ । ସେମାନେ ପାଖରେ ମାରଣାସ୍ତ୍ର ରଖୁଥିଲେ । ଆବଶ୍ୟକ ପଡ଼ିଲେ ଘରେ ଥିବା ଲୋକଙ୍କୁ ବାନ୍ଧି ଲୁଟ୍ କରୁଥିଲେ । ଏମିତିକି ବାଧା ଦେଲେ ଆକ୍ରମଣ କରିବାକୁ ପଛାଉ ନଥିଲେ । ଗତ ଦୁଇମାସ ହେଲାଣି ଭୁବନେଶ୍ୱର, ପୁରୀ, ଭଦ୍ରକ, ନୟାଗଡ଼ ଓ ଯାଜପୁର ଅଞ୍ଚଳରେ ସେମାନେ ସକ୍ରିୟ ଥିଲେ । ପୁରୀ କଳଙ୍ଗାରେ ଏକ ଡାକ୍ତର ଦମ୍ପତିଙ୍କୁ ବାନ୍ଧି ଏହି ଗ୍ୟାଙ୍ଗ ଡକାୟତି କରିଥିଲେ । ସେହିଭଳି ଗତ ୩୦ ତାରିଖରେ ଭୁବନେଶ୍ୱରର କାନନ ବିହାରରୁ ଏକ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ଟଙ୍କା ଲୁଟି ନେଇଥିଲେ । ପୁଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ଗତ ୨ ମାସ ହେଲା ସେମାନେ ସକ୍ରିୟ ଥିଲେ । ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ପଟିଆ, ଇନ୍‌ଫୋସିଟି ଓ ନନ୍ଦନକାନନ ଅଞ୍ଚଳରେ ସେମାନେ ୫ଟି ଚୋରି ମାମଲାରେ ସଂପୃକ୍ତ ଅଛନ୍ତି । ଏହା ବ୍ୟତୀତ ଏହି ୨ ମାସ ଭିତରେ ସେମାନେ ପୁରୀରେ ୩ଟି ଓ ଭଦ୍ରକରେ ୨ଟି ଡକାୟତି ମାମଲାରେ ଜଡ଼ିତ ଅଛନ୍ତି । ୨୦୨୩ ଜୁନ୍ ମାସରେ ଭୁବନେଶ୍ୱର ପୁଲିସ୍ ସେମାନଙ୍କୁ ଗିରଫ କରି ଜେଲ୍ ପଠାଇଥିଲା । ଗତ ଫେବୃଆରୀ ମାସରେ ସେମାନେ ଜେଲ୍ ?ରୁ ବାହାରିବା ପରେ ପୁଣି ଏକାଠି ହୋଇ ଡକାୟତି ଓ ଚୋରି ଆରମ୍ଭ କରି ଦେଇଥିଲେ । ରାଜଧାନୀରେ ଏବେ ସବୁଦିନ କୌଣସି ନା କୌଣସି ଘରେ ହେଉଛି ଲୁଟ୍ ହେଉଛି । ଆପାର୍ଟମେଣ୍ଟଗୁଡ଼ିକ ମଧ୍ୟ ଲୁଟେରାଙ୍କ ଟାର୍ଗେଟରେ ରହୁଛି । ବିଶେଷ କରି ଯେଉଁ ଘରଗୁଡ଼ିକରେ ତାଲା ପଡୁଛି, ସେଗୁଡ଼ିକରେ ପଶୁଛନ୍ତି ଲୁଟେରା ।

## ବିଜେପିରେ ମିଶିଲେ ବିଧାୟକ ...

ଯୋଗ ଦେଇଛନ୍ତି । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ସେ ବିଜେପିରେ ଯୋଗଦେଇଛନ୍ତି । ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବିଜେପି ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଧାମନଗର ବିଧାନସଭା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ, ବିରଞ୍ଚି ତ୍ରିପାଠୀ ଓ ବିଜେପି ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ । ଅଜୟ ବିଜେପିରେ ଯୋଗ ଦେବା ପରେ ବିଜେଡିରେ ଉପରେ ବର୍ଷିଛନ୍ତି ।

## କୋର୍ଟଙ୍କୁ କହିଲା ସିବିଆଇ...

ରିମାଣ୍ଡରେ ନେଇଛି । ରିମାଣ୍ଡ ପାଇଁ କରିଥିବା ଆବେଦନରେ ସିବିଆଇ କବିତାଙ୍କ ସମ୍ପର୍କରେ ସାଂଘାତିକ କଥା କହିଛି । କବିତା ହିଁ ଶରତ ରେଡ୍ଡୀଙ୍କୁ ଦିଲ୍ଲୀ ମଦ ବ୍ୟବସାୟରେ ପ୍ରବେଶ କରିବାକୁ ପ୍ରଲୋଭିତ କରାଇଥିଲେ । କ୍ଷମତାସୀନ ଆପ୍ ସରକାର ଓ ବର୍ତ୍ତମାନ ପ୍ରତ୍ୟାହୃତ ହୋଇ ସାରିଥିବା ଅବକାରୀ ନୀତି ଅଧୀନରେ ତାଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି କବିତା କହିଥିଲେ । କବିତା ଏକଦା ଶରତ ଚନ୍ଦ୍ର ରେଡ୍ଡୀଙ୍କୁ କହିଥିଲେ ଯେ ହୋଲସେଲ ବ୍ୟବସାୟ ପାଇଁ ୨୫ କୋଟି ଓ ପ୍ରତିଟି ରିଟେଲ ଜୋନ ପାଇଁ ୫ କୋଟି ଲେଖାଏ ଆପକୁ ଦେବାକୁ ପଡ଼ିବ । ଏହା ବଦଳରେ ଆପ ସରକାର ତାଙ୍କୁ ମଦ ବ୍ୟବସାୟ ପାଇଁ ଲାଇସେନ୍ସ ଦେବେ । ସମାନ ଟଙ୍କା କବିତା ତାଙ୍କ ସହଯୋଗୀ ଅରୁଣ ଆର ପିଲ୍ଲାଇ ଓ ଅଭିଷେକ ବୋଇନପାଲ୍ଲୀଙ୍କୁ ଦେବାକୁ କହିଥିଲେ । ସେମାନେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତିନିଧି ବିଜୟ ନାଏରଙ୍କ ଯୋଗାଯୋଗରେ ରହିଥିଲେ ବୋଲି ସିବିଆଇ କହିଛି । ସିବିଆଇ ଆହୁରି କହିଛି, ୨୦୨୧ରେ ପିଲ୍ଲାଇ, ବୋଇନପାଲ୍ଲୀ ଓ ଗୋରାଣ୍ଟଲା ମିଳିତ ଭାବେ ହୋଟେଲ ଓବରୋଏରେ ନାଏରଙ୍କ ସହ ବୈଠକ କରିଥିଲେ । ସେମାନେ ଅବକାରୀ ନୀତିକୁ ପ୍ରଭାବିତ କରିବା ପାଇଁ ଆଲୋଚନା କରିଥିଲେ । ଅରବିନ୍ଦ ରିୟଲିଟୀ ଓ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିଃ କବିତାଙ୍କ ଏନଜିଓ ତେଲଙ୍ଗାନା ଜାଗୃତିକୁ ୮୦ ଲକ୍ଷ ଟଙ୍କା ଦେଇଥିଲା । ମଦ ବ୍ୟବସାୟରେ ସହାୟତା ମିଳିବାର ପ୍ରତିଶ୍ରୁତି ପରେ କମ୍ପାନୀ ଏନଜିଓକୁ ସିଏସ୍ଆର ଅଧୀନରେ ଟଙ୍କା ଦେଇଥିଲା । ୨୦୨୧ ଜୁନ-ଜୁଲାଇରେ କବିତା ତେଲଙ୍ଗାନାର ମେହବୁବ ନଗର ଠାରେ ଥିବା ଗୋଟିଏ ଜମି କାରବାର ପାଇଁ ଶରତଙ୍କ ଡିଲ୍ କରିଥିଲେ । ଶରଦ ଉକ୍ତ ଚାଷ ଜମିକୁ କିଣିବାକୁ ଆଗ୍ରହୀ ନଥିଲେ କିମ୍ବା ଉକ୍ତ ଜମିର ଦାମ ମଧ୍ୟ ତାଙ୍କୁ ଜଣା ନଥିଲା । ଶରତ ରେଡ୍ଡୀଙ୍କ ବୟାନ ଓ ବର୍ତ୍ତମାନ ସୁଦ୍ଧ ହୋଇଥିବା ତଦନ୍ତକୁ ଆଧାର କରି ସିବିଆଇ କୋର୍ଟଙ୍କୁ କହିଛି ଯେ ଜମି ପାଇଁ କବିତା ବ୍ୟବସାୟୀ ଶରତଙ୍କୁ ୧୪ କୋଟି ଟଙ୍କା ଦେବାକୁ ଉତ୍ସାହିତ କରିଥିଲେ । ତାଙ୍କୁ ମାହିରା ଭେନଚର୍ସ ପ୍ରାଇଭେଟ ଲିଃ ଜରିଆରେ ସେଲ ଏଗ୍ରିମେଣ୍ଟରେ ପ୍ରବେଶ କରାଇଥିଲେ । ମାହିରା ହେଉଛି ଅରବିନ୍ଦ ଗ୍ରୁପ କମ୍ପାନୀର ଗୋଟିଏ ସଂସ୍ଥା । ୨୦୨୧ ଜୁଲାଇ ମାସରେ ଏହି କାରବାର ହୋଇଥିଲା । ୨୦୨୧ ନଭେମ୍ବର ଓ ଡିସେମ୍ବର ମାସରେ କବିତା ୫ଟି ରିଟେଲ ଜୋନ ପାଇଁ ଶରତଙ୍କୁ ୨୫ କୋଟି ଟଙ୍କା ଦେବାକୁ କହିଥିଲେ । କିନ୍ତୁ ସେ ଟଙ୍କା ଦେବାକୁ ପଛ ଘୁଞ୍ଚା ଦେବାରୁ କବିତା ତାଙ୍କୁ ଧମକ ଦେଇଥିଲେ । ଅବକାରୀ ନୀତି ଅଧୀନରେ ତେଲଙ୍ଗାନା ଓ ଦିଲ୍ଲୀରେ ତାଙ୍କ ବ୍ୟବସାୟକୁ କ୍ଷତି ପହଞ୍ଚିବ ବୋଲି ସେ ଚେତାବନୀ ଦେଇଥିଲେ । ଏହି ସବୁ ଘଟଣାର ଅଧିକ ତଦନ୍ତର ଆବଶ୍ୟକ ଥିବା ସିବିଆଇ କହିବା ପରେ କୋର୍ଟ କବିତାଙ୍କୁ ଏପ୍ରିଲ ୧୫ ଯାଏ ରିମାଣ୍ଡରେ ନେବାକୁ ତଦନ୍ତକାରୀ ସଂସ୍ଥାକୁ ଅନୁମତି ଦେଇଛନ୍ତି ।

## କଙ୍ଗନାଙ୍କୁ ଟକ୍କର...

ଯୁବ ନେତା ମିଳିବ ।' ଅନ୍ୟପଟେ କଙ୍ଗନା କ'ଣ କରୁଛନ୍ତି କିମ୍ବା କ'ଣ କହୁଛନ୍ତି, ସେଥିପ୍ରତି ଆମେ ଗୁରୁତ୍ୱ ଦେଉନାହୁଁ । ମାଣ୍ଡିର ଲୋକମାନେ ସର୍ବଦା ଆମ ସହିତ ଅଛନ୍ତି । କଠିନ ପରିସ୍ଥିତିରେ ମଧ୍ୟ ମୁଁ ଏହି ଆସନ ଜିତିଛି । ବିକ୍ରମାଦିତ୍ୟ ଜଣେ ଟାଣୁଆ ପ୍ରାର୍ଥୀ ବୋଲି କହିଛନ୍ତି ପ୍ରତିଭା ସିଂହ । ବର୍ତ୍ତମାନ ମଣ୍ଡି ଆସନରୁ ପ୍ରତିଭା ସିଂହ ସାଂସଦ ଅଛନ୍ତି । ପୂର୍ବରୁ ହିଁ ସେ ନିର୍ବାଚନୀ ରେସ୍‌ରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇସାରିଛନ୍ତି । ବର୍ତ୍ତମାନ ସେ ଚାହୁଁଛନ୍ତି ଯେ ତାଙ୍କ ପୁଅ ଏହି ଆସନରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ । ଯଦି ବିକ୍ରମଦିତ୍ୟ ସିଂହଙ୍କୁ ମାଣ୍ଡିରୁ ପ୍ରାର୍ଥୀ କରାଯାଏ, ତେବେ ଏହା କଂଗ୍ରେସ ମଧ୍ୟରେ ଚାଲିଥିବା ମତଭେଦକୁ ଦୂର କରିବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି । ସେପଟେ ପ୍ରଥମ ଥର ପାଇଁ ଅଭିନୟରୁ ରାଜନୀତିକୁ ଏଣ୍ଟ୍ରି କରିଥିବା କଙ୍ଗନା ଏହି ଆସନରୁ ନିର୍ବାଚନ ଲଢୁଛନ୍ତି । ବିଜେପି ତାଙ୍କୁ ମଣ୍ଡିରୁ ପ୍ରାର୍ଥୀ କରିଛି । ନିର୍ବାଚନ ପାଇଁ ସେ ଜୋରସୋରରେ ପ୍ରଚାର ପ୍ରସାରରେ ବ୍ୟସ୍ତ ଅଛନ୍ତି । ଯେବେଠୁ ବିଜେପି କଙ୍ଗନାଙ୍କୁ ଟିକେଟ୍ ଦେଇଛି ସେବେଠାରୁ ବିକ୍ରିମାଦିତ୍ୟ କଙ୍ଗନାଙ୍କୁ ଟାର୍ଗେଟ କରି ଆସୁଛନ୍ତି । ଉଭୟଙ୍କ ମଧ୍ୟରେ ତୁ ତୁ ମେଁ ମେଁ ଲାଗି ରହିଛି । ଏବେ ଯଦି ମଣ୍ଡିରୁ ବିକ୍ରମାଦିତ୍ୟ ପ୍ରାର୍ଥୀ ହୁଅନ୍ତି ତେବେ ନିର୍ବାଚନୀ ମୈଇଦାନରେ ମଧ ଉଭୟଙ୍କ ଲଢ଼େଇ ଦେଖିବାକୁ ମିଳିବ ।

## ସାଙ୍ଗଙ୍କ ସହ ଖେଳୁ ଖେଳୁ ୪୦ ଫୁଟ ତଳକୁ ...

ତରଫରୁ ଆପ୍ରାଣ ଉଦ୍ୟମ କରାଯାଉଛି । ବୋରୱେଲଟି ୭୦ ଫୁଟ ଗଭୀର ଥିବା ବେଳେ ପିଲାଟି ୪୦ ଫୁଟ ତଳେ ଫସିଥିବା ଜଣାଯାଇଛି । ଉଦ୍ଧାର କାର୍ଯ୍ୟରେ ୨ଟି ଜେସିବି, କ୍ୟାମେରାମ୍ୟାନ୍‌ଙ୍କ ଟିମ୍, ଝଉଜର ଟିମ୍ ନିୟୋଜିତ ଅଛନ୍ତି । ଅତିରିକ୍ତ ପୁଲିସ୍ ଅଧିକ୍ଷମ ଅନିଲ ସୋନକରଙ୍କ ସୂଚନା ଅନୁଯାୟୀ, ଏକ ପାଇପ୍ ଜରିଆରେ ବୋରୱେଲ ଭିତରକୁ ଅକ୍ସିଜେନ ଛଡ଼ା ଯାଉଛି । ପିଲାଟିର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବାକୁ ବୋରୱେଲ ଭିତରକୁ ସିସିଟିଭି ପକା ଯାଇଛି । କିନ୍ତୁ ବାଟରେ ପ୍ରତିବନ୍ଧକ ହେତୁ ପିଲାଟି ନିକଟରେ କ୍ୟାମେରା ପହଞ୍ଚି ପାରିନି । ଜିଲ୍ଲାପାଳ ପ୍ରତିଭା ପାଲ୍ ଓ ପୁଲିସ୍ ଅଧିକ୍ଷକ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି । ଯେକୌଣସି ପ୍ରକାରେ ପିଲାଟିର ଜୀବନ ରକ୍ଷା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# 'ଅବସର' ପକ୍ଷରୁ ବିଷୁବ ମିଳନ ଓ ସମ୍ବର୍ଦ୍ଧନା ସଭା




ବାସୁଦେବପୁର, ୧୩/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସର ସାହିତ୍ୟ ପତ୍ରିକା ପକ୍ଷରୁ ଅବସର ର ୧୯ ତମ ବିଷୁବ ମିଳନ, ସମ୍ବର୍ଦ୍ଧନା ସଭା ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ କବି ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ । ସାହିତ୍ୟିକ ନିର୍ମଳ ଚନ୍ଦ୍ର ବେହେରା, ରବି ନାରାୟଣ ସେନାପତି, ପାଲା ଗାୟକ ସନାତନ ପୁରୀ, ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ , ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, କବି ସୁଧାଂଶୁ ଶେଖର ମିଶ୍ର, କବି ରତ୍ନାକର ବାରିକ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବସର ସାହିତ୍ୟ ପତ୍ରିକା ପକ୍ଷରୁ କବି ରତ୍ନାକର ବାରିକ୍, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମହାଳିକ, ପଦ୍ମନାଭ ଦାଶ ଓ କବି କମଳାକାନ୍ତ କରଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । କବି ଓ ସାମ୍ବାଦିକ ବନମାଳି ବାରିକ୍ ଙ୍କ ଲୋକପ୍ରିୟ ଅନୁଷ୍ଠାନ ଅବସର ପକ୍ଷରୁ ବିଷୁବ କବିତା ଆସର ଦ୍ୱିତୀୟ ଅଧିବେଶନ ରେ ଅନୁଷ୍ଠିତ ହୋଇ ଥିଲା । ଶିକ୍ଷାବିତ୍ ଯାମିନି କାନ୍ତ ପାଢ଼ୀ, ଆମ ଗାଆଁ ସାହିତ୍ୟ ପତ୍ରିକାର ସମ୍ପାଦକ କବି ରତ୍ନାକର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । କବି ଶାନ୍ତି ଲତା ପଣ୍ଡା , କବି ଗୟାଧର ଦାସ ଦାସ ଓ ସୁଧାଂଶୁ ଶେଖର ଜେନା କବିତା ସଂଯୋଜନା କରିଥିଲେ । କବି ଅନିତା ପଣ୍ଡା, ଅଭିମନ୍ୟୁ ସାହୁ, କବି ଡକ୍ଟର ବସନ୍ତ ଦାସ, କବି ଜ୍ୟୋତିର୍ମୟ ନାୟକ, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, କବି ତପନ ମିତ୍ର, ଭାଗିରଥି ମହନି, ନିରାସିନି ମହାପାତ୍ର ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ସାମ୍ବାଦିକ ଓ କବି ବନମାଳି ବାରିକ୍ ଙ୍କ ପୁତ୍ର ପାର୍ଥ ସାରଥି ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ । କୁନି କଣ୍ଠଶିଳ୍ପୀ ସାଇ ବିସ୍ମୟ ପାଢ଼ୀ ଏକ ସୁନ୍ଦର ଭଜନ ପରିବେଷଣ କରିଥିଲେ । ସୂର୍ଯ୍ୟ ସାରଥି ବାରିକ୍, ସ୍ୱର୍ଣ୍ଣପ୍ରଭା ବାରିକ୍, ଗୀତାଞ୍ଜଳି ବାରିକ୍ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ବାଲିପାଟଣା ଛକରେ ଖୋଲିଲା ଜଳଛତ୍ର

ଧର୍ମଶାଳା, ୧୩/୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଗତ ୩ ଦିନ କାଳବୈଶାଖୀ ପ୍ରଭାବରେ ସମାନ୍ୟ ତାତିର ପ୍ରକୋପ କମି ଥିଲା । ତେବେ ଆଜି ପୁଣି ତାତି ବଢିବା ଆରମ୍ଭ ହୋଇଛି । ଏହି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ରସୁଲପୁର ବ୍ଲକ ବାଲିପାଟଣା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଘ 'ଗ୍ରାମ୍ୟ ସେବକ ସଂଗଠନ' ପକ୍ଷରୁ ଏକ ଜଳଛତ୍ର ପ୍ରତିଷ୍ଠା କରାଯାଇଛି । ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବ ବର୍ଷ ଅବସରରେ ବାଲିପାଟଣା-ରାଜେନ୍ଦ୍ରପୁର ଛକ ନିକଟସ୍ଥ ବଟବୃକ୍ଷ ପାଖରେ ଆଂଚଳିକ ଯୁବ ସମାଜେସେବୀ ଅଶୋକ ସେଠୀ ଅତିଥିଭାବେ ଯୋଗଦେଇ ଏହି ଜଳଛତ୍ର କେନ୍ଦ୍ରକୁ ଉଦଘାଟନ କରିଥିଲେ । ପ୍ରଥମ ଦିବସରେ ଏହି ମୁଖ୍ୟ ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀମାନଙ୍କୁ ଦହି ସରବତ ପ୍ରଦାନ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହ କମିବା ପର୍ଯ୍ୟନ୍ତ ଏଠାରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ ସଭାପତି ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

# ଜାତୀୟସ୍ତରର ଉଷୁ ଚାମ୍ପିୟନସିପ ପ୍ରତିଯୋଗିତାରେ ପ୍ରିୟବ୍ରତଙ୍କୁ ବ୍ରୋଞ୍ଜ ପଦକ



ବେତନଟୀ , ୧୩/୪ (ନି.ପ୍ର): ଗତ ମାର୍ଚ୍ଚମାସ ୨୬ ତାରିଖରୁ ୩୧ତାରିଖ ପର୍ଯ୍ୟନ୍ତ ଜାମ୍ମୁ ୟୁନିଭର୍ସିଟି ଠାରେ ଜାତୀୟ ସ୍ତରର ୨୩ତମ ଉଷୁ ଚାମ୍ପିଆନସିପ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ରାଜ୍ୟସ୍ତରର ୪୦ଜଣ ଖେଳାଳିମାନେ ଓଡିଶାରୁ ଭାଗ ନେଇଥିଲେ । ସେହି ମଧ୍ୟରୁ ମୟୁରଭଞ୍ଜ ଜିଲ୍ଲା ବେତନଟୀବ୍ଲକ ଆଗ୍ରିଆଅଞ୍ଚଳର ଭକ୍ତି ବିନୋଦ ପରିଡା ଓ ସୁମିତ୍ରା ପରିଡାଙ୍କ ସୁପୁତ୍ର ଦିବ୍ୟଜ୍ୟୋତି ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିବା ପ୍ରିୟବ୍ରତ ପରିଡା ସେହି ପ୍ରତିଯୋଗିତାରେ ଫ୍ରି ଷ୍ଟାଇଲ ଇଭେଣ୍ଟରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଗତ ବର୍ଷ ସେ ବାରିପଦାଠାରେ ଜିଲ୍ଲାସ୍ତରରେ ଖେଳି ସ୍ୱର୍ଣ୍ଣ ପଦକ, ରାଜ୍ୟ ସ୍ତରୀୟ ଅନୁଗୁଳଠାରେ ଖେଳି ରୌପ୍ୟ ପଦକ ଲାଭ କରିସାରିଛନ୍ତି । ଏହି ସଫଳତାର ଶ୍ରେୟ ପ୍ରିୟବ୍ରତ ନିଜ କୋଚ ମୟୁରଭଞ୍ଜ ଜିଲ୍ଲା ଉଷୁ ଆସୋସିଏସନର ସମ୍ପାଦକ ଈଶ୍ୱର ଚନ୍ଦ୍ର ମହାନ୍ତଙ୍କୁ ଦେଇଛନ୍ତି । ତତସହିତ ନିଜ ପରିବାର ଲୋକେ ସର୍ବଦା ଏହି ଖେଳ ଅଭ୍ୟାସ ନିମନ୍ତେ ଉତ୍ସାହିତ କରିଥିବା ସେ ସୂଚନା ଦେଇଛନ୍ତି । ଉଷୁ କୋଚ ଈଶ୍ୱର ମହାନ୍ତଙ୍କ ସୂଚନା ଅନୁସାରେ ମୟୁରଭଞ୍ଜ ଜିଲ୍ଲାରେ ଉଷୁ ଖେଳ ଅଭ୍ୟାସ ନିମନ୍ତେ ଜିଲ୍ଲାରେ କୌଣସି ପ୍ରକାର ଭିତ୍ତିଭୂମି ଓ ଖେଳ ଅଭ୍ୟାସ ସାମଗ୍ରୀର ବ୍ୟବସ୍ଥା ନାହିଁ । ଏଣୁ ଅଳ୍ପ ସଂଖ୍ୟକ ଉଷୁ ଖେଳାଳିମାନେ ପଡିଆରେ ଅଭ୍ୟାସ କରି , ଅଭ୍ୟାସ ବେଳେ କ୍ଷତ ବିକ୍ଷତ ହୋଇ ମଧ ଜିଲ୍ଲା, ରାଜ୍ୟ, ଜାତୀୟ ସ୍ତରର ପ୍ରତିଯୋଗିତା ଖେଳି ପଦକ ଆଣୁଛନ୍ତି । ଯଦି ସରକାରଙ୍କ ପକ୍ଷରୁ ଏହି ଉଷୁ ଖେଳ ପାଇଁ ଜିଲ୍ଲାରେ ଭିତ୍ତିଭୂମିର ସ୍ଥାପନ କରା ଯାନ୍ତା ତେବେ ଖେଳାଳି ପାଇଁ ଅଧିକରୁ ଅଧିକ ପଦକ ଆଣି ରାଜ୍ୟ ତଥା ଦେଶକୁ ଗର୍ବିତ କରିପାରନ୍ତେ । ସବୁଠୁ ବଡ଼ ଦୁଃଖ ଓ ପରୀତାପର ବିଷୟ ମୟୁରଭଞ୍ଜ ଜିଲ୍ଲାର ପଡୋଶୀ ଜିଲ୍ଲା କେନ୍ଦୁଝରରେ ଏହି ଉଷୁ ଖେଳ ନିମନ୍ତେ ଦୁଇ ଦୁଇଟି ଇଣ୍ଡୋର ଷ୍ଟାଡିୟମର ଭିତିଭୂମି କରାଯାଇ ସେଠାରେ ଅନେକ ଖେଳାଳି ଖେଳି ଜାତୀୟ ଓ ଅନ୍ତର୍ଜାତୀୟ ଖେଳିବାକୁ ଯାଉଛନ୍ତି । ହେଲେ ମୟୁରଭଞ୍ଜ ଜିଲ୍ଲାରେ ରାଜନୈତିକ ଅଣଦେଖା ହେତୁ ଏହି ଖେଳ ପାଇଁ କୌଣସି ଭିତିଭୂମି ସ୍ଥାପନ ହୋଇପାରି ନାହିଁ । କିଛି ମାସ ତଳେ ଭିତିଭୂମି ସ୍ଥାପନ ନେଇ ଉଷୁ କୋଚ ଈଶ୍ୱର ମହାନ୍ତ ଜିଲ୍ଲାପାଳଙ୍କୁ ଭେଟି ସବୁ ପ୍ରକାର ଆଲୋଚନା କରି ଥିଲେ ଏବଂ ସେ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶୃତି ମଧ ଦେଇଥିଲେ । ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ବଦଳି ହେତୁ ପ୍ରତିଶୃତି ପ୍ରତିଶୃତି ହୋଇ ରହିଯାଇଛି । ଜିଲ୍ଲା ଉଷୁ ଖେଳକୁ ଆଗକୁ ନେବା ପାଇଁ ଉପଯୁକ୍ତ ଭିତିଭୂମି ପାଇଁ ସାଧାରଣରେ ଦାବି ହୋଇଛି । ଆଗାମୀ ଦିନରେ ଏନେଇ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ଓ ଉଷୁ କୋଚମାନଙ୍କ ମିଳିତ ଭାବେ ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ଦୃଷ୍ଟିକୁ ଆକର୍ଷଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବା ନେଇ ନିଷ୍ପତି ନିଆଯାଇଥିଲା ।

# ବଲାଙ୍ଗୀର ଗସ୍ତରେ ଓଡିଶା ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଳ ସିଂ ତୋମର, ସ୍ଥିତି ସମୀକ୍ଷା କଲେ

ବଲାଙ୍ଗିର, ୧୩/୪ (ନି.ପ୍ର): ଆଜି ବଲାଙ୍ଗୀର ଗସ୍ତରେ ଓଡିଶା ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଳ ସିଂ ତୋମର । ପଥରଚେପା ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ବଲାଙ୍ଗୀର ଲୋକସଭା ଓ ବିଧାନସଭା ସାଙ୍ଗଠାନିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ସାଙ୍ଗଠନିକ ବୈଠକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ବଲାଙ୍ଗୀର ବିଜେପି ସଭାପତି ଶିବାଜୀ ମହାନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ରାଜ୍ୟ ସାଙ୍ଗଠାନିକ ସମ୍ପାଦକ ମାନସ ମହାନ୍ତି, ଲୋକସଭା ରାଜ୍ୟ ବିସ୍ତାରକ ପ୍ରଦୀପ୍ତ କୁମାର ରାୟ, ବଲାଙ୍ଗୀର ଲୋକସଭା ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ବଲାଙ୍ଗୀର ଲୋକସଭା ସଂଯୋଜକ ଦୀନେଶ ଶର୍ମା, ବଲାଙ୍ଗୀର ସାଂସଦ ଶ୍ରୀମତୀ ସଂଗୀତା ସିଂଦେଓ, ବରିଷ୍ଠ ବିଜେପି ନେତା ଓ ପାଟଣାଗଡ଼ ବିଜେପି ବିଧାନସଭା ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓ ଓ ବଲାଙ୍ଗୀର ବିଜେପି ବିଧାନସଭା ପ୍ରାର୍ଥୀ ଗୋପାଳଜି ପାଣିଗ୍ରାହୀ ଉପସ୍ଥିତ ଥିଲେ । ବଲାଙ୍ଗୀର ଓ ସୁବର୍ଣ୍ଣପୁର (ସୋନପୁର ) ଲୋକସଭା ଓ ବିଧାନସଭାର ବିଜେପି କାର୍ଯ୍ୟକର୍ତା ଶହ ଶହ ସଂଖ୍ୟାରେ ଯୋଗ ଦେଇଥିବା ବେଳେ ଏହି ସାଙ୍ଗଠାନିକ ବୈଠକରେ ବଲାଙ୍ଗୀର ଜିଲ୍ଲା ଓ ସୋନପୁର ଜିଲ୍ଲାର ଅନ୍ୟ ସମସ୍ତ ବିଧାନସଭା ବିଜେପି ପ୍ରାର୍ଥୀ ମାନେ ମଧ ଯୋଗଦେଇଥିଲେ । ବିଜେପି କାର୍ଯ୍ୟାଳୟରେ ପଶିବା ପୂର୍ବରୁ ସୋନପୁର ଜିଲ୍ଲାର ବୀରମହାରାଜପୁରର ବିଧାନସଭାର ପ୍ରାର୍ଥି ବଦଳାଇବାକୁ ଦାବିକରି ଆନନ୍ଦ ବାରିକଙ୍କ ସମର୍ଥକ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିଛନ୍ତି । ପ୍ରଭାରୀ ଶ୍ରୀ ତୋମାର ଏନେଇ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ, ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ, ସୋନପୁର ଜିଲ୍ଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ଉପସ୍ଥିତିରେ ଆଶାୟୀପ୍ରାର୍ଥି ଆନନ୍ଦ ବାରିକଙ୍କ ସହିତ ଆଲୋଚନା କରିଥିବା ଜଣାଯାଇଛି । ତେବେ ଏହି ଆଲୋଚନା କେତେ ସଫଳ ହୋଇଛି ଜଣାନାହିଁ, କିନ୍ତୁ ଆସନ୍ତାକାଲି ଭୁବନେଶ୍ୱର କାର୍ଯ୍ୟାଳୟକୁ ଆନନ୍ଦ ବାରିକଙ୍କୁ ଡକରା ହୋଇଥିବା ସୂଚନା ମିଳିଛି । ଶ୍ରୀ ବାରିକ ଗଣମାଧ୍ୟମକୁ କହିଛନ୍ତି ଯେ, ତାଂକୁ କହିବା ଅନୁସାରେ ତାଙ୍କର ନିର୍ବାଚନ ମଣ୍ଡଳୀରେ ବୁଥ ସ୍ତରରୁ ଗତ ୫ ବର୍ଷ ହେଲା ସଂଗଠିତ କରି ଆସିଛନ୍ତି, ତାଙ୍କୁ ପ୍ରାର୍ଥୀ କରା ନଯାଇ ବଦଳିଥିବାରୁ ଦଳର ସ୍ଥିତି ବିଗିଡି ଯିବ । ତେଣୁ ତାଂକ କଥା ଉପରେ ଦଳ ବିଚାର କରୁ । ପ୍ରଭାରୀ ସମଗ୍ର ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ସମୀକ୍ଷା କରି ସ୍ଥିତି ଅନୁଧ୍ୟାନ କରିଥଲେ ।

# ଝାରପଡାରେ ଧୁମଧାମରେ ଶ୍ରୀରାମ ନବମୀ ମହୋତ୍ସବ

ଭୁବନେଶ୍ୱର, ୧୩/୪ (ନି.ପ୍ର): ଆସନ୍ତା ବୁଧବାର ଦିନ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କର ପବିତ୍ର ଶ୍ରୀରାମ ନବମୀ । ଏ ନେଇ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଆଡେ ଉତ୍ସବ ମୁଖର ।ଏହି କ୍ରମରେ ରାଜଧାନୀ ସ୍ଥିତ ଝାରପଡା ଗ୍ରାମବାସୀଙ୍କ ତରଫରୁ ବ୍ୟାପକ ଆୟୋଜନ କରାଯାଇଛି । ଆଜି ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ତରଫରୁ ଗ୍ରାମରେ ଦୀର୍ଘ ୩୬ ବର୍ଷ ଧରି ଗ୍ରାମ୍ୟ ଯୁବକଙ୍କ ଦ୍ୱାରା ଆୟୋଜିତ ହେଉଥିବା ଶ୍ରୀରାମ ନବମୀ ଉତ୍ସବ ସହିତ ୭ ଦିନ ବ୍ୟାପି ଧୁମଧାମରେ ପାଳନ କରାଯିବ ବୋଲି ମନ୍ଦିର ଟ୍ରଷ୍ଟର ସଭାପତି ପ୍ରଭାତ ମାର୍ଥା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ୧୭ ତାରିଖ ଦିନ ୧୧ଟା ସମୟରେ କଳସ ଯାତ୍ରା ଆରମ୍ଭ ହୋଇ ଅପରାହ୍ନ ୪ଟା ସମୟରେ ଠାକୁର ବରଣୀ ଓ ସନ୍ଧ୍ୟାରେ ପୂଜା ଆରମ୍ଭ ହେବା ସହ ମନ୍ଦିର ପରିସରର ଯଜ୍ଞର ଆରମ୍ଭ ହେବ । ସେହିପରି ୧୮ ତାରିଖ ଦିନ ସଂନ୍ଧ୍ୟାରେ ମନ୍ଦିର ନିକଟରେ ଥିବା ମଞ୍ଚରେ ସନ୍ଧ୍ୟାରେ ରାମଲୀଳାର ପ୍ରଥମ ଅଧ୍ୟାୟ ଶ୍ରୀରାମ ଜନ୍ମ ଓ ତାଡକା ବଧ ଅନୁଷ୍ଠିତ ହେବ । ଏହି ପରି ୨୮ ତାରିଖ ପର୍ଯ୍ୟାନ୍ତ ପ୍ରତିଦିନ ସଂଧ୍ୟାରେ ରାମଲୀଳାର ବିଭିନ୍ନ ଅଧ୍ୟାୟ ଅନୁଷ୍ଠିତ ହେବା ସହ ମୀନା ବଜାର ଓ ପ୍ରତ୍ୟହ ଦିନ ୨ ହଜାର ଲୋକଙ୍କୁ ପ୍ରସାଦ ବିତରଣ କରାଯିବ ବୋଲି ସଭାପତି ଶ୍ରୀ ମାର୍ଥା କହିଛନ୍ତି ।

# ଚୋରାମଦ କାରବାରରେ ବାଲେଶ୍ୱର ଜିଲ୍ଲା ଏକ ନମ୍ବର ହେତୁ 'ମନା' ବୈଠକରେ ଉଦ୍‌ବେଗ

ବାଲେଶ୍ୱର, ୧୩/୪ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର'ର ମାସିକ ବୈଠକ ନେଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଓଡ଼ିଶାରେ ବାଲେଶ୍ୱର ଜିଲ୍ଲା ଚୋରା ମଦ କାରବାରରେ ଏକ ନମ୍ବର ହୋଇଥିବା ପ୍ରକାଶିତ ଖବରକାଗଜର ସମ୍ବାଦ ପାଠ କରିଥିଲେ । ଏଥି ସହିତ ନିଶାର ମାମଲା ସାଂଘାତିକ ଭାବେ ବୃଦ୍ଧି ପାଇବା ସାଙ୍ଗକୁ ମାମଲାରେ ସରକାରୀ କଳର ଦୁର୍ବଳତା ବିଷୟରେ ସଦସ୍ୟ ନିରଞ୍ଜନ ପରିଡ଼ା ଏକ କରୁଣ ଚିତ୍ର ଉପସ୍ଥାପିତ କରି ସରକାରୀ କଳର ଦୁର୍ବଳତାକୁ ସମାଲୋଚନା କରିଥିଲେ। ଉପଦେଷ୍ଟା ସୁବ୍ରତ କରଙ୍କ ପରାମର୍ଶ କ୍ରମେ ନିର୍ବାଚନ ସମୟରେ ଚୋରାମଦ କାରବାରର କଡ଼ାକଡ଼ି ଧରପଗଡ଼ ପାଇଁ ରାଜ୍ୟ ନିର୍ବାଚନ ମୁଖ୍ୟ ଅଧିକାରୀଙ୍କୁ ଚିଠି ଲେଖିବାକୁ ସ୍ଥିର କରାଯାଇଥିଲା। ଉତ୍ତର ବାଲେଶ୍ୱରର ଜଳେଶ୍ୱରରେ 'ମନା' ପକ୍ଷରୁ ଚୋରାମଦ ଓ ଧଳାଜହର କାରବାରରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଧରପଗଡ଼ କରିବା ପାଇଁ ବ୍ଲକ କମିଟିଗୁଡ଼ିକୁ କ୍ରିୟାଶିଳ କରାଯିବାକୁ ସ୍ଥିର କରାଗଲା। ବୈଠକରେ ଡ. କେଶବ ଚରଣ ପଣ୍ଡା, ରବିନାରାୟଣ ଭୋଳ, ମୀନା ସେଠୀ, କମଳାକାନ୍ତ ଦାଶ, ସନାତନ ଦାସ, କୁମୁଦ ରଞ୍ଜନ ଗିରି, ପ୍ରସନ୍ନ ପାଢ଼ୀ, ପ୍ରଭାକର ସାହୁ(ଖ), ଶଚୀନ୍ଦ୍ର ଦାସ, ଲକ୍ଷ୍ମୀପ୍ରିୟା ଜେନା, ସୀତାରାମ ପ୍ରଧାନ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ବରିଷ୍ଠ ସାହିତ୍ୟିକ ଡ. ଭାଗବତ ବେହେରାଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ



ସତ୍ ସାହିତ୍ୟ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଡ. ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ପୁସ୍ତକ 'ସପ୍ତଦଶନ୍ଧିର ଜୀବନ' ଓ 'କୈକେୟୀ' ହୋଟେଲ ଟପ୍ ଟେଷ୍ଟି (ଫାଣ୍ଡାସି)ରେ ୧୭.୦୪.୨୦୨୪ରିଖ ବୁଧବାର ଦିନ ସଂଧ୍ୟା ୫.୩୦ ମିନିଟରେ ଲୋକାର୍ପିତ ହେବ।
ଏଥିରେ ସଭାପତିତ୍ୱ କରିବେ ଡ. ରମାକାନ୍ତ ବେହେରା।
ଅତିଥି ଭାବେ ଡ. ବଂଶୀଧର ଚୌଧୁରୀ, ଡ. ଦେବାଶିଷ ପାତ୍ର, ଶ୍ରୀମତୀ ସୈରିନ୍ଧ୍ରୀ ସାହୁ
ଓ
ପୁସ୍ତକ ଆଲୋଚନା କରିବେ ଡ. ଶିରୀଶ ଚନ୍ଦ୍ର ଜେନା, ଡ. ରାଧାରଂଜନ ପଟ୍ଟନାୟକ।
ଉତ୍ସବ ପରିଚାଳନା କରିବେ ଡ.ପ୍ରଦୀପ୍ତ ମିଶ୍ର।
ଆପଣମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସବିନୟ ଅନୁରୋଧ।

ଶ୍ରୀମତୀ ଲାବଣ୍ୟବତୀ ବେହେରା
ଶ୍ରୀଯୁକ୍ତ ଗଜେନ୍ଦ୍ର ବେହେରା


# ଉତ୍କର୍ଷ -୨୦୨୪: 'ସାଧାରଣ ଲୋକଙ୍କ ସ୍ୱର ପାଲଟିଛି ପ୍ରମେୟ ଓ ନ୍ୟୁଜ-୭'

ବାଲେଶ୍ୱର, ୧୩/୪ (ନି.ପ୍ର): ଶୈକ୍ଷିକ ପରିବେଶରୁ ସୃଷ୍ଟି ହୋଇଛି 'ପ୍ରମେୟ' ଓ 'ନ୍ୟୁଜ୍ ୭' । ଗଣମାଧ୍ୟମର ଏହି ଦୁଇ ସଂସ୍ଥା କେବଳ ଶିକ୍ଷା ଉପରେ ଗୁରୁତ୍ୱ ଦେଉନି। ବରଂ ସମାଜର ସବୁସ୍ତରର, ସବୁବର୍ଗର ଲୋକଙ୍କ ସହ ସମ୍ପର୍କ ରଖିବାକୁ ଚେଷ୍ଟା କରିଆସୁଛି । ବିଶେଷ କରି ବଣରେ ଫୁଟୁଥିବା ବଣମଲ୍ଲିକୁ ଖୋଜି ବାହାର କରିବା, ସେମାନଙ୍କ ପ୍ରତିଭା ଲୋକ ଲୋଚନକୁ ଆଣିବା, ସେମାନଙ୍କୁ ସମ୍ବର୍ଦ୍ଧିତ କରିବା 'ପ୍ରମେୟ' ଓ ନ୍ୟୁଜ୍-୭ର ମୂଳ ଲକ୍ଷ୍ୟ । ୧୨ ବର୍ଷ ଭିତରେ 'ପ୍ରମେୟ' ଖବରର ସତ୍ୟତା ତଥା ପ୍ରାମାଣିତ ତଥ୍ୟ ଦେଇ ଅଗ୍ରଣୀଙ୍କଠାରୁ ଆଗରେ ରହିଛି। ସେହିଭଳି ମାତ୍ର ୮ବର୍ଷର ନ୍ୟୁଜ୍ ୭ ଲୋକଙ୍କ ଭରସା ଜିତିବା ସହ ସେମାନଙ୍କ ସ୍ୱର ପାଲଟିଛି ବୋଲି ଶନିବାର ଭେନ୍ୟା ପାରାଡାଇଜରେ ଅନୁଷ୍ଠିତ 'ଉତ୍କର୍ଷ -୨୦୨୪' କର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ କହିଥିଲେ । 'ପ୍ରମେୟ' ଓ 'ନ୍ୟୁଜ୍ ୭' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରମେୟ' ବାଲେଶ୍ୱର ସଂସ୍କରଣର ମୁଖ୍ୟ କମଳାକାନ୍ତ ପତି ସ୍ୱାଗତ ଭାଷଣ ସହ ଅତିଥିଙ୍କୁ ମଞ୍ଚ ଅମନ୍ତ୍ରଣ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ଓୟୁଟିର ଅବସରପ୍ରାପ୍ତ କୃଷି ବୈଜ୍ଞାନିକ କେଶବ ଚରଣ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ସେ ପରିବେଶ ପ୍ରଦୂଷଣ ରୋକିବା, କୃଷିକୁ ଗୁରୁତ୍ୱ ନ ଦେବା ଉପରେ ଆଲୋଚନା କରିଥିଲେ । ଏହି ଦୁଇଟି ଦିଗପ୍ରତି ଏବେଠୁ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ମଣିଷ ସମାଜ ପାଇଁ ବଡ଼ ବିପଦ ପାଲଟିବ । ଧନ-ପାନ-ମୀନର ଜିଲ୍ଲା କୁହଯାଉଥିବା ବାଲେଶ୍ୱର ଜିଲ୍ଲାର କୃଷିକୁ ବାରମ୍ବାର ଉପେକ୍ଷା କରାଯାଉଛି। ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଖୋଲିବା ପାଇଁ ବହୁଦିନରୁ ଉତ୍ତର ଓଡ଼ିଶାବାସୀ ଦାବି କରିଆସୁଛନ୍ତି। ଏଠାରେ କୃଷି ମହାବିଦ୍ୟାଳୟ ଖୋଲିଲେ ଉତ୍ତର ଓଡ଼ିଶାର ବହୁ ପିଲା ଉପକୃତ ହେବେ । ଉନ୍ନତ ପ୍ରଣାଳୀରେ ଚାଷ ହେବ । ଉତ୍ତର ଓଡ଼ିଶାର ଅର୍ଥନୀତିରେ ବିକାଶ ହେବ। ଉତ୍ତର ଓଡ଼ିଶାବାସୀଙ୍କ ଏହି ଦାବିକୁ ଉଭୟ 'ପ୍ରମେୟ' ଓ 'ନ୍ୟୁଜ-୭' ନିଶ୍ଚିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବେ ବୋଲି ଶ୍ରୀ ପଣ୍ଡା ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ଏଫଏମୟର ଜେଏମସି ବିଭାଗ ମୁଖ୍ୟ ଭାରତୀବାନା ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମାଜପ୍ରତି ଭଲ କାମ କରିବାର ଅଙ୍ଗୀକାରବଦ୍ଧ ରଖିଥିବା ଗଣମାଧ୍ୟମ ଲୋକଙ୍କ ବିଶ୍ୱାସ ଜିତେ । ପଲଦ୍ଧି, ଅନୁଭୂତି, ଅନୁଭବର ସମିଶ୍ରଣ ହେଲେ ମଣିଷ ନିଜ ଜୀବନରେ ଶ୍ରେଷ୍ଠତା ବା ଉତ୍କର୍ଷ ହାସଲ କରେ । ଏହି ଉତ୍କର୍ଷ ମଣିଷ ମନର ଏକ ଉତ୍ସବ । ଏହି ଉତ୍ସବ ସମାଜରେ ପ୍ରତିଫଳିତ ହୁଏ । ମଣିଷ ବାହ୍ୟଜୀବନ ଅପେକ୍ଷା ଅନ୍ତର୍ଜୀବନରେ ଉତ୍କର୍ଷ ଖୋଜିଲେ ଏକ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। 'ପ୍ରମେୟ' ଏବଂ 'ନ୍ୟୁଜ-୭' ଗ୍ରୁପ ଡାଇରେକ୍ଟର (ସେଲ୍ସ ଆଣ୍ଡ ମାର୍କେଟିଂ) ହିମାଂଶୁ ହୋତା ପ୍ରାରମ୍ଭିକ ବକ୍ତବ୍ୟ ସହ କର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ । ବାଲେଶ୍ୱର ଜିଲ୍ଲା ଶିକ୍ଷା, କଳା, ସଂସ୍କୃତି, ସାହିତ୍ୟର ମାଟି ଉତ୍କୃଷ୍ଟତା ଏହି ମାଟିର ଲୋକଙ୍କ ରକ୍ତରେ ଭରି ରହିଛି। ଆଗାମୀ ଦିନରେ ଏହି ଉତ୍କୃଷ୍ଟତା 'ପ୍ରମେୟ' ଓ 'ନ୍ୟୁଜ୍-୭' ଆଗକୁ ନେବାକୁ ନିଶ୍ଚିତ ଚେଷ୍ଟା କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ଅତିଥି ସିଇଓ ସୁନୀଲ କୁମାର ଦାସ 'ପ୍ରମେୟ' ଓ 'ନ୍ୟୁଜ-୭'ର ଜୟଯାତ୍ରା ଉପରେ ସୂଚନା ଦେଇଥିଲେ । ଆଗାମୀ ଦିନରେ ଏହି ଦୁଇ ସଂସ୍ଥାର ସଫଳତା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟତମ ଅତିଥିଭାବେ ନ୍ୟୁଜ-୭ର ବାଣିଜ୍ୟ ମୁଖ୍ୟ ସିଦ୍ଧାର୍ଥ ରାୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଶରତ ଚନ୍ଦ୍ର ଦାସ, ହାଡ଼ିବନ୍ଧୁ ପାତ୍ର, ସର୍ବେଶ୍ୱର ଦାସ, କନକଲତା ରାୟ, ବିମଳା ନାଥ, ବାବୁରାମ ସାହୁ, ଦୀପକ କୁମାର ଦାସ, ଭାରତୀ ନନ୍ଦୀ, ରହମତ ଅଲ୍ଲୀ, ମୟୂର କୁମାର ଦାସ, ସଞ୍ଜୟ ଶଙ୍ଖୁଆ, ଅନନ୍ତ ଗିରି, ଅମର କୁମାର ପାଳ, ଅଶୋକ ଦାସ 'ଉତ୍କର୍ଷ-୨୦୨୪' ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ନୃତ୍ୟ ସଙ୍ଗୀତ କଳାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। 'ପ୍ରମେୟ' ଓ 'ନ୍ୟୁଜ-୭' ବିଜ୍ଞାପନ ବିଭାଗର ଏଜିଏମ ବିଶ୍ୱରୂପ ପରିଡ଼ା, ବିଜ୍ଞାପନ ଅଧିକାରୀ ଗୋକୁଳାନନ୍ଦ ମିଶ୍ର, ପ୍ରଦୀପ ପ୍ରଧାନ, ମନୋରଞ୍ଜନ ଦାସ, ଅନୁପ ବିଶ୍ୱାଳ, ମିଳନ ପ୍ରଧାନ, ପ୍ରସାରଣ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁଙ୍କ ସମେତ 'ପ୍ରମେୟ ବାଲେଶ୍ୱର ସଂସ୍କରଣ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଲୁଟ୍ ଉଦ୍ୟମ ବେଳେ ପହଞ୍ଚିଗଲା ପୁଲିସ୍: ଜଣେ ନାବାଳକଙ୍କ ସମେତ ୧୧ ଗିରଫ



କେନ୍ଦୁଝର, ୧୩/୪ (ନି.ପ୍ର): କେନ୍ଦୁଝର ପୁଲିସ୍ ହାତରେ ଧରାପଡ଼ିଛନ୍ତି ୧୧ ଜଣ ଲୁଟେରା। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ସେମାନଙ୍କଠାରୁ ୨୫୦୦ ଟଙ୍କା, ଲୁହା ରଡ୍, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ଗତ କିଛି ଦିନ ହେଲା ଏହି ଲୁଟେରା ଦଳ ଝୁମ୍ପୁରା ଥାନା ଅଞ୍ଚଳର ବିଭିନ୍ନ ରାସ୍ତାରେ ଯା' ଆସ କରୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ଲୁଟ୍ କରୁଥିଲେ। ଏପରିକି କେହି ଗାଡ଼ି ନ ଅଟକାଇଲେ ସେମାନେ ଆକ୍ରମଣ କରୁଥିଲେ। ଗତକାଲି ରାତିରେ ସେମାନେ ଝୁମ୍ପୁରା ଥାନା କଟଲପଷି-ଧାତିକା ରାସ୍ତାରେ ଟ୍ରକ ଏବଂ ଅନ୍ୟାନ୍ୟ ଗାଡ଼ି ଚାଳକମାନଙ୍କୁ ଭୟଭୀତ କରି ଲୁଟ୍ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା ପୁଲିସ। ସେଠାରୁ ପୁଲିସ ୧୧ ଜଣଙ୍କୁ ଧରିଥିଲା ଓ ସେମାନଙ୍କଠାରୁ ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିଲା। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସମୁଦ୍ରକୁ ମାଛ ମାରିବାକୁ ଯାଇ ଯୁବକ ନିଖୋଜ : ସିଂଲା ଥାନାରେ ମାମଲା ପରେ ମଧ୍ୟ ପୋଲିସ ହାତ ବାନ୍ଧି ବସିଛି



ଲଙ୍ଗଳେଶ୍ୱର, ୧୩/୪ (ନି.ପ୍ର): ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ଜନୈକ ବ୍ୟକ୍ତି ନିଖୋଜ ଥିବା ନେଇ ସ୍ଥାନୀୟ ଥାନାରେ ସ୍ତ୍ରୀ ଙ୍କ ଦ୍ୱାରା ଲିଖିତ ଅଭିଯୋଗ ।ପରିବାରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ନପାଇ ଭୋକ ଉପବାସରେ ବିତୁଛି ପରିବାର ସଦସ୍ୟଙ୍କ ଜୀବନ। ତେବେ ସୂଚନାରୁ ପ୍ରକାଶ କଷାଫଳ ଗ୍ରାମର ବାବୁଲି ବେହେରା ଙ୍କ ମୁଖ୍ୟ ପେଷା ହେଉଛି ସମୁଦ୍ରରୁ ମାଛ ମାରିବା। ତାଙ୍କରି ରୋଜଗାର ରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୋଇଥାଏ। ସେ କଥା କହିପାରନ୍ତି ନାହିଁ କିମ୍ବା ଶୁଣିପାରନ୍ତି ନାହିଁ। ତେବେ ପନ୍ଦର ଦିନକୁ ଥରେ ଘରକୁ ଆସନ୍ତି ।ଗତ ୪/୩/୨୦୨୪ ରୀଖ ସୋମବାର ବୋଟ୍ ମାଲିକ ମରିଚି ଗ୍ରାମର କ୍ରୀଷ୍ଟା ମଣ୍ଡଳ ତାଙ୍କ ବୋଟ୍ ରେ ମାଛ ମାରିବାକୁ ବାହାବଳପୁର ସମୁଦ୍ର ମୁହାଣ କୁ ନେଇଯାଇଥିଲେ। ତାଙ୍କ ସହିତ କଷାଫଳ ଗ୍ରାମର ଏଣ୍ଡୁଆ ବେହେରା ଓ ବାପି ଗାଁଣ ମଧ୍ୟ ଯାଇଥିଲେ। ତେବେ ପନ୍ଦର ଦିନ ପରେ ଏଣ୍ଡୁଆ ବେହେରା ବିବୁଲି ବେହେରାଙ୍କ ବ୍ୟାଗ୍ ଆଣି ତାଙ୍କ ସ୍ତ୍ରୀ ରୁନିକୁ ଦେଇଥିଲା। ତେବେ ରୁନି ତାଙ୍କ ସ୍ୱାମୀ ବାବଦରେ ପଚାରିବାରୁ ଏଣ୍ଡୁଆ ସନ୍ତୋଷଜନକ ଉତ୍ତର ଦେଇନଥିଲେ। ସ୍ୱାମୀ ଘରକୁ ନ ଆସିବାରୁ ରୁନି ବୋଟ୍ ମାଲିକ କ୍ରୀଷ୍ଟା ମଣ୍ଡଳ କୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ। ତେବେ ଘରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି ତଥା ସ୍ୱାମୀ ବାବୁଲି ର କୌଣସି ଖବର ତଥା ଘରକୁ ଫେରିବାରେ ବିଳମ୍ବ କୁ ଦେଖି, ସ୍ତ୍ରୀ ରୁନି ବେହେରା ସିଂଲା ଥାନାରେ ସ୍ୱାମୀ ନିଖୋଜ ଥିବାର ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ଏମ ଏମ ଆର୍ ନମ୍ବର ୧୦/୨୪ ମୂଳେ ଏକ ମାମଲା ରୁଜୁ କରି ପୋଲିସ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି । ତେବେ ବୋଟ୍ ମାଲିକ କ୍ରୀଷ୍ଟା ମଣ୍ଡଳ ଙ୍କୁ ପଚାରିବା ପାଇଁ ରୁନି ଥାନା ଅଧିକାରୀ ଙ୍କ ଠାରେ ଦାବି କରିଥିଲେ ମଧ୍ୟ ପୋଲିସ ସହଯୋଗ କରୁନଥିବା ଅଭିଯୋଗ କାରିଣୀ କହିଛନ୍ତି। ସାର୍ଥା ଫାଣ୍ଡି ଅଧିକାରୀ ଅଭିଯୁକ୍ତ କ୍ରୀଷ୍ଟା ମଣ୍ଡଳ କୁ ପଚାରା ଉଚୁରା ପାଇଁ ଫାଣ୍ଡିକୁ ଡାକି ପୁଣି ଛାଡି ଦେଇଥିବା ଅଭିଯୋଗ କାରିଣୀ ରୁନି ମଣ୍ଡଳ କହିଛନ୍ତି ।ତେବେ ସିଂଲା ଥାନା ଅଧିକାରୀ କେବଳ ମାମଲା ରୁଜୁ କରି ବସି ଯାଇଛନ୍ତି ।ସିଂଲା ଥାନା ଅଧିକାରୀ ଓ ସାର୍ଥା ଫାଣ୍ଡି ଅଧିକାରୀ ତୁରନ୍ତ ତଦନ୍ତ କରି ସ୍ୱାମୀ ବାବୁଲି ବେହେରା ଙ୍କୁ ଖୋଜି ବାହାର କରିବା ସହ ଦୋଷି ବୋଟ୍ ମାଲିକ କ୍ରୀଷ୍ଟା ମଣ୍ଡଳ ଙ୍କୁ ତୁରନ୍ତ ଗିରଫ କରିବାକୁ ରୁନି ଦାବି କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ଥାନା ଅଧିକାରୀ କ'ଣ ପଦକ୍ଷେପ ନେଉଛନ୍ତି।

# ଗୋଚର ଜମିରେ ବାଡ଼ ଭଙ୍ଗାକୁ ନେଇ ଗୋଷ୍ଠୀ ସଂଘର୍ଷ: ଥାନାରେ ମାମଲା



ନୀଳଗିରି , ୧୩/୪ (ନି.ପ୍ର): ନୀଳଗିରି ଥାନା ସିଆଡିମାଳ ପଞ୍ଚାୟତ ବାବନ୍ଧ ଗ୍ରାମରେ ସରକାରୀ ଜମିରେ ବାଡ଼ ବସାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ଗୋଷ୍ଠୀ ଆହତ ହୋଇଥିବା ସୂଚନା ମିଳିଛି। ଏନେଇ ନୀଳଗିରି ଥାନାରେ ଅଭିଯୋଗ ପରେ ଘଟଣା ସ୍ଥଳରେ ନୀଳଗିରି ପୋଲିସ ପହଞ୍ଚି ତନାଘନା କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ ସିଆଡିମାଳ ମୌଜାର ୫୨୩ ନଂ ପ୍ଲଟଟି ଗୋଚର ଜମି ଥିବା ବେଳେ ଏହାକୁ ଲାଗି ବାବନ୍ଧ ଗ୍ରାମର ଜନାର୍ଦ୍ଦନ ସିଂହଏବଂ ତାଙ୍କ ସମ୍ପର୍କୀୟଙ୍କ ଜାଗା ରହିଛି। ଉକ୍ତ ଗୋଚର ଜମିକୁ ବାଦ ଦେଇ ଗତ ଶୁକ୍ରବାର ସିଂହ ପରିବାର ପକ୍ଷରୁ ତାରଜାଲି ସାହାଯ୍ୟରେ ସ୍ଥାୟୀ ବାଡ଼ ବସାଇଥିଲେ। ମାତ୍ର ଶନିବାର ସକାଳେ ଉକ୍ତ ବାଡ଼କୁ କେହି ଉପାଡ଼ି ଦେଇଥିବା ଦେଖି ଜନାର୍ଦ୍ଦନ ସିଂହଙ୍କ ପୁଅ ଶଶଧର ସିଂହ ଯିଏ ବାଡ଼ ଉପାଡ଼ିଛି ତା ନାମରେ ଥାନାରେ ଅଭିଯୋଗ କରିବି ବୋଲି କହୁଥିଲେ। ଇତି ଅବସରରେ ଉକ୍ତ ଗ୍ରାମର ଶୁକୁରା ବେହେରା, ମନୋରଞ୍ଜନ ବେହେରା, ଗାନ୍ଧୀ ବେହେରା, ସୁଦାମ ବେହେରା, ସୁବଳ ବେହେରା ପ୍ରମୁଖ ଏକଯୋଟ ହୋଇ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ ବୋଲି ଶଶଧର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ଗ୍ରାମରେ ଦୋକାନ କରିଥିବା ଶଶଧରଙ୍କ ବଡ଼ ମାଆ ଅନୁସୂୟା ସିଂହ ଅନ୍ୟ ଏକ ଅଭିଯୋଗ କରି ଉକ୍ତ ଗ୍ରାମର ଶତ୍ରୁଘନ ବେହେରା, ରବି ବେହେରା, ଚନ୍ଦ୍ରା ବେହେରା, ଧୁଣ୍ଡ ବେହେରା ପ୍ରମୁଖ ଗୋଷ୍ଠିବଦ୍ଧ ଭାବେ ଆକ୍ରମଣ କରିଥିବା ବେଳେ ତାଙ୍କ ଦୋକାନ ଭଙ୍ଗାରୋଜା କରିଥିବା ଏବଂ ତାଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅନ୍ୟ ବିପକ୍ଷ ଗୋଷ୍ଠୀ ଥାନାରେ ପାଲଟା ଅଭିଯୋଗ କରିଥିବା ଗାଁରେ ଅଶାନ୍ତ ପରିସ୍ଥିତି ଦେଖା ଦେଇଛି।

## ଖଇରା ହାଇସ୍କୁଲରେ ନିଆଁଲିଭା କୌଶଳ ତାଲିମ

ଖଇରା, ୧୩/୪ (ନି.ପ୍ର): ସ୍ଥାନୀୟ ଖଇରା ସରକାରୀ ହାଇସ୍କୁଲରେ ଶନିବାର ନିଆଁଲିଭା କୌଶଳ ସମ୍ପର୍କୀତ ତାଲିମ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପ୍ରଦର୍ଶିତ ହୋଇ ଯାଇଛି । ଜୁନିୟର ରେଡକ୍ରସ, ସ୍କାଉଟଗାଇଡ ଓ ରେଡ୍‌ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀକୁ ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ ଉଦଘାଟନ କରିଥିଲେ । ଜେଆରସିର କାଉନସେଲରନରୋତ୍ତମ ପୁଟି ଓ ସ୍କାଉଟ ଶିକ୍ଷକ ସୁରେନ୍ଦ୍ର ବେଶ୍ରା ପ୍ରଶିକ୍ଷକ ଭାବେ ଉନ୍ନତମାନର ନିର୍ବାପକ ଯନ୍ତ ମାଧ୍ୟମରେ ନିଆଁକୁ ଆୟତ୍ତ କରିବାର କୌଶଳ ପ୍ରଦର୍ଶନ କରିଥିଲେ । ଏଥିସହ ଗ୍ୟାସ ସିଲିଣ୍ଡର କିଣିବା ବେଳେ ଏକ୍ସପାଏରୀ ତାରିଖ ଜାଣିବାର ଉପାୟ ବତାଇଥିଲେ । ବରିଷ୍ଠ ଶିକ୍ଷୟତ୍ରୀ ଜୟନ୍ତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୋଟର ସଚେତନତା ପାଇଁ ସାଇକେଲ ଶୋଭାଯାତ୍ରା



ଭଦ୍ରକ, ୧୩/୪ (ନି.ପ୍ର): ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ମତଦାତାମାନଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ୧୮ ବର୍ଷ ବା ତହିଁରୁ ଉର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଭୋଟର ତାଲିକା ଭୁକ୍ତ କରାଯିବ ଏବଂ ସମସ୍ତ ଭୋଟର ଯେପରି ନିଜ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ ସେ ନେଇ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ । ଏହି ପରିପ୍ରେକ୍ଷୀରେ ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ମତଦାତା ମାନଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ସ୍କୁଲର ପିଲାମାନଙ୍କୁ ନେଇ ଏକ ସାଇକେଲ ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ରାଲିକୁ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଡ଼େପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ଚରଣ ବାରିକ, ଏ.ପି.ଡ଼ି.ଏମ୍. ଆଇ.ଏସ୍. ପ୍ରହ୍ଲାଦ ରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସ୍ୱଳ୍ପ ସଂଚୟ ଅଧିକାରୀ ପଦ୍ମନ ରାୟ, ଡ଼ି.ପି.ଏମ୍. ସଞ୍ଜୟ କୁମାର ବାରିକ ପ୍ରମୁଖଙ୍କ ସହ ଗଣମାଧ୍ୟମ ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ସଂପୃକ୍ତ ବିଭାଗୀୟ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମତଦାତାଙ୍କ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟାନର, ପ୍ଲାକାର୍ଡ଼ ପ୍ରଦର୍ଶନ ପୂର୍ବକ ପିଲାମାନେ ସ୍ଲୋଗାନ ଦେଇ ଭଦ୍ରକ ସହର ମୁଖ୍ୟ ରାସ୍ତାରେ ସାଇକେଲ ରାଲିରେ ଅଂଶ ଗ୍ରହଣ କରିଥିଲେ ।

## ଉଡ଼ା ପର୍ବ ପାଳିତ

ବାଲେଶ୍ୱର, ୧୩/୪ (ନି.ପ୍ର): ଚୈତ୍ର ନବରାତ୍ର ପରଠାରୁ ଓଡ଼ିଶାର ଗ୍ରାମାଞ୍ଚଳରେ ସ୍ଥାନୀୟ ଗ୍ରାମଦେବତୀଙ୍କ ପୂଜା ଉଡ଼ା ପର୍ବ ପାଳିତ ହୋଇଥାଏ। ସେହି କ୍ରମରେ ଆଜି ସିନ୍ଧିଆ ପଞ୍ଚାୟତ ଅନ୍ତର୍ଗତ କୁସୁଡିଆ ଗାଆଁରେ ଗ୍ରାମଦେବତୀଙ୍କ ଉଡ଼ାପର୍ବ ଦେଖିବାକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପହଞ୍ଚି ସାଧାରଣ ଲୋକଙ୍କୁ ଭେଟିଥିଲେ। ଭକ୍ତା ମାନଙ୍କ ଠାରୁ ଆଶିର୍ବାଦ ଗ୍ରହଣ କରି ଅଞ୍ଚଳର ସୁଖ ସମୃଦ୍ଧି ପାଇଁ ମାଆଙ୍କ ଠାରେ ପ୍ରାର୍ଥନା କରିଛନ୍ତି। ସାଂସଦଙ୍କ ସହିତ ସଦର ବିଧାୟିକ ପାର୍ଥୀ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସମିତି ସଭ୍ୟ ଅଞ୍ଜନ ପରିଡ଼ା, ମଣ୍ଡଳ ସଭାପତି କାର୍ତ୍ତିକ ରାଉତ, ପଞ୍ଚାୟତ ସଭାପତି ବିରେନ୍ଦ୍ର ରାଉତ, ୱାର୍ଡ ମେମ୍ବର ବିଜୟ ଦାସ, ସଦର ଗଣମାଧ୍ୟମ ସଂଯୋଜକ ଗୌରାଙ୍ଗ ଦାସ ଉପସ୍ଥିତ ଥିଲେ।

# ମୋ ଘଣ୍ଟିଆଡି ସ୍ମରଣିକାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ



ବାଲିଆପାଳ, ୧୩/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତ ଘଣ୍ଟିଆଡି ଗ୍ରାମରେ' ମୋ ଘଣ୍ଟିଆଡି ସ୍ମରଣୀକା ' ପୁସ୍ତକ ଶୁକ୍ରବାର ସନ୍ଧ୍ୟାରେ ଲୋକନାଥ ମନ୍ଦିରର ପ୍ରାଙ୍ଗଣରେ ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତି , ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅନାଦି ଚରଣ ଗିରି, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ରଜନୀ କାନ୍ତ ଜେନା , ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ବେହେରା , ବରେଣ୍ୟ ଅତିଥି ଭାବରେ ଶିକ୍ଷକ ପରମାନନ୍ଦ ବାରିକ୍ , ଗ୍ରାମବାସୀ ଅଜୟ କୁମାର ଦାସ, ନବୀନ କୁମାର ଦାସ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ଜୟନ୍ତ କୁମାର ମହାନ୍ତି , ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ସୁଶୀଳ କୁମାର ଦାସ, ଅଭିଳାଷ ପାଠୀ, ବେଣୁଧର ଜେନା, ପିତାମ୍ବର ଦାସ ପ୍ରମୁଖ ଯୋଗଦେଇ ଡଃ ମହାନ୍ତିଙ୍କର ଏଭଳି କାମକୁ ଏକ ଯୁଗାନ୍ତକାରୀ ପଦକ୍ଷେପ କହିବା ସହିତ ତାଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ଗ୍ରାମରେ ସଂସ୍କୃତି ପରମ୍ପରା, ବଂଶାନୁବଳୀ,ଅତୀତର ଗାଥା, ଓ ଭାତୃ ଭାବର ପରିପ୍ରକାଶକୁ ଏହି ପୁସ୍ତକରେ ଲିପି ବଧ କରାଯାଇଛି ।ପ୍ରତ୍ୟେକ ଗ୍ରାମର ଇତିହାସକୁ ଜାଣିବା ଭବିଷ୍ୟତ ପୀଢ଼ି ପାଇଁ ଏକ ଉଚ୍ଚମାନର ଚିନ୍ତାଧାରା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିଥି ପରିଚୟ ଶ୍ରୀଯୁକ୍ତ ମହାନ୍ତି କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo